


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୪ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 04 OCTOBER 2021

Vol.No. 32 ■ No. 253 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଡ୍ରଗ୍ସ ପାର୍ଟି ମାମଲାରେ ଶାହାରୁଖ ଖାନଙ୍କ ପୁଅ ଆର୍ଯ୍ୟନ୍ ଗିରଫ



ମୁମ୍ବାଇ,୦୩/୦୯: ମୁମ୍ବାଇରୁ ଗୋଆ ଯାଉଥିବା ଏକ ଲକ୍ସଜରୀ କ୍ରୁଜରେ ରେଭ୍ ପାର୍ଟି ଘଟଣାରେ ଗିରଫ ହୋଇଛନ୍ତି ବଲିଉଡର କିଙ୍ଗ୍ ଖାନ୍ ଶାହାରୁଖଙ୍କ ପୁଅ ଆର୍ୟାନ ଖାନ୍ । ଦୀର୍ଘ ସମୟ ଧରି ପଚରାଉଚରା ପରେ ଗିରଫ କରିଛି ଏନସିବି । ତେବେ ପୂର୍ବରୁ ଏନସିବି ମୁଖ୍ୟ ତଥା ଓଡ଼ିଆ ପୁଅ ସତ୍ୟନାରାୟଣ ପ୍ରଧାନ ପ୍ରତିକ୍ରିୟାରେ କହିଥିଲେ କି ସିଏ ଯିଏ କେହି ବି ହୁଅନ୍ତୁ ଯେତେବଡ଼ ଲୋକଙ୍କ ହୁଅନ୍ତୁ ପଛେ କାହାକୁ ଛଡ଼ାଯିବନି । ସମସ୍ତେ ତଦନ୍ତ ପରିସରଭୁକ୍ତ ହେବେ । କାରଣ ଡ୍ରଗ୍ସମୁକ୍ତ ଭାରତ ଆମର ଲକ୍ଷ୍ୟ । ୮ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିଲା ଏନସିବି । ଏବଂ ବଲିଉଡ ଲିଙ୍କ୍ ନେଇ ଅଧିକ ଖୋଳତାଡ଼ ଆଗକୁ ହେବ ବୋଲି ଏନସିବି ମୁଖ୍ୟ କହିଛନ୍ତି । କାରଣ ଏହି ଡ୍ରଗ୍ସ ରେଭ୍ ପାର୍ଟି ଦ୍ୱାରା ଯୁବବର୍ଗ ଏହାପ୍ରତି ଆକର୍ଷିତ ହେଉଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଓଡ଼ିଆ ପୁଅ ତଥା ଏନସିବି ମୁଖ୍ୟ ସତ୍ୟନାରାୟଣ ପ୍ରଧାନ କହିଛନ୍ତି । ଅନ୍ୟପଟେ ବଲିଉଡର ସୁପରଷ୍ଟାର ଶାହାରୁଖ ଖାନଙ୍କ ପୁଅ ଅର୍ୟାନ୍ ଖାନଙ୍କୁ ପଚରାଉଚରା ବେଳେ ଆର୍ୟାନ କହିଥିଲେ କି, ମୋତେ କେବଳ ଜଣେ ଅତିଥି ଭାବେ ନିମନ୍ତ୍ରଣ ମିଳିଥିଲା ମୁଁ ସେଥିପାଇଁ ସାମିଲ ହୋଇଥିଲି । ଏଥିପାଇଁ ମୁଁ କୌଣସି ଟଙ୍କା ଦେଇନଥିବା କହିଛନ୍ତି ଶାହାରୁଖଙ୍କ ପୁଅ । ଉତ୍ତର ସନ୍ତୁଷ୍ଟିଜନକ ନହେବାରୁ ଶାହାରୁଖଙ୍କ ପୁଅ ଆର୍ଯ୍ୟାନଙ୍କ ମୋବାଇଲ୍ ଫୋନ୍ ଜବତ କରି ତାଙ୍କ ଚାଟ୍ ହିଷ୍ଟ୍ରିକୁ ଯାଞ୍ଚ କରୁଥିଲା ଏନସିବି ।

# ପିପିଲିରେ ବିଜେଡିର ବାଜିମାତ୍

## ୨୦ ହଜାରରୁ ଅଧିକ ଭୋଟ୍‌ରେ ଜିତିଲେ ରୁଦ୍ର ମହାରଥୀ



ଭୁବନେଶ୍ୱର,୦୩/୦୯(ନି.ପ୍ର): ପିପିଲିରେ ପୁଣି ବାଜିଲା ଶଙ୍ଖ। ପିପିଲି ଉପନିର୍ବାଚନରେ ବିଜେଡି ବିପୁଳ ଭୋଟ୍ ରେ ବିଜୟୀ ହୋଇଛି। ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ର ପ୍ରତାପ ମହାରଥୀ ୨୦ ହଜାରରୁ ଅଧିକ ଭୋଟ୍ ରେ ବିଜୟୀ ହୋଇଛନ୍ତି। ରୁଦ୍ର ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ୨୦,୯୧୬ ଭୋଟ୍‌ରେ ପରାଜିତ କରିଛନ୍ତି। ରୁଦ୍ର ପ୍ରତାପ ମହାରଥୀଙ୍କୁ ୯୬,୯୭୨ ଖଣ୍ଡ ଭୋଟ ମିଳିଛି। ବିଜେପି ର ଆଶ୍ରିତ ପଟ୍ଟନାୟକଙ୍କୁ ୭୬,୦୫୬ ଖଣ୍ଡ ଭୋଟ୍ ମିଳିଥିବା ବେଳେ ୩ୟ ସ୍ଥାନରେ କଂଗ୍ରେସର ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ରଙ୍କୁ ୪,୨୬୧ ଭୋଟ୍ ମିଳିଛି। ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ ଏହି ସୂଚନା ଦେଇଛନ୍ତି। ତେବେ ରିଟର୍ଣ୍ଣିଂ ଅଫିସର ବିଧିବଦ୍ଧ ଘୋଷଣା କରିବେ। ରୁଦ୍ରଙ୍କ ବିଜୟ ପରେ ବିଜେଡି ଶିବିରରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ରେକର୍ଡ ଭୋଟ୍ ବ୍ୟବଧାନରେ ଜିତିଥିବାରୁ ବିଜେଡିର ଖୁସି ଦ୍ୱିଗୁଣିତ ହୋଇଛି। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସ୍ୱର୍ଗତ ପ୍ରଦୀପ ମହାରଥୀ ୮୮,୫୧୮ ଖଣ୍ଡ ଭୋଟ୍ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ୭୮,୭୩୧ ଭୋଟ୍ ପାଇଥିଲେ। ସେତେବେଳେ ବିଜେଡି-ବିଜେପି ଭୋଟ୍ ବ୍ୟବଧାନ ୯,୭୮୭ ରହିଥିବା ବେଳେ ଉପନିର୍ବାଚନରେ ୨୦ ହଜାରରୁ ଅଧିକ ଭୋଟ୍ ରେ ବିଜେଡି ବିଜୟୀ ହୋଇଛି। ସବୁଠାରୁ ବଡ କଥା ହେଉଛି ବିଜେଡି ଗଡ ଭାବେ ଜଣା ପିପିଲି ମାଟିରେ ବିଜେଡି ତାର ବିଜୟ ଧାରା ଜାରି ରଖିଛି। ଗତ ୨୦୦୦ ମସିହା ଠାରୁ ବିଜେଡି ପିପିଲିରେ ଜିତି ଆସୁଛି। ଗୁରୁବାର ଦିନ ଭୋଟ୍ ଗ୍ରହଣ ପରେ ରବିବାର ସକାଳ ୮ଟାରୁ ପୁରୀର ପେଣ୍ଟକଟାସ୍ଥିତ ୱେୟାର ହାଉସ୍ ଠାରେ ଭୋଟ୍ ଗଣତି ଆରମ୍ଭ ହୋଇଥିଲା। ମୋଟ୍ ୨୬ଟି ରାଉଣ୍ଡରେ ଗଣତି ହୋଇଥିବା ବେଳେ ଆରମ୍ଭରୁ ହିଁ ବିଜେଡି ଆଗୁଆ ରହିଥିଲା। ଉପନିର୍ବାଚନରେ ମୋଟ୍ ୭୮.୨୫% ମତଦାନ ହୋଇଥିଲା। ମୋଟ୍ ୧,୮୦,୯୩୦ ଖଣ୍ଡ ଭୋଟ୍ ପଡିଥିବା ବେଳେ ସେଥିରୁ ୧୮୦୦୩୭ ଖଣ୍ଡ ଇଭିଏମ୍ ଓ ୮୯୩ ଖଣ୍ଡ ଭୋଟ୍ ପୋଷ୍ଟାଲ ବାଲାଟ୍‌ରେ ପଡିଥିଲା। ସେଥିରୁ ବିଜେଡିକୁ ୫୩.୬ ପ୍ରତିଶତ ଅର୍ଥାତ୍ ୯୬,୯୭୨ ଭୋଟ୍ ମିଳିଥିବା ବେଳେ ବିଜେପିକୁ ୪୨.୦୪ ପ୍ରତିଶତ ଅର୍ଥାତ୍ ୭୬,୦୫୬ ଓ କଂଗ୍ରେସକୁ ୨.୩୬ ପ୍ରତିଶତ ଅର୍ଥାତ୍ ୪,୨୬୧ ଭୋଟ୍ ମିଳିଛି। ସେହିପରି ନୋଟାରେ ୮୩୧ ଖଣ୍ଡ ଭୋଟ୍ ପଡିଛି ▶▶ପୃଷ୍ଠା ୭

## ଆସନ୍ତା ୫ରେ ଲକ୍ଷ୍ନୌ ଆସିବେ ମୋଦୀ

ଲକ୍ଷ୍ନୌ,୦୩/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୫ ତାରିଖରେ ଲକ୍ଷ୍ନୌ ଆସିବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କାର୍ଯ୍ୟକ୍ରମର ପ୍ରସ୍ତୁତି ସମୟ ପୂର୍ବରୁ ସାରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଥିବା ସମସ୍ତଙ୍କର କୋଭିଡ୍ ଆରଟିପିସିଆର ଟେଷ୍ଟ କରାଯିବା ନେଇ ସୁନିଶ୍ଚିତ କରାଯିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଥିବା ସାମ୍ବାଦିକ ମାନଙ୍କର ମଧ୍ୟ ଆରଟିପିସିଆର ଟେଷ୍ଟ କରାଇବାକୁ ବାଧ୍ୟତାମୂଳକ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦି 'ବଦଲତେ ନଗରିୟ ପରିବେଶ' ସମ୍ବନ୍ଧୀୟ କାର୍ଯ୍ୟକ୍ରମର ଉଦଘାଟନ କରିବାକୁ ଆସନ୍ତା ୫ ତାରିଖରେ ଲକ୍ଷ୍ନୌ ଆସିବେ । ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଇନ୍ଦିରା ଗାନ୍ଧି ପ୍ରତିଷ୍ଠାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ ।

## ଝାଡ଼ଖଣ୍ଡରେ ପିଲାଙ୍କ ପାଇଁ ନାହିଁ ଓଡ଼ିଆ ବହି

ଭୁବନେଶ୍ୱର,୦୩/୦୯(ନି.ପ୍ର): ଝାଡଖଣ୍ଡରେ ଓଡିଆ ଭାଷାଭାଷି ଅଞ୍ଚଳରେ ଓଡିଆ ପାଠପଢ଼ା ବନ୍ଦ ହୋଇଯିବାକୁ ନେଇ ଆଶଙ୍କା ଭିତରେ ଗ୍ରାଉଣ୍ଡ ଜିରୋରେ ପହଞ୍ଚିଥିଲା କନକ ନ୍ୟୁଜ୍ ଟିମ୍ । ଝାଡଖଣ୍ଡରେ ଥିବା ଓଡିଆ ସ୍କୁଲରେ କେମିତି ପାଠପଢ଼ା ଚାଲିଛି ଓ କଣ ରହିଛି ସମସ୍ୟା ସ୍ଥିତି ପରଖୁଛି ଆମ ଟିମ୍ । ସ୍କୁଲରେ ଶୋଭା ପାଉଛି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି । ▶▶ପୃଷ୍ଠା ୭

# ଭବାନୀପୁରରେ ଜିତିଲେ ମମତା ବାନାର୍ଜୀ



କୋଲକାତା,୦୩/୦୯ (ନି.ପ୍ର): ଭବାନୀପୁର ବିଧାନସଭା ଆସନରେ ଅନୁଷ୍ଠିତ ଉପ-ନିର୍ବାଚନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୫୮,୮୩୨ ଭୋଟରେ ବିଜୟୀ ହୋଇଛନ୍ତି। ଏହି ଆସନରେ ବିଜେପି ପ୍ରିୟଙ୍କା ଟିବ୍ରେୱାଲଙ୍କୁ ପ୍ରାର୍ଥୀ କରିଥିଲା। ନିର୍ବାଚନ ଫଳାଫଳ ପରେ ପ୍ରିୟଙ୍କା ଟିବ୍ରୁୱାଲ ନିଜକୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବୋଲି କହିଛନ୍ତି। ସେ କହିଛନ୍ତି ଯେ ସେ ମମତା ବାନାର୍ଜୀଙ୍କ ଗଡ଼ରେ ନିର୍ବାଚନ ଲଢ଼ିଛନ୍ତି। ମମତା ୧ ଲକ୍ଷ ଭୋଟରେ ଜିତିବେ ବୋଲି ଦାବି କରିଥିଲେ କିନ୍ତୁ ସେ ସଫଳ ହେଲେ ନାହିଁବୋଲି ପ୍ରିୟଙ୍କା କହିଛନ୍ତି। ଏହି ବିଜୟ ପରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ମୁଁ ଭବାନୀପୁର ବିଧାନସଭା ଉପ-ନିର୍ବାଚନରେ ୫୮,୮୩୨ ଭୋଟ ବ୍ୟବଧାନରେ ଜିତିଛି ଏବଂ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ୱାର୍ଡରେ ଜିତିଛି। ବେଙ୍ଗଲ ନିର୍ବାଚନ ଆରମ୍ଭ ହେବା ପରଠାରୁ ଆମ ଦଳ ବିରୋଧରେ ଅନେକ ଷଡ଼ଯନ୍ତ୍ର ହୋଇଥିଲା । ଆମକୁ ହଟାଇବାକୁ କେନ୍ଦ୍ର ସରକାର ଷଡଯନ୍ତ୍ର କରିଥିଲେ, କିନ୍ତୁ ଲୋକମାନେ ମୋତେ ଜିତାଇଥିବାରୁ ମୁଁ କୃତଜ୍ଞ। ଏହା ସହ ସେ କହିଛନ୍ତି ଯେ ନିର୍ବାଚନରେ ଯେପରି ପ୍ରତିଦ୍ୱନ୍ଦ୍ୱିତା କରିପାରିବୁ ନାହିଁ ସେଥିଲାଗି କିକି ଷଡଯନ୍ତ୍ର କରାଯାଇନଥିଲା। ମୁଁ ମଧ୍ୟ ଗୋଡରେ ଆଘାତ ପାଇଛି । ତେଣୁ ଆମେ ତା'ପରେ ଉପ-ନିର୍ବାଚନ ଆସିଲା। ନିର୍ବାଚନ ଠିକ ସମୟରେ ଘୋଷଣା କରିଥିବାରୁ ନିର୍ବାଚନ ଆୟୋଗଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। 'ଅପରପକ୍ଷରେ ପରାଜୟ ପରେ ପ୍ରିୟଙ୍କା କହିଛନ୍ତି, 'ଯଦିଓ ସେ ଏହି ନିର୍ବାଚନରେ ଜିତିଛନ୍ତି, ତଥାପି ମୁଁ ଏହି ଖେଳର ମ୍ୟାନ୍ ଅଫ୍ ନି ମ୍ୟାଚ୍ ଅଟେ କାରଣ ମୁଁ ମମତା ବାନାର୍ଜୀଙ୍କ ଗଡ଼କୁ ଯାଇ ପ୍ରତିଦ୍ୱନ୍ଦ୍ୱିତା କରି ୨୫,୦୦୦ ରୁ ଅଧିକ ଭୋଟ୍ ପାଇଛି।

# ବିଧାୟକ ମାନଙ୍କୁ ମିଳିଲା ଶିକ୍ଷକ ବଦଳି କ୍ଷମତା

ଭୁବନେଶ୍ୱର,୦୩/୦୯(ନି.ପ୍ର): ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକଙ୍କ ବଦଳି ନେଇ ଥିବା କଟକଣାକୁ ରାଜ୍ୟ ସରକାର କୋହଳ କରିଛନ୍ତି । ୨୦୨୧-୨୨ ଶିକ୍ଷା ବର୍ଷ ପାଇଁ ଶିକ୍ଷକ ବଦଳି ପ୍ରକ୍ରିୟାରେ ବିଧାୟକମାନଙ୍କୁ ସାମିଲ କରାଯାଇଛି । ଜଣେ ବିଧାୟକ ଚାହିଁଲେ ୧୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ସୁପାରିସ କରିପାରିବେ । ତେବେ ଏଥିପାଇଁ କେତେକ ନିୟମ ପାଳନ କରିବାକୁ ପଡ଼ିବ । କେବଳ ଜିଲ୍ଲା ଭିତରେ ଶିକ୍ଷକ ମାନଙ୍କ ବଦଳି ନେଇ ସୁପାରିଶ କରିପାରିବେ ବିଧାୟକ । ଗ୍ରାମାଂଚଳରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସହରାଂଚଳ ବିଦ୍ୟାଳୟକୁ ବଦଳି ପାଇଁ ଅନୁମତି ଦିଆଯିବ ନାହିଁ । ନାମ ସୁପାରିସ ସମୟରେ ଏହି ନିୟମ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି । ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷକଙ୍କ ବଦଳି ନେଇ ପୂର୍ବରୁ କଡ଼ା କଟକଣା ଥିଲା । କେବଳ ଚଳିତ ଶିକ୍ଷାବର୍ଷ ପାଇଁ ରାଜ୍ୟ ସରକାର ଏହି ନିୟମ ପରିବର୍ତ୍ତନ କରିଛନ୍ତି ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କୋଭିଡ ପଜିଟିଭ, ଏମସ୍ ସ୍ଥାନାନ୍ତର



ଭୁବନେଶ୍ୱର,୦୩/୦୯ (ନି.ପ୍ର): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ କୋଭିଡ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏସମ୍ପର୍କରେ ସାଂସଦ ଶ୍ରୀ ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ଟୁଇଟ୍ କରିଛନ୍ତି ସେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଏବଂ ବର୍ତ୍ତମାନ ସେ ଡାକ୍ତରଙ୍କ ପରାମର୍ଶକ୍ରମେ ଭୁବନେଶ୍ୱର ଏମସ୍ ରେ ଭର୍ତ୍ତି ହେବାକୁ ଯାଉଛନ୍ତି। ଏଥିସହ ନିକଟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ନିଜକୁ ସଂଗରୋଧରେ ରଖିବାକୁ ସେ ଅନୁରୋଧ କରିଛନ୍ତି। ପ୍ରତାପ ଷଡ଼ଙ୍ଗୀ ଦୀର୍ଘଦିନ ଥଣ୍ଡା ରେ ପୀଡିତ ପରେ ଅସୁସ୍ଥ ଅନୁଭବ କରିବାରୁ ପରୀକ୍ଷା କରାଇଥିଲେ। ଆଜି ତାଙ୍କର କୋଭିଡ୍ ଟେଷ୍ଟ ରିପୋର୍ଟ ପଜିଟିଭ ଥିବା ବାଲେଶ୍ୱର ଚିକିତ୍ସା ଅଧିକାରୀ ଜଣାଇ ଥିଲେ। ତାଙ୍କୁ ଉତମ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ରେ ଏମସ୍ ସ୍ଥାନାନ୍ତର କରାଯାଇଛି। ତାଙ୍କର ଶୁଭେଚ୍ଛୁ ଓ ଦଳୀୟ କର୍ମୀମାନେ ସୁସ୍ଥ ନିରାମୟ ଜୀବନ କାମନା କରିଛନ୍ତି।

# ୧୫ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା



ଭୁବନେଶ୍ୱର,୦୩/୦୯ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ, ଗଜପତି ଓ ଗଞ୍ଜାମ ଆଦି ଜିଲ୍ଲାର କେତେକ ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି। ଏହିସମୁ ଜିଲ୍ଲାଗୁଡିକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହିତ ଉପକୂଳ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଅକ୍ଟୋବର ୪ରୁ ୫ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଓ ଢ଼େଙ୍କାନାଳ ଆଦି ଜିଲ୍ଲା ର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅକ୍ଟୋବର ୫ରୁ ୬ ତାରିଖ ମଧ୍ୟରେ ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ, କନ୍ଧମାଳ, ନବରଙ୍ଗପୁର, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାର ବି ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ଝାରଖଣ୍ଡ : ସିଂହଭୂମରେ ଭୂମିକମ୍ପର ଝଟକା, ତୀବ୍ରତା ୪.୧

ରାଂଚି,୦୩/୦୯ (ନି.ପ୍ର): ଝାରଖଣ୍ଡର ସିଂହଭୂମ ଜିଲ୍ଲାରେ ରବିବାରର ମଧ୍ୟାହ୍ନ ପାଖାପାଖି ଦୁଇଟା ୨୨ ମିନିଟ୍‌ରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା। ଭୂକମ୍ପର ଝଟକା ପରେ ଲୋକମାନେ ଘରୁ ବାହାରକୁ ବାହାରିଗଲେ। ରାଷ୍ଟ୍ରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ଅନୁଯାୟୀ ଭୂକମ୍ପର ତୀବ୍ରତା ୪.୧ ମପାଯାଇଛି। ତେବେ ଭୂକମ୍ପରେ କୌଣସି ପ୍ରକାର କ୍ଷୟକ୍ଷତି ହେବାର ସୂଚନା ମିଳିନାହିଁ। ନେସନାଲ ସେଂଟର ଫର୍ ସିସ୍ମୋଲୋଜି ଅନୁଯାୟୀ ରାଜ୍ୟର ସିଂହଭୂମ ▶▶ପୃଷ୍ଠା ୭

# ନିରଂଜନଙ୍କୁ ହଟାଇବାକୁ କଂଗ୍ରେସ ଭବନ ଆଗରେ ନାରାବାଜି



ଭୁବନେଶ୍ୱର,୦୩/୦୯(ନି.ପ୍ର): ପିସିସି ସଭାପତିଙ୍କୁ ହଟାଇବା ପାଇଁ ପୁଣି ଦାବି ଉଠିଛି। ରବିବାର ଦିନ କିଛି ଅସନ୍ତୁଷ୍ଟ କଂଗ୍ରେସ କର୍ମୀ କଂଗ୍ରେସ ଭବନ ଆଗରେ ପିସିସି ସଭାପତିଙ୍କୁ ହଟାଇବାକୁ ନାରାବାଜି କରିଥିଲେ । ପିପିଲି ଉପନିର୍ବାଚନରେ କଂଗ୍ରେସର ଶୋଚନୀୟ ପ୍ରଦର୍ଶନ ପରେ ରବିବାର ଅପରାହ୍ଣରେ ଅସନ୍ତୁଷ୍ଟ ଗୋଷ୍ଠୀ ପକ୍ଷରୁ ନିରଞ୍ଜନ ହଟାଅ ଓ କଂଗ୍ରେସ ବଂଚାଅ ନାରା ଦେଇ କଂଗ୍ରେସ ଭବନ ଆଗରେ ବିକ୍ଷୋଭ କରିଛନ୍ତି। ନିରଞ୍ଜନ ପୁରୁଣା କର୍ମୀଙ୍କ ପ୍ରତି ହତାଦାର କରିଛନ୍ତି। କିନ୍ତୁ ବାହାରୁ ଆସିଥିବା ଲୋକଙ୍କୁ ଗୁରୁତ୍ୱ ଦେଉଛନ୍ତି। କଂଗ୍ରେସ ଭବନ ଆସୁ ନାହାନ୍ତି କି କୌଣସି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ମଧ୍ୟ କରୁନାହାନ୍ତି। ପିପିଲି, ବାଲେଶ୍ୱର, ତିର୍ତୋଲରେ ନିରଞ୍ଜନ ଟିକେଟ୍ ବିକିଥିବା ଅଭିଯୋଗ ମଧ୍ୟ କରିଛନ୍ତି। ପୁଣି ଶାସକ ଦଳ ସହ ବୁଝାମଣା କରିଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ଦଳୀୟ କର୍ମୀ। ଆଉ ନିରଞ୍ଜନଙ୍କ ବିରୋଧରେ ଏ ଆନ୍ଦୋଳନ ଦିଲ୍ଲୀ ପର୍ଯ୍ୟନ୍ତ ଯିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି କର୍ମୀ।

# ଚାଷୀଙ୍କ ଉପରେ ଚଢିଗଲା କାର୍ : ୮ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ, ୦୩/୦୯: ଉତରପ୍ରଦେଶରେ ଆନ୍ଦୋଳନକାରୀ ଚାଷୀଙ୍କ ଉପରେ ଗାଡି ଚଢ଼ାଇ ମାରି ଦେଇଥିବା ଅଭିଯୋଗ ହୋଇଛି । ଯେଉଁଥିରେ ୪ ଆନ୍ଦୋଳନକାରୀଙ୍କର ମୃତ୍ୟୁ ଘଟିଥିବା ବେଳେ କାର ଭିତରେ ଥିବା ଚାରି ଜଣଙ୍କର ମୃତ୍ୟୁ ଘଟିଛି । ଯପି ପୁଲିସ ଏହି ସୂଚନା ଦେଇଛି । ସୂଚନା ଅନୁସାରେ ଉତର ପ୍ରଦେଶର ଖେରୀ ଗସ୍ତରେ ଯାଉଥିଲେ ୟୁପିର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟା ଓ କେନ୍ଦ୍ର ଗୃହରାଜ୍ୟ ମନ୍ତ୍ରୀ ଅଜୟ କୁମାର ମିଶ୍ର । ଦୁଇ ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିଥିଲେ କୃଷି ଆଇନ ବିରୋଧ କରୁଥିବା ଚାଷୀ ସଂଗଠନ । ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଅଜୟଙ୍କ ପୁଅ ଆଶିଷ ମିଶ୍ରଙ୍କ କାରକେଡ ଯାଉଥିଲା । ଯାହାକୁ ଅଟକାଇବାକୁ ଚେଷ୍ଟା କରିଥିଲେ ଆନ୍ଦୋଳନକାରୀ ଚାଷୀ । ଆନ୍ଦୋଳନକାରୀ ଆଶିଷଙ୍କ କାର ଉପରକୁ ପଥର ମାଡ କରିଥିଲେ । ତାପରେ ଆଶିଷ ଆନ୍ଦୋଳନାକାରୀଙ୍କ ଉପରେ କାର ମଡାଇ ଦେଇଥିବା ଅଭିଯୋଗ ହୋଇଛି । କାର ମାଡିଯିବାରୁ ୪ ଆନ୍ଦୋଳନକାରୀ ଚାଷୀଙ୍କର ମୃତ୍ୟୁ ହୋଇଥିବା କହିଛି ଚାଷୀ ସଂଗଠନ । ଅନ୍ୟପଟେ ଉତ୍ୟକ୍ତ ଲୋକେ ମନ୍ତ୍ରୀଙ୍କ ପୁଅକୁ କାରକେଡ ଉପରକୁ ଆକ୍ରମଣ କରିଥିଲେ । ଏଥିରେ ଚାରି ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି ।

# ୱାନ୍ ଷ୍ଟପ୍ ସେଣ୍ଟରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ




ଭଦ୍ରକ,୩/୧୦ (ନି.ପ୍ର): ଭଦ୍ରକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଫେଲୋସିପ୍' ଦ୍ୱାରା ପରିଚାଳିତ ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ତୃତୀୟ ବାର୍ଷିକ ପ୍ରତିଷ୍ଠା ସମାରୋହ ଆଜି ସେଣ୍ଟର ସଭାଗୃହରେ ପଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ 'ଡାଲ୍‌ସା' ସେକ୍ରେଟାରୀ ସମାପିକା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ଚରଣ ଦାସ, ପୂର୍ବତନ ପ୍ରଶାନିକ ଅଧିକାରୀ ପଦ୍ମନ ରାୟ, ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ସେଣ୍ଟର ଆଡମିନିଷ୍ଟ୍ରେଟର ପୁଷ୍ପାଞ୍ଜଳି ବେହେରା, ରାଧାରାଣି ମହପାତ୍ର, ବିଧିବକ୍ତା ଅମର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସମାଜରେ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଘରୋଇ ହିଂସା, ନିର୍ଯାତନା, କିଶୋରୀ ବାଳିକା ନାବାଳିକାଙ୍କ ବିଭିନ୍ନ ପ୍ରକାରର ନିର୍ଯାତନାର କିପରି ସମାଧାନ କରାଯାଇ ପାରିବ ସେ ସମ୍ପର୍କରେ ଅତିଥିମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସେଣ୍ଟର ଆଡ୍‌ମିନିଷ୍ଟ୍ରେଟର ପୁଷ୍ପାଞ୍ଜଳି ବେହେରା 'ସଖୀ' ସେଣ୍ଟରର ଲକ୍ଷ୍ୟ, କାର୍ଯ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ୨୦୧୯ ମସିହାରୁ ଭଦ୍ରକରେ କାର୍ଯ୍ୟକ୍ଷମ ହୋଇଥିବା ଏହି ସଂସ୍ଥା ମାଧ୍ୟମରେ ମୋଟ କେତେ ଗୋଟି ମାମଲାର ସମାଧାନ ହୋଇଛି, ଏ ଦିଗରେ ପ୍ରଶାସନ, ପୁଲିସର ସହଯୋଗ, ବିଧିବକ୍ତାଙ୍କ ପରାମର୍ଶ ସହିତ ସେଣ୍ଟର କାଉନେସଲର ମାନଙ୍କ ଭୂମିକା ସମ୍ପର୍କରେ ନିର୍ଦ୍ଦେଶକ ଶ୍ରୀଯୁକ୍ତ ମହାନ୍ତି ଅବତାରଣା କରିଥିଲେ। କାର୍ଯ୍ୟକ୍ରମକୁ ୱାନ୍ ଷ୍ଟପ ସେଣ୍ଟରର କର୍ମକଚାରୀ ପରିଚାଳନା କରିଥିଲେ।

# ସାଂସ୍କୃତିକ ଫାଉଣ୍ଡେସନର ବୟସ୍କ ଦିବସ: ସଂସଦର କବିତା ପାଠ ଓ ସମ୍ବର୍ଦ୍ଧନା ସଭା

କୋରାଇ,୩/୧୦ (ନି.ପ୍ର): କୋରାଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ନନ୍ଦ କିଶୋର ସିଂହ ପଲ୍ଲୀ ବିକାଶ ସାଂସ୍କୃତିକ ଫାଉଣ୍ଡେସନ ଦ୍ୱାରା ଶନିବାର ଧନେଶ୍ୱର ପଂଚାୟତର ମୃତ୍ୟୁଞ୍ଜୟପୁର ସ୍ଥିତ ହିଙ୍ଗୁଳା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇଥିଲା। ସଂସଦର କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଶିବଚରଣ ମାଝୀଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ସଂସଦର ସଂପାଦକ ପଣ୍ଡିତ ଡ଼କ୍ଟର ସୂର୍ଯ୍ୟମଣି ଖୁଂଟିଆ ଫାଉଣ୍ଡସନର ଆଭିମୁଖ୍ୟ ସଂପର୍କରେ ସୂଚନାଦେବା ସହ ମଂଚପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଯୋଗଦେଇ ଆମେ ଗୁରଜନ ତଥା ବୟସ୍କଙ୍କ ପ୍ରତି ଭକ୍ତି ପୂର୍ବକ କର୍ତବ୍ୟ ପାଳନ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଗୋକୁଳାନନ୍ଦ ବିଶ୍ୱାଳ ଓ ସମ୍ମାନୀତ ଅତିଥିଭାବେ ପାଣିକୋଇଲି ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ନିହାର ରଞ୍ଜନ ଦାସ ଯୋଗଦେଇଥିଲା ବେଳେ ପ୍ରାଧ୍ୟାପକ ଅକ୍ଷୟକୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନକରାଯିବା ସହ ଦୁଇ ଜନନାୟକ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ତୈଳଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷିରେ ଦିବଂଗତ ସାହିତ୍ୟିକା ଡ. ମନୋରମା ମହାପାତ୍ର, ପ୍ରଫୁଲ୍ଲ ସାହାଣୀ, ସାମ୍ବାଦିକ ଅରିନ୍ଦମ ଦାସ ଓ ଶିକ୍ଷାବିତ ଶେଖ ଇଦ୍ରିସ ମହମ୍ମଦଙ୍କ ସ୍ମୃତିଚାରଣ କରାଯାଇଥିଲା। ସଂସଦସର କାର୍ଯ୍ୟକାରୀ ସଂପାଦକ ଦୟାନିଧି ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଚଳିତବର୍ଷର 'ଶ୍ରୀ ଜୟଦେବ ଉତ୍ସବ ସମ୍ମାନ' ଚଳଚିତ୍ର ନିର୍ଦ୍ଦେଶକ ନରୋତମ ପରିଡାଙ୍କୁ ପ୍ରଦାନ କରାଯାଇଥିଲା ବେଳେ 'ସ୍ୱର୍ଗତ କିଶୋରଚନ୍ଦ୍ର ଦାସ କଳା ସମ୍ମାନ' ବିଶିଷ୍ଟ ଶାସ୍ତ୍ରୀୟ ସଂଗୀତ ଗାୟକ ଡକ୍ଟର ରଘୁନାଥ ସାହୁ, 'ଗାୟକ ନଟରାଜ କଳା ସମ୍ମାନ' ପାଲା ପାଳିଆ କେଶବ ଚନ୍ଦ୍ର ତରେଇଙ୍କୁ ଦିଆଯାଇଥିଲା ବେଳେ 'ବୟସ୍କ ଦିବସ ସମ୍ମାନ'ରେ ଗାଳ୍ପିକ ତଥା ପତ୍ରିକା ସଂପାଦକ ବନମାଳୀ ସେନାପତି ଓ ବିଶିଷ୍ଟ କଣ୍ଠ ଶିଳ୍ପୀ ସନ୍ତୋଷକୁମାର ପଣ୍ଡା ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ସହ ଅଙ୍ଗବସ୍ତ୍ର ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଂଚରେ ଅଶୋକ କୁମାର ପତିଙ୍କ ପୁସ୍ତକ 'ସତ ଅନକେ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଫାଉଣ୍ଡେସନର ଟ୍ରଷ୍ଟିସଦସ୍ୟ ଡକ୍ଟର ଅଶୋକ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ପ୍ରଥମ ଅଧିବେଶନ କବିତା ପଠୋତ୍ସବ ସଂସଦର ଉପସଭାପତି ବିନୋଦବିହାରୀ ସାହୁଙ୍କ ସଭାପତିତ୍ୱ କରିଥିଲା ବେଳେ ଅତିଥିଭାବେ ପଣ୍ଡିତ ଅକ୍ଷୟକୁମାର ଦାଶ, 'ଚିରନ୍ତନୀ'ର ସଂପାଦିକା ସଂଯୁକ୍ତା ମହାପାତ୍ର, କୋରାଇ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡକ୍ଟର ମୋହନ ଚରଣ ଖୁଂଟିଆ ଓ ପ୍ରାଧ୍ୟାପକ ଶିବଚରଣ ମାଝୀ ଯୋଗଦେଇଥିଲେ। ସହସଂପାଦକ ଅକ୍ଷୟକୁମାର ବାରିକ ମଂଚପରିଚାଳନା କରିଥିଲା ବେଳେ ସଂସଦର ସାଂସ୍କୃତିକ ସଂପାଦକ ବ୍ୟଙ୍ଗକବି ବାଇଧର ମାଝୀ ଓ କବିୟତ୍ରୀ ସଂଧ୍ୟାରାଣୀ ଘଡାଇଙ୍କ ସଂଯୋଜନାରେ ୫୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ।

## କରଦା ଗାନ୍ଧୀପୀଠରେ ଗ୍ରାମ ସଭା ଓ ବାପୁଙ୍କୁ ଶ୍ରଦ୍ଧାଞ୍ଜଳୀ

କୋରାଇ,୩/୧୦ (ନି.ପ୍ର): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ କରଦା ଗ୍ରାମ ପଂଚାୟତ ପକ୍ଷରୁ କରଦାସ୍ଥିତ ଗାନ୍ଧୀ ପୀଠରେ ଗ୍ରାମସଭା ଆୟୋଜନ କରାଯାଇଥିଲା। ଗାନ୍ଧୀ ମୂର୍ତିଙ୍କୁ ସରପଂଚ ଗଣେଷ ସାହୁ ମାଲ୍ୟାପର୍ଣ୍ଣ କରିବା ପରେ ପଂଚାୟତବାସୀଙ୍କୁ ନେଇ ଗ୍ରାମସଭା କରାଯାଇ ବିଭିନ୍ନ ପ୍ରକଳ୍ପ କରାଯିବାକୁ ଅନୁମୋଦନ କରାଯାଇଥିଲା। ସେହିପରି ପାଣିକୋଇଲିର ଉତ୍କଳ ଶକ୍ତି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ କରଦା ଗାନ୍ଧୀ ପୀଠରେ ବଳରାମ ସାହୁଙ୍କ ନେତୃତ୍ୱରେ ପୁଷ୍ପାଂଜଳୀ ପ୍ରଦାନ ପରେ ପାଣିକୋଇଲି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଜ୍ୟୋତି ପ୍ରକାଶ ସାମଲ, ମୁକୁନ୍ଦ ରାୟଙ୍କ ସହଯୋଗରେ ରୋଗୀ ମାନଙ୍କୁ ଫଳ ବଂଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାର୍କଣ୍ଡ ଚରଣ ସାହୁ, ପ୍ରଶନ୍ନ କୁମାର ବେହେରା, ଗୋବିନ୍ଦ ସାହୁ, ଶୁଶିଲ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ମୟୂରଭଂଜ ଜିଲ୍ଲା ଗସ୍ତ

## କାର୍ଯ୍ୟ କ୍ରମରେ ଜିଲ୍ଲାର ବନ୍ୟା କ୍ଷୟକ୍ଷତି ଆକଳନ ସଂପର୍କିତ ଆଲୋଚନା ମୂଳକ ସମୀକ୍ଷା



ବାରିପଦା,୩/୧୦ (ନି.ପ୍ର): ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି ମୟୂରଭଂଜ ଜିଲ୍ଲା ଗସ୍ତରେ ଆସି ନିକଟରେ ଗତ ସେପ୍ଟେମ୍ବର ମାସ ୨୦ ତାରିଖ ରୁ ୨୩ ତାରିଖ ମଧ୍ୟରେ ଜିଲ୍ଲାର ବିଶେଷ କରି ଶୁଳିଆପଦା, ମୋରଡା ଓ ରାସଗୋବିନ୍ଦପୁର ବ୍ଲକ ଅଂଚଳରେ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ଜନିତ କ୍ଷୟକ୍ଷତିର ଆକଳନ ସଂପର୍କିତ ଆଲୋଚନା ମୂଳକ ସମୀକ୍ଷା କରିଥିଲେ। ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ୍ ସମ୍ମିଳିନୀ କକ୍ଷରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଏକ ସ୍ୱତନ୍ତ୍ର ବୈଠକରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଅଧକ୍ଷତା କରି ଜିଲ୍ଲାରେ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ଫଳରେ ବନ୍ୟା କ୍ଷୟକ୍ଷତିର ଆକଳନ, ପୁନଃ ଉଦ୍ଧାର ଓ ଥଇଥାନ ଆଦି ସଂପର୍କିତ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା ମୂଳକ ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ମୟୂରଭ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ, ଭା.ପ୍ର.ସେ ସ୍ୱାଗତ ଜଣାଇ ଗତ ମାସରେ ଜିଲ୍ଲାରେ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ଫଳରେ ଓ କ୍ଷୟକ୍ଷତି ର ପୁନଃଉଦ୍ଧାର ଓ ଥାଇଥାନ ଦିଗରେ ନିଆଯାଥିବା ପଦକ୍ଷେପ ସଂପର୍କରେ ସୂଚାଇଥିଲେ। ବୈଠକରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି, ବିଶେଷ କରି ରାଜସ୍ୱ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ, କୃଷି, ପୂର୍ତ (ଗୃହ ଓ ରାସ୍ତା), ଗ୍ରାମ୍ୟ ନିର୍ମାଣ, ପଂଚାୟତିରାଜ, ପାନୀୟ ଜଳ ଯୋଗାଣ ଓ ପରିମଳ ଆଦି ବିଭିନ୍ନ ବିଭାଗର ସମେତ ବିଭିନ୍ନ ଲାଇନ ବିଭାଗ ଆଦି କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା ମୂଳକ ସମୀକ୍ଷା କରି କହିଲେ ଯେ, ବନ୍ୟା ପ୍ରଭାବିତ ହୋଇଥିବା ଅଂଚଳରେ ଅତ୍ୟାବଶ୍ୟକୀୟ ସହାୟତା, ରାସ୍ତାଘାଟ, ଗମନାଗମନ ସ୍ୱାଭାବିକ କରାଯିବା ଦିଗରେ ଗୁରୁତ୍ୱ ଦେଇ କାର୍ଯ୍ୟ ତ୍ୱାରନ୍ୱିତ କରିବାକୁ ପରାମର୍ଶ ଦେବା ସହିତ ଅଂଚଳରେ ପାନୀୟ ଜଳ ଯୋଗାଣ, ଗମନାଗମନରେ ରାସ୍ତା ଓ ପୋଲ ସଂଯୋଗୀକରଣ କରି ଲୋକମାନଙ୍କର ଯାତାୟତକୁ ସ୍ୱଭାବିକ କରିବାକୁ ପରାମର୍ଶଦେଇଥିଲେ। ଏଥି ସହିତ ଗ୍ରଷ ଜମିର କୃଷି ଫସଲ, ଜଳ ସେଚନ ପ୍ରକଳ୍ପ ଘରଭଙ୍ଗା, ତଥା ଅନ୍ୟାନ୍ୟ ବିଭାଗ ଦ୍ୱାରା କ୍ଷୟକ୍ଷତି ସମ୍ପର୍କୀତ ସଠିକ ଆକଳନ କରି ସବିଶେଷ ବିବରଣୀ ଜିଲ୍ଲା ପ୍ରଶାସମନ ଜରିଆରେ ରାଜସ୍ୱ ବିଭାଗ (ଏସ୍ଆର୍‌ସି)- ବିଭାଗ ନିକଟକୁ ପଠାଇବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମିଣ ଆବାସ ଯୋଜନାରେ ବାଦ ପଡିଯାଇଥିବା ପ୍ରକୃତ ହିତାଧିକାରୀ ସ୍ୱତନ୍ତ୍ର ଭାବେ ତାଲିକା ପଂଚାୟତିରାଜ୍ ବିଭାଗ ନିକଟକୁ ପଠାଇବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଉକ୍ତ ବୈଠକ ରାଜସ୍ୱ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ପ୍ରତିବର୍ଷ ବନ୍ୟା ବାତ୍ୟା ବିପର୍ଯ୍ୟୟରେ ପ୍ରଭାବିତ ହେଉଥିବା ଅଂଚଳରେ ଅଧିକ ବହୁମୁଖି ବନ୍ୟାବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ କରିବାପାଇଁ ପ୍ରସ୍ତାବ ତାଲିକା ରାଜସ୍ୱ ବିଭାଗକୁ ପଠାଇବାକୁ ଜିଲ୍ଲା ପ୍ରସାଶନ କୁ ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ପ୍ରସଙ୍ଗ କ୍ରମରେ ଜିଲ୍ଲାର ସୀମାନ୍ତ ଅଂଚଳ ଗ୍ରାମ ମାନଙ୍କରେ ପାନୀୟଜଳ, ଶିକ୍ଷା ସ୍ୱାସ୍ଥ୍ୟ, ଗମାନାଗମନ ରାସ୍ତାଘାଟ ସଂଯୋଗୀକରଣ ଏବଂ ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦେବା ଦିଗରେ ତୀକ୍ଷଣ ଦୃଷ୍ଟି ଦେଇ ଯୋଜନା କାର୍ଯ୍ୟକ୍ରମ ତରାନ୍ୱିତ କରିବା ସହିତ ବନ୍ୟାବାତ୍ୟା ପ୍ରାକୃତିକ ବିପର୍ଯ୍ୟୟ ପରି ଜରୁରୀ କାଳୀନ ସ୍ଥିତି ସମୟରେ ପ୍ରଭାବିତ ଲୋକମାନଙ୍କୁ ସହାୟତା ଯୋଗଇ ଦେଇ ଆସ୍ଥା ଭାଜନ ହୋଇ କାର୍ଯ୍ୟକରିବାକୁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସରକାରଙ୍କ ରିଲିଫ୍ କୋର୍ଡ ଅନୁସାରେ ବିଭିନ୍ନ ସମୟରେ ବନ୍ୟା ବାତ୍ୟା ପ୍ରାକୃତିକ ବିପର୍ଯ୍ୟୟ / ଦୈବୀ ଦୁର୍ବିପାକ ଜନିତ ମୃତ୍ୟୁବରଣ କରିଥିବା ପରିବାରର ୨୮ ଜଣ ହିତାଧିକାରୀଙ୍କ ପାଇଁ ରାଜ୍ୟସରକାରଙ୍କ ଏସ୍ଆର୍‌ସି ଦ୍ୱାରା ମୁର ପ୍ରାପ୍ତ ପ୍ରତ୍ୟେକ ୪ଲକ୍ଷ ଟଙ୍କା ହିସାବରେ ମୋଟ ୧ କୋଟି ୧୨ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବା ନେଇ ସମୀକ୍ଷା ବୈଠକରେ ଉପସ୍ଥିତ ଥିବା ୧୩ ଜଣଙ୍କୁ ଅନୁକମ୍ପା ରାଶି ରାଜସ୍ୱ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ପ୍ରଦାନ କରିଥିଲେ। ଏଥିସହିତ ମୋରଡା ବ୍ଲକର କାଂଚନ ସେଠୀ ପରିବାରକୁ ମଧ ସହାୟତା ରାଶି ୨୦ ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ପ୍ରଦାନ କରାଯାଇଥିବାବେଳେ ଉକ୍ତ ପରିବାରକୁ ଖୁବ୍ ଶୀଘ୍ର ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ମଧ ପ୍ରଦାନ କରାଯିବ। ରାଜ୍ୟ ରାଜସ୍ୱ ମନ୍ତ୍ରୀଙ୍କ ମୟୂରଭ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମର ଅନୁଷ୍ଠିତ ଉକ୍ତ ସମୀକ୍ଷା ବୈଠକରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୋରଡା ବିଧାୟକ ରାଜକିଶୋର ଦାସ, କରଂଜିଆ ବିଧାୟିକା ବାସନ୍ତି ହେମ୍ବ୍ରମ୍, ଆରକ୍ଷୀ ଅଧିକ୍ଷକ ଆର.ଡି.ଖିଲାରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରକାଶ ଚନ୍ଦ୍ର ବେହେରା ଓ ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରୁଦ୍ର ନାରାୟଣ ମହାନ୍ତି, ପି.ଡି.ଡି.ଆର.ଡି.ଏ. ପି.ଅନ୍ୱେଶା ରେଡ୍ଡି, ଉପ-ଜିଲ୍ଲାପାଳ ତଥା ପୌରନିର୍ବାହୀ ଅଧିକାରୀ ବାରିପଦା ଅନ୍ୟା ଦାସ, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ଶୁଳିଆପଦା, ମୋରଡା ଓ ରାସଗୋବିନ୍ଦପୁର ବ୍ଲକର ସଂପୃକ୍ତ ବି.ଡି.ଓ., ତହସିଲଦାର, ଏବଂ ବିଭିନ୍ନ ଲାଇନ ବିଭାଗ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ।

# ଶ୍ରୀରାମପୁର ପଞ୍ଚାୟତରେ ସ୍ୱଚ୍ଛତା କାର୍ଯ୍ୟକ୍ରମ






ଜଳେଶ୍ୱର,୩/୧୦ (ନି.ପ୍ର): ଶ୍ରୀରାମପୁର ଗ୍ରାମପଞ୍ଚାୟତରେ ଯୁବଗୋଷ୍ଠୀଙ୍କୁ ନେଇ ରବିବାର ସକାଳେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଭାପତି ପ୍ରଦୀପ କୁମାର ସାମଲଙ୍କ ନେତୃତ୍ୱରେ ଯୁବଗୋଷ୍ଠୀଙ୍କୁ ନେଇ ପଞ୍ଚାୟତ ପରିସର, ସ୍କୁଲ ଏବଂ ପମ୍ପହାଉସ୍ ନିକଟରେ ବହୁଦିନରୁ ପଡ଼ିରହିଥିବା ଓଳିଆ ଆବର୍ଜନାକୁ ସଫା କରିବା ସହିତ ଲୋକମାନଙ୍କୁ ସତର୍କତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀମାନେ- ବାମନଦେବ ମଲ୍ଲିକ, ଆନନ୍ଦ କୁମାର ସାମଲ, ନିରଞ୍ଜନ ମଲ୍ଲିକ, ଚନ୍ଦ୍ରଶେଖର ମଲ୍ଲିକ, ବସନ୍ତ ମଲ୍ଲିକ, ଗୌତମ ମଲ୍ଲିକ, ଅମର ମଲ୍ଲିକ, ସୁବେଶ ମଲ୍ଲିକ, ପ୍ରଶାନ୍ତ ବାଗ, ବିଶ୍ୱନାଥ ପରିଡ଼ା, ନନ୍ଦନ ମଲ୍ଲିକ, ଜୟଦେବ ମଲ୍ଲିକ, ଅମରେନ୍ଦ୍ର ମଲ୍ଲିକ, ଗୋପାଳ ମଲ୍ଲିକ ଏବଂ ଶ୍ରୀମନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।

## କାରାଗାର ପର୍ଯ୍ୟବେକ୍ଷକ କମିଟି ଦ୍ୱାରା କଏଦୀମାନଙ୍କୁ ଖାଦ୍ୟ ସାମଗ୍ରୀ ଏବଂ ଫଳ ବଣ୍ଟନ

ପାରାଦ୍ୱୀପ,୩/୧୦ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପବିତ୍ର ଜନ୍ମ ଜୟନ୍ତୀ ଅବସରରେ ସମଗୋଳ ଉପକାରାଗାର ପର୍ଯ୍ୟବେକ୍ଷକ କମିଟିର ସଭ୍ୟା ସମାଜସେବୀ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଓ ସଭ୍ୟ ସତ୍ୟ ପ୍ରକାଶ ମହାନ୍ତିଙ୍କ ଉଦ୍ୟମରେ ସମାଗୋଳ ଜେଲ୍ ସ୍ଥିତ ଶତାଧିକ କଏଦୀ ମାନଙ୍କର ମାନସିକତାର ପରିବର୍ତ୍ତନ, ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ପାଇଁ ଏକ ପ୍ରେରଣା ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା। ପ୍ରଥମେ ସଭ୍ୟା ଶ୍ରୀମତୀ ଆଚାର୍ଯ୍ୟ କଏଦୀ ମାନଙ୍କର ଅସ୍ଥିର ଚିତ୍ତବୃତ୍ତିକୁ ପ୍ରଶମିତ ତଥା ଏକାଗ୍ରତା ଆଣିବା ପାଇଁ ଶ୍ରୀମଦ୍ ଭଗବତ ଗୀତାର ଦ୍ୱାଦଶ ଅଧାୟ ଭକ୍ତି ଯୋଗର ଅର୍ଥକୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ସଭ୍ୟ ଶ୍ରୀ ମହାନ୍ତି କଏଦୀ ମାନଙ୍କୁ ବହୁ ନିତିପୂର୍ଣ୍ଣ କଥା ଶୁଣାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଜେଲ୍ ତତ୍ତ୍ୱାବଧାରକ ଶ୍ରୀଯୁକ୍ତ ହେମନ୍ତ କୁମାର ସେଠୀଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ ଥିଲା। ଜେଲ୍ ପର୍ଯ୍ୟବେକ୍ଷକ କମିଟି ସହ ସମୟର ପ୍ରଗତି ସାମାଜିକ ସଂଗଠନର ଶ୍ରୀ ବିପିନ ବିହାରୀ ମାଝୀ, ପ୍ରଶାନ୍ତ କୁମାର ମାଝୀ, ଜନସମସ୍ୟା ନିବାରଣ ସଂସ୍ଥା ର ସଭାପତି ଶ୍ରୀଯୁକ୍ତ ରମାକାନ୍ତ ଜେନା, ସ୍ମାଇଲ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଶ୍ରୀଯୁକ୍ତ ସଚିତ୍ର କୁମାର ରାଉତ, ସାମ୍ବାଦିକ ସଂଘର ସଭାପତି ତଥା ସମାଜସେବୀ ଶ୍ରୀଯୁକ୍ତ ସୁନାକର ବେହେରା, ଶିକ୍ଷକ ନେତା ସିଦ୍ଧେଶ୍ୱର ପଣ୍ଡା, ସମାଜସେବୀ ରଶ୍ମିତା ନାୟକ, ସମାଜସେବୀ ପବିତ୍ର କୁମାର ସ୍ୱାଇଁ, ଯୁବ ସାମ୍ବାଦିକ ରଞ୍ଜିତ କୁମାର ପଣ୍ଡା, ଦୁଷ୍ମନ୍ତ କୁମାର ମାଝୀ, କୁଜଙ୍ଗ ମିଳିତ ବଣିକ ସଂଘ ର ସଭାପତି ଶ୍ରୀଯୁକ୍ତ ନବ କିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି କଏଦୀ ମାନଙ୍କୁ ପ୍ରବୋଧିତ କରିବା ସହ ଖାଦ୍ୟ ପୁଡିଆ ଓ ଫଳ ବଣ୍ଟନ କରିଥିଲେ।

## ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ କଲେ ଶିଶିର ମହାପାତ୍ର ଫାଉଣ୍ଡେସନ

ନୀଳଗିରି ,୩/୧୦ (ନି.ପ୍ର): ନୀଳଗିରି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶିର ମହାପାତ୍ର ଫାଉଣ୍ଡେସନ ର ମୁଖ୍ୟ ସବ୍ୟସାଚୀ ମହାପାତ୍ରଙ୍କ ଦ୍ୱାରା ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଅଯୋଧ୍ୟା ପଞ୍ଚାୟତର କୁଣକୋଇଲି ଗ୍ରାମରେ ଅସହାୟ ,ଭିନ୍ନକ୍ଷମ କାର୍ତ୍ତିକ ସ୍ୱାଇଁକୁ ହୁଇଲ ଚେୟାର ପ୍ରଦାନ କରିବା ସହିତ ଅଯୋଧ୍ୟାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ସହିତ ମାସ୍କ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଜ୍ରକିଶୋର ରାଜ, ଲକ୍ଷ୍ମୀଧର ବାରିକ, ସୁରେନ୍ଦ୍ର ପୁଟି,ସୌମ୍ୟ ଦାସ, ମାନସ ଦାସ, ରାଜେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଆବାସ ଯୋଜନା ସାତସପନ: ମୁଣ୍ଡ ଗୁଞ୍ଜିବାକୁ ଛିଣ୍ଡା ଶାଢ଼ୀ ହିଁ ଭରସା



ନୀଳଗିରି ,୩/୧୦ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ମାଗଣାରେ ପକ୍କା ଗୃହ ଯୋଗାଇ ଦେଇ ଆସୁଥିବା ବେଳେ ନୀଳଗିରି ବ୍ଲକର ମହିଷାପଟା ପଞ୍ଚାୟତର ଗୁଜୁଡିହା ଗ୍ରାମର ପ୍ରଭାକର ରାଉତ କିଭଳି ଭାବେ ଘର ଖଣ୍ଡିଏ ନ ପାଇ ଛିଣ୍ଡା ଶାଢ଼ୀ ଛପର ଘରେ ଜୀବନ ବିତାଉଛି, ତାର ଏକ ନଗ୍ନ ନମୁନା ଦେଖିବାକୁ ମିଳିଛି। ରାଜନୈତିକ ପଶାପାଲିରେ ପେଶି ହୋଇ ଅତି ଦୟନୀୟ ଅବସ୍ଥାରେ ନିଜ ସ୍ତ୍ରୀ ଓ ଗୋଟିଏ ପୁଅକୁ ନେଇ ଜୀବନ ଅତିବାହିତ କରୁଛି ତାହା ଦୁଃଖ ଓ ପରିତାପର ବିଷୟ। ସରକାରଙ୍କର ମାଗଣା ପକ୍କା ଘର ଖଣ୍ଡିଏ ପାଇଁ ବହୁବାର ଆବେଦନ କରିଥିଲେ ମଧ୍ୟ ଘରଖଣ୍ଡିଏ ପାଇବା ତା ପାଇଁ ସାତ ସପନ ପାଲଟିଛି। ଘର ଖଣ୍ଡିଏ ପାଇଁ ପଞ୍ଚାୟତର ସରପଞ୍ଚ, ୱାର୍ଡମେମ୍ବର, ଓ ନୀଳଗିରି ବି.ଡି.ଓ. ଙ୍କୁ ଅବଗତ କରାଇଥିଲେ ମଧ ଘର ଖଣ୍ଡିଏ ପାଇବାରୁ ବଂଚିତ ହୋଇଥିବା ବେଳେ ଛିଣ୍ଡା ଶାଢ଼ୀ ଛପରଭିତରେ ପିଲାଛଉଆଙ୍କୁ ଧରି ଅତି ଦୟନୀୟ ଭାବରେ ଜୀବନ ଅତିବାହିତ କରୁଥିବା ବେଳେବିଭିନ୍ନ ବାତ୍ୟା ସମୟରେ ପର ଘରେ ଆଶ୍ରୟ ନେଉଥିବାର ପ୍ରଭାକର ରାଉତ ଅତି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ଖାଲି ପ୍ରଭାକର ଙ୍କର ଦୁଃଖ ନୁହେଁ, ଏହିଭଳି ଉକ୍ତ ଗ୍ରାମର ଅକ୍ଷୟ ନାୟକ, ନିରଂଜନ ନାୟକ, ମାଳତୀ ରାଉତ, ବାସନ୍ତୀ ନାୟକ, ରାଜେନ୍ଦ୍ର ରାଉତ, ସମେତ ଅନେକ ପରିବାର ଦୟନୀୟ ଅବସ୍ଥାରେ ଜୀବନ ବିତାଉଥିବା ବେଳେ ଏମାନଙ୍କ ପାଇଁ ଆବାସ ଯୋଜନା ସାତ ସପନ ପାଲଟିଛି। ଘଟଣାକୁ ଗୁରୁତ୍ୱ ଦେଇ ନୀଳଗିରି ଉପଜିଲ୍ଲାପାଳ ଏମାନଙ୍କ ପାଇଁ ଆବାସ ଗୃହ ଯୋଜନାରେ ବ୍ୟବସ୍ଥା କରାଇବା ପାଇଁ ସାଧାରଣରେ ଦାବୀ ହୋଇଛି।

# ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ : ସଂକୀର୍ତ୍ତନରେ ରାମଧୂନ ପରିକ୍ରମା



ଭଦ୍ରକ,୩/୧୦ (ନି.ପ୍ର): ସରକାରୀ ନିର୍ଦ୍ଦେଶ ମତେ କୋଭିଡ୍ କଟକଣା ଅନୁପାଳନ ପୂର୍ବକ ଆଜି ଭଦ୍ରକ ଜିଲ୍ଲା ସ୍ତରରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀଙ୍କ ପବିତ୍ର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥି ଉପଲକ୍ଷେ ପ୍ରତ୍ୟୁଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଢ଼ାକବାଜି ଯନ୍ତ୍ର ଦ୍ୱାରା ରାମଧୂନ ପରିକ୍ରମା କରାଯିବା ସହ ସଂସ୍କୃତି ଭବନରେ ଏକ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା। ସଂସ୍କୃତି ବିଭାଗ ଦ୍ୱାରା ପ୍ରଥମ ଥର ପାଇଁ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ୩୦ଜଣ ଙ୍କୁ ନେଇ ସଂକୀର୍ତ୍ତନ କରି ସକାଳ ୬ ଟାରୁ ୭ଟା ମଧ୍ୟରେ ରାମଧୂନ ପରିକ୍ରମା କରାଯାଇଥିଲା। ଏହି ସଂକୀର୍ତ୍ତନ ଦଳ ଜିଲ୍ଲା ସଂସ୍କୃତି ଭବନରୁ ବାହାରି ଗାନ୍ଧି ପଡ଼ିଆ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ଜିଲ୍ଲାପାଳ ତ୍ରିଲୋଚନ ମାଝୀ ଏହି ଉତ୍ସବ ପାଳନର ମୁଖ୍ୟ ଅତିଥି ଭାବେ ଗାନ୍ଧୀ ପଡ଼ିଆରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ମଧ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅତିଥିମାନେ ମହତାବ କୋଠି, ଜିଲ୍ଲା ସ୍କୁଲ ଓ ଭଦ୍ରକ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରିଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମ ପରେ ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳ ସଂସ୍କୃତି ଭବନରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଯୋଗ ଦେଇଥିଲେ। ସେଠାରେ ଅତିଥିମାନେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟର୍ପଣ କରିଥିଲେ। ଗୀତା, ବାଇବେଲ୍ ଏବଂ କୋରାନ ପାଠ କରାଯାଇଥିଲା। ପଣ୍ଡିତ ନିତ୍ୟାନନ୍ଦ ମିଶ୍ର ଗୀତା, ଏକରମ୍ ଖାଁ କୋରାନ ଓ ସାମୁଏଲ୍ ବାରିକ୍ ବାଇବେଲ ପାଠ କରିଥିଲେ। ଗାନ୍ଧୀ ବାଳାଶ୍ରମର ପିଲାମାନେ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନତୁ ଗାନ କରିଥିଲେ। ଅତିଥିମାନେ ଗାନ୍ଧୀଙ୍କ ସତ୍ୟ, ଅହିଂସା ତଥା ଭାରତୀୟ ମୁକ୍ତି ସଂଗ୍ରାମରେ ତାଙ୍କର ତ୍ୟାଗପୂତ ଅବଦାନ ଓ ନୀତିନିଷ୍ଠ ଶାସ୍ତ୍ରୀଙ୍କ ଆଦର୍ଶ ବ୍ୟକ୍ତିତ୍ୱର କଥା ସମ୍ବନ୍ଧରେ ସ୍ମୃତିଚାରଣ କରି ତାଙ୍କ ନୀତି ଆଦର୍ଶକୁ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ଦିବସ ଭିତ୍ତିକ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଂପୃକ୍ତ ବିଭାଗୀୟ କର୍ମଚାରୀ ତାପସ କୁମାର ନାୟକ, ଜୟ ଅମରଦୀପ ସୁକାନ୍ତ ସାହୁ, ଅଜୟ ନାୟକ, ବିକାଶ ରଞ୍ଜନ ବଳ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାଆ ନାରାୟଣୀ



ଦିଲ୍ଲୀପ କୁମାର ସାହୁ

ଆମ ରାଜ୍ୟରେ କେବେଠାରୁ ଶକ୍ତି ଉପାସନା ଆରମ୍ଭ ହେଲା ତାର ହିସାବ କେହି ରଖିନି । ମନେ ହୁଏ ସଭ୍ୟତାର ଆରମ୍ଭରୁ ଲୋକମାନେ ମାତୃ ପୂଜା କରିଆସୁଛନ୍ତି। ସେଇଥିପାଇଁ ଜନପଦ ହେଉ ବା ଝରଣା କୂଳ, ଘନ ବଣ ଜଙ୍ଗଲ ଅବା ପର୍ବତ ଶିଖର ଯେଉଁଠି ଲୋକମାନେ ଚଳପ୍ରଚଳ ହେଉଥିଲେ ସେଇଠି ଶିଳାଖଣ୍ଡକୁ ବା ଗଛଟିଏକୁ ଦେବୀ ମନେକରି ପୂଜାର୍ଚ୍ଚନା କରୁଥିଲେ । ତେଣୁ ଆମ ରାଜ୍ୟରେ ରହିଛି ହଜାର ହଜାର ଦେବୀ ପୀଠ । ସେହି ପୀଠ ମାନଙ୍କ ମଧ୍ୟରୁ ଅନ୍ୟତମ ନୀଳାମ୍ବୁ ଚିଲିକା କୂଳରେ ଥିବା ଭାଲେରୀ ପାହାଡ ଶିଖର ସ୍ଥିତ ମାଆ ନାରାୟଣୀଙ୍କ ମନ୍ଦିର । ଭୁବନେଶ୍ୱରରୁ ନାରାୟଣୀ ପୀଠର ଦୂରତା ଶହେ କୋଡିଏ କିଲୋମିଟର ।

ଶୋଳ ନମ୍ବର ଜାତୀୟ ରାଜପଥରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ପ୍ରାୟ ଶହେ କିଲୋମିଟର ଗଲେ ପଡେ ବାଲୁଗାଁ ।

ବାଲୁଗାଁଠାରୁ ପନ୍ଦର କିଲୋମିଟର ପରେ ଜାତୀୟ ରାଜପଥର ଦକ୍ଷିଣ ପଟେ ସୁଦୃଶ୍ୟ ତୋରଣଟିଏ ଦୃଶ୍ୟମାନ ହୁଏ। ସେହିଠାରୁ ଚାରି କିଲୋମିଟର ଦୂରରେ ମାଆଙ୍କ ବିଜେସ୍ଥଳି। ଭାଲେରୀ ପାହାଡର ପାଦଦେଶରେ ଗାଡି ମଟର ରଖି ପହାଚ ଚଢି ଯିବାକୁ ହୁଏ ମାଆ ନାରାୟଣୀଙ୍କ ମନ୍ଦିର ପର୍ଯ୍ୟନ୍ତ । ପାହାଚର ଉଭୟ ପାର୍ଶ୍ୱରେ ଥିବା ଘନ ବନରାଜିର ଶୋଭା ଖୁବ୍ ମନ ମୁଗ୍ଧକର । ଏହା ସହିତ ପାହାଚ ବାମ ପାର୍ଶ୍ୱରେ ଝରି ଯାଉଥିବା ବନ ଝରଣାଟି ସ୍ଥାନର ଶୋଭାକୁ ଆହୁରି ବୃଦ୍ଧିମନ୍ତ କରିଥାଏ । ଝରଣାଟିର ସୃଷ୍ଟି ଭାଲେରୀ ପାହାଡର ଶିଖର ଦେଶରୁ ।

ମାଆଙ୍କ ମନ୍ଦିର ମଧ୍ୟଦେଇ ତହା ନିମ୍ନ ଗାମୀ ହୋଇଛି । ଝରଣାର ଗତିପଥରେ କୁଣ୍ଡମାନ କରାଯାଇ ପାଣିକୁ ଅଟକାଇ ରଖାଯାଇଛି । ପୀଠକୁ ବୁଲିଆସୁଥିବା ଶ୍ରଦ୍ଧାଳୁମାନେ ସେହି କୁଣ୍ଡରେ ଗାଧୋଇବାର ମଜା ଉଠାଇଥାନ୍ତି ।

ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରୁକରୁ କେତେବେଳେ ମାଆ ନାରାୟଣୀଙ୍କ ମନ୍ଦିର ପାଖରେ ମଣିଷ ପହଞ୍ଚି ଯାଏ ଜାଣି ହୁଏନି। ମାଆଙ୍କ ବିଜେସ୍ଥଳିର ଦୃଶ୍ୟ ମଧ୍ୟ ଖୁବ୍ ରମଣୀୟ । ସବୁଜିମା ଭରା ଘନ ବନରାଜିରେ ପରିପୂର୍ଣ୍ଣ ସ୍ଥାନର ପରିବେଶ ବେଶ୍ ଶାନ୍ତ ଓ କମନୀୟ। ଏମିତି ଅପୂର୍ବ ପରିବେଶରେ ଅବସ୍ଥିତ ମାଆଙ୍କ ମନ୍ଦିରଟି ଛୋଟ ସତ , ହେଲେ ଦେଖିବାକୁ ଖୁବ୍ ସୁନ୍ଦର। ତାହା ଠିକ୍ ଭୁବନେଶ୍ୱରର ବୈତାଳ ମନ୍ଦିର ପରି । ଐତିହାସିକ ମାନେ ମତ ରଖନ୍ତି ଦ୍ୱାଦଶ ଶତାବ୍ଦୀରେ ମାଆ ନାରାୟଣୀ ପ୍ରତିଷ୍ଠିତ ହୋଇଥିଲେ । ମାଆଙ୍କ ମନ୍ଦିରଟି କିନ୍ତୁ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଖଲିକୋଟ୍ ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ମନ୍ଦିର ସମ୍ମୁଖରେ ଝରଣା ଜଳରେ ପରିପୂର୍ଣ୍ଣ ପାଣିକୁଣ୍ଡଟିଏ ରହିଛି। ସେହି କୁଣ୍ଡରେ ହାତପାଦ ଧୋଇ ଶ୍ରଦ୍ଧାଳୁମାନେ ମନ୍ଦିରରେ ପ୍ରବେଶ କରିଥାନ୍ତି ।

ମାଆ ନାରାୟଣୀଙ୍କ ମନ୍ଦିରଟି ପଶ୍ଚିମାଭିମୁଖି । ମାଆଙ୍କୁ କିଏ ଦୁର୍ଗା କୁହେ ତ କିଏ କହେ ନାରାୟଣଙ୍କ ଭଉଣୀ । ମାଆ ହେଉଛନ୍ତି ଦଶଭୂଜା ଦେବୀ । ମାଆଙ୍କ ଶିଳା ମୂର୍ତ୍ତି ଟି ମନ୍ଦିରର ଗର୍ଭ ଗୃହ ମଧ୍ୟରେ ଅବସ୍ଥାପିତା। ମାଆଙ୍କର ଠିକ୍ ସମ୍ମୁଖରେ ମନ୍ଦିରର ମୂଖଶାଳାରେ ପୂଜା ପାଆନ୍ତି ଦେବଦେବ ମହାଦେବ ନୀଳକଣ୍ଠେଶ୍ୱର ।

ଏପରି ମନ୍ଦିର ଦୁନିଆରେ ବିରଳ, ଯେଉଁଠି ଦେବୀଙ୍କର ଠିକ୍



ସମ୍ମୁଖରେ ମହାଦେବ ଅବସ୍ଥାପିତ ହୋଇଥାନ୍ତି ।

ଭାଲେରୀ ପାହାଡ ତଳ ଗାଁରୁ ପୂଜକମାନେ ଆସି ମାଆ ନାରାୟଣୀଙ୍କ ମନ୍ଦିରରେ ପୂଜାପାଠ କରିଥାନ୍ତି । ମାଆଙ୍କର ସବୁଠାରୁ ବଡ ପର୍ବ ହେଲା ଅଶୋକାଷ୍ଟମୀ ।

ସେତେବେଳେ ତିନିଦିନ ଧରି ମାଆଙ୍କ ପୀଠ ଉତ୍ସବ ମୂଖର ହୋଇଉଠେ। ଚୈତ୍ରମାସର ପ୍ରତି ମଙ୍ଗଳବାର ଦିନ ମାଆଙ୍କର ବିଶେଷ ପୂଜାର ଆୟୋଜନ କରାଯାଇଥାଏ । ଦଶହରା ସମୟରେ ମଧ ମାଆ ନାରାୟଣୀଙ୍କ ଶାରଦୀୟ ପୂଜା ମହାସମାରୋହରେ ପାଳିତ ହୋଇଥାଏ। ସେତେବେଳେ ସେହି ପୀଠରେ ନବଦିନାତ୍ମକ ପୂଜାର ଆୟୋଜନ କରାଯାଏ। ଆଶ୍ୱିନ ଶୁକ୍ଳ ପ୍ରତିପଦଠାରୁ ମହା ନବମୀ ଯାଏ ନଅ ଦିନ ଧରି ଏହି ପୂଜା ଅନୁଷ୍ଠିତ ହୋଇଥାଏ । ମାଆଙ୍କ ସମ୍ମୁଖରେ ନଅଦିନ ବ୍ୟାପୀ ଅଖଣ୍ଡ ଦୀପ ଜଳେ ଓ ପ୍ରତିଦିନ ହୋମ ଯଜ୍ଞ କରାଯାଇଥାଏ । ମାଆଙ୍କୁ ସେହି ନଅଦିନ ନବଦୁର୍ଗାଙ୍କର ଗୋଟିଏଗୋଟିଏ ରୂପରେ ପୂଜା କରାଯାଇଥାଏ। ପ୍ରଥମ ଦିନ ମାଆଙ୍କୁ ଶୈଳପୁତ୍ରୀ ଭାବରେ ପୂଜା କରାଯାଇଥିବା ବେଳେ ଦ୍ୱିତୀୟ ଦିନ ବ୍ରହ୍ମଚାରିଣୀ ଓ ତୃତୀୟ ଦିନ ଚନ୍ଦ୍ରଘଣ୍ଟା ଭାବରେ ପୂଜା କରାଯାଏ ।

ଚତୁର୍ଥ ଦିନ ମାଆ କୁଷ୍ମାଣ୍ଡା ଭାବରେ, ପଞ୍ଚମ ଦିନ ସ୍କନ୍ଦମାତା ଓ ଷଷ୍ଠ ଦିନ କାତ୍ୟାୟନୀ ଭାବରେ ପୂଜିତା ହୋଇଥାନ୍ତି । ସପ୍ତମଦିନ କାଳରାତ୍ରି ଓ ଅଷ୍ଟମ ଦିନ ମହାଗୌରୀ ଭାବରେ ମାଆଙ୍କୁ ପୂଜା କରାଯାଏ ।

ମହା ନବମୀ ବା ନବଦିନାତ୍ମକ ଦଶହରାର ଶେଷଦିନ ମାଆଙ୍କୁ ଶିଦ୍ଧିଦାତ୍ରୀ ଭାବରେ ପୂଜାକରାଯାଇ ଜଗତର କଲ୍ୟାଣ ତଥା ବିଶ୍ୱର ଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥାଏ ।

ଦଶହରା ସମେତ ସମସ୍ତ ପର୍ବ ପର୍ବାଣୀରେ ମାଆଙ୍କ ପୀଠରେ ଶ୍ରଦ୍ଧାଳୁ ମାନଙ୍କର ବେଶ୍ ଗହଳି ଲାଗେ । ତେବେ ଶୀତଦିନେ ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକମାନେ ମାଆ ନାରାୟଣୀଙ୍କ ପୀଠକୁ ବଣଭୋଜି କରିବା ନିମନ୍ତେ ଆସିଥାନ୍ତି ।

ପାହାଡ ତଳେ ଭୋଜି ପ୍ରସ୍ତୁତ ହୁଏ, ଲୋକମାନେ ଦେବୀଙ୍କ ବିଜେସ୍ଥଳିକୁ ଯାଇ ମାଆଙ୍କ ପାଖରେ ଭକ୍ତି ନୈବେଦ୍ୟ ଅର୍ପଣ କରନ୍ତି ଓ ସ୍ଥାନର ନୈସର୍ଗିକ ପରିବେଶକୁ ମନଭରି ଉପଭୋଗ କରନ୍ତି । ତେଣୁ ଆପଣ ଯଦି ସମୟ ପାଆନ୍ତି ଥରେ ଆସି ଏମିତି ଏକ ଅପୂର୍ବ ସ୍ଥାନର ଶୋଭାକୁ ମନଭରି ଉପଭୋଗ କରନ୍ତୁ ଓ ମାଆ ନାରାୟଣୀଙ୍କ କୃପା ଲାଭକରନ୍ତୁ ।

+ଶଙ୍କରପୁର, ଚାରବାଟିଆ, କଟକ
ମୋ- ୯୮୬୧୧୨୬୧୯୭









# ରୁଟି ସମୋସା



**ଆବଶ୍ୟକ ସାମଗ୍ରୀ:** ରିଫାଇନ୍ ତେଲ, ସିଝା ଆଳୁ ଚକଟା, କଟା ବନ୍ଧାକୋବି, କଟା କ୍ୟାପସିକମ୍, ଗ୍ରୀନ ମଟର, ରୁଟି, କଟା ବିନ୍, ମଇଦା, କଟା ଟମାଟୋ, କଟା ଗାଜର, କୋରା ପନିର, ଗୋଲମରିଚ ଗୁଣ୍ଡ, ଗରମ ମସଲା ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଟା ଚକଟି ରୁଟି ପ୍ରସ୍ତୁତ କରନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲେ ପରେ ସେଥିରେ କଟା ବନ୍ଧାକୋବି, କଟା କ୍ୟାପସିକମ୍ ଓ ଗ୍ରୀନ ମଟର ପକାଇ ଭାଜନ୍ତୁ। ପରେ ସେଥିରେ କଟା ବିନ୍, କଟା ଟମାଟୋ ଓ ଗାଜର ପକେଇ ଭଲ ଭାବେ ଗୋଳାଇ ଦିଅନ୍ତୁ।

ପରିବା ସବୁ ଭାଜି ହୋଇଗଲା ପରେ ସେଥିରେ କୋରା ପନିର, ଗୋଲମରିଚ ଗୁଣ୍ଡ, ଗରମ ମସଲା ଓ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହାପରେ ସିଝା ଆଳୁକୁ ଚକଟି ମସଲା ମିଶ୍ରଣରେ ପକେଇ ଭଲଭାବେ ଗୋଳେଇ ଦିଅନ୍ତୁ। କିଛି ସମୟ ତାକୁ ଘୋଡ଼େଇ ଦିଅନ୍ତୁ। ଏହାପରେ ଆଳୁ ପୁରକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହାପରେ ରୁଟିକୁ ଦୁଇ ଭାଗ କରି କୋନ ଆକାରରେ କରନ୍ତୁ। ଏହାପରେ ଗୋଟିଏ ଚାମଚ ମଇଦାରେ ଅଳ୍ପ ପାଣି ଦେଇ ଏକ ବହଳିଆ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ମସଲା ଆଳୁ ପୁରକୁ ରୁଟି କୋନ୍‌ରେ ଭର୍ତ୍ତି କରି ତା' ଉପରେ ମଇଦାକୁ ଲଗାଇ ଦିଅନ୍ତୁ। ଏହାପରେ କରେଇରେ ତେଲ ଗରମ କରନ୍ତୁ। ସମୋସାଗୁଡିକ ତେଲରେ ଟିକେ ନାଲି ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏହା ଛାଣି ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ରୁଟି ସମୋସା।

## ବାସ୍ତୁଶାସ୍ତ୍ରର ନିୟମ

- ଘରର ସୁଖ ସମୃଦ୍ଧି ତଥା ପରିବାର ସଦସ୍ୟଙ୍କ ଆପୋଷ ବୁଝାମଣା ନିମନ୍ତେ ମୁରବିମାନେ ଅପେକ୍ଷାକୃତ ଅଧିକ ସଚେତନ । ଯେ କୌଣସି ପରିସ୍ଥିତିରେ ମଧ କଳିଝଗଡ଼ା ଅବା ଅଶାନ୍ତି ନ ଉପୁଜୁ, ଏଥି ନିମନ୍ତେ ବର୍ତ୍ତମାନ ପରିସ୍ଥିତିରେ ଲୋକେ ବାସ୍ତୁଶାସ୍ତ୍ରର ନିୟମକୁ ସାଦରେ ଗ୍ରହଣ କରୁଛନ୍ତି ।
- ବାସ୍ତୁବିତ୍‌ଙ୍କ ମତରେ ଘର ତିଆରି ସମୟରେ ଦକ୍ଷିଣ ଓ ପଶ୍ଚିମ ପାଖର କାନ୍ଥ ଓ ପାଚେରି ପୂର୍ବ ଓ ଉତ୍ତର ପାଖଠାରୁ ଅଧିକ ମୋଟା ଓ ଉଚ୍ଚ ହେବା ଦରକାର । ଏହା ପରିବାର ସଦସ୍ୟଙ୍କ ନିମନ୍ତେ ସୌଭାଗ୍ୟ ଆଣିଥାଏ ।
- ଫ୍ଲାଟ କିମ୍ବା ଘର କିଣୁଥିଲାବେଳେ ଦୃଷ୍ଟିରେ ରଖିବେ ଯେ ଯେପରି ରାସ୍ତା ତୁଳନାରେ ଆର୍ଥିକ ଅସୁବିଧା ସହ ଘରେ ନିୟମିତ କଳିଝଗଡ଼ା ଉପୁଜିଥାଏ ।

# ଶରୀରକୁ ଥଣ୍ଡା ରଖିବା ସହ ଏହି ସବୁ ରୋଗକୁ ଦୂର କରିଥାଏ ଆଖୁର ରସ

ବିଶେଷ କରି ଲୋକମାନେ ନଡ଼ିଆ ପାଣି ପିଇବାକୁ ଭଲ ପାଉଥିବା ବେଳେ କିଛି ଲୋକ ଆଖୁର ରସରୁ ମିଳୁଥିବା ଫାଇଦା ବିଷୟରେ ଜାଣି ପାରନ୍ତି ନାହିଁ, ଯାହା ଦ୍ୱାରା ସେମାନେ ଆଖୁ ରସ ପିଇବାକୁ ସେତେଟା ଗୁରୁତ୍ୱ ଦେଇ ନଥାନ୍ତି । ତେବେ ଆଜି ଆମେ ଆଖୁର ରସରୁ ମିଳୁଥିବା ଫାଇଦା ବିଷୟରେ ଜଣାଇବୁ ।

ଆଖୁର ରସରେ ୧୧୧କ୍ୟାଲୋରୀ, ୨୭ଗ୍ରାମ କାର୍ବୋହାଇଡ୍ରେଟ୍, ୦.୨୭ଗ୍ରାମ୍ ପ୍ରୋଟିନ୍ ଏବଂ ୧୩ଗ୍ରାମ୍ ଡାଏଟ୍ରୀ ଫାଇବର ରହିଥାଏ । ଏହା ସହ ପ୍ରଚୁର ପରିମାଣରେ ମ୍ୟାଗ୍ନେସିୟମ୍, ପୋଟାସିୟମ୍, କ୍ୟାଲ୍‌ସିୟମ, ଫସ୍‌ଫରସ୍ ଇତ୍ୟାଦି ରହିଥାଏ । ଆସନ୍ତୁ ଜାଣିବା ଏହାର ଫାଇଦା....



୧. ଆଖୁର ରସ ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରକୁ ବାହାରି ଯାଇଥାଏ, ଯାହାଦ୍ୱାରା ଓଜନ କମ୍ ହୋଇଥାଏ । ମୋଟାପଣର ଶିକାର ଥିବା ଲୋକେ ଏହାକୁ ପିଇ ପାରିବେ ।

୨. ଏଥିରେ ପୋଟାସିୟମ୍, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ୍ ଏବଂ ଆଇରନର ମାତ୍ରା ଅଧିକ ରହିଥାଏ, ଯାହା ଶରୀରକୁ କର୍କଟ ରୋଗରୁ ରକ୍ଷା କରିଥାଏ । ଏହା ଶରୀରକୁ ପ୍ରୋଷ୍ଟେଟ୍ ଏବଂ ସ୍ତନ କର୍କଟରୁ ରକ୍ଷା କରିଥାଏ ।

୩.ଆଖୁର ରସ ମିଠା ଥିଲେ ମଧ ଏଥିରେ ପ୍ରାକୃତିକ ସୁଗାର ରହିଥାଏ, ଯାହା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥାଏ ।

୪.ଆଖୁ ରସରେ କୋଲେଷ୍ଟ୍ରଲ କମ ରହିଥାଏ, ଯାହା ହୃଦୟରେ ଜମିଥିବା ଫ୍ୟାଟ୍‌କୁ ଜମିବାକୁ ଦେଇ ନଥାଏ ।

# ଗର୍ଭବତୀ ମହିଳାଙ୍କ କିଛି ତ୍ରୁଟି କାରଣରୁ ଜନ୍ମ ନିଅନ୍ତି ଦିବ୍ୟାଙ୍ଗ ଶିଶୁ



ପ୍ରତ୍ୟେକ ଗର୍ଭବତୀ ମା' ଚାହେଁ ଯେ ତା ଗର୍ଭରେ ଥିବା ସନ୍ତାନଟି କିଭଳି ସୁସ୍ଥସବଳ ଜନ୍ମ ହେଉ । କୌଣସି ମା' ଚାହିଁବନି ଯେ ଆସୁଥିବା ପିଲାଟି ଦିବ୍ୟାଙ୍ଗ ହୋଇ ଜନ୍ମ ହେଉ କିନ୍ତୁ ଡାକ୍ତରଙ୍କ କହିବାନୁସାରେ କିଛି କାରଣବଶତଃ ଏଭଳି ଘଟଣା ଘଟିଯାଏ ଯେଉଁଥିରେ ପିଲାଟି ଦିବ୍ୟାଙ୍ଗ ହୋଇ ଜନ୍ମ ନିଏ । ଅଧିକାଂଶ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ର ଅଭାବରେ ଜନ୍ମିଥିବା ପିଲାଟି ଦିବ୍ୟାଙ୍ଗ ହୋଇଯାଏ । ବିଶିଷ୍ଟ ଗାଇନିକ୍ ଡାକ୍ତର ମତରେ ଗର୍ଭବତୀ ଥିବା ସମୟରେ ଜଣେ ମହିଳାଙ୍କ ମଧ୍ୟରେ ଅନେକ ପରିବର୍ତ୍ତନ ଦେଖାଯାଏ । ହର୍ମୋନରେ ପରିବର୍ତ୍ତନ ଦେଖାଯାଏ । ଏହି ସମୟରେ ମହିଳା ଜଣକ ଅନେକ କିଛି ଖାଇବାକୁ ମନସ୍ଥ କରିଥାନ୍ତି । ଯାହା ମା' ପାଟିକୁ ତ ସୁଆଦିଆ ଲାଗିଥାଏ କିନ୍ତୁ ପେଟରେ ଥିବା ଶିଶୁ ଉପରେ ଏହାର ଖରାପ ପ୍ରଭାବ ପଡିଥାଏ । ତେବେ ଆସନ୍ତୁ ଜାଣିବା ଯେ ଗର୍ଭବତୀ ସମୟରେ କିଭଳି ନିଜକୁ ସୁରକ୍ଷା ଦେବେ ଯେଉଁଥିରେ ଛୁଆଟି ଦିବ୍ୟାଙ୍ଗ ହୋଇ ଜନ୍ମ ନେବ । ୧ . ଗର୍ଭବତୀ ଜାଣିବା ପରଠାରୁ ହିଁ ମହିଳାଙ୍କୁ ନିଜ ଖାଦ୍ୟପେୟ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ । ତଟକା ଫଳ ସହ ସବୁଜ ପନିପରିବା ଖାଇବା ଆବଶ୍ୟକ । ଫାଷ୍ଟଫୁଡ୍‌ର ବର୍ଜନ କରିବା ଆବଶ୍ୟକ ଏବଂ ଫଲିକ୍ ଏସିଡ୍ ଯୁକ୍ତ ଖାଦ୍ୟ ଖାଇବା ଦରକାର । ଯାହାଦ୍ୱାରା ମା' ଏବଂ ପିଲା ମଧ୍ୟରେ ରକ୍ତ ଅଭାବର କୌଣସି ଲକ୍ଷଣ ଦେଖାଯିବ ନାହିଁ । ୨ . ଗର୍ଭବତୀ ଥିବା ସମୟରେ ମହିଳାଙ୍କୁ ସଂକ୍ରମଣଯୁକ୍ତ ଲୋକଙ୍କଠାରୁ ଦୂରେଇ ରହିବା ନିତାନ୍ତ ଜରୁରୀ । ଏଥିପାଇଁ ମହିଳାମାନଙ୍କୁ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଯିବାକୁ ବାରଣ କରାଯାଏ । ଯାହାର ପ୍ରଭାବ ଉଭୟ ମା' ଏବଂ ଛୁଆର ସ୍ୱାସ୍ଥ୍ୟ ଉପରେ ପଡିଥାଏ । ୩ . ଗର୍ଭବତୀ ମହିଳା ଜନଗହଳି ପୂର୍ଣ୍ଣ ସ୍ଥାନ ତଥା ଗାଡିର ପେଁ ପାଁ ଶୋରଶବ୍ଦରୁ ଦୂରେଇ ରହିବା ଆବଶ୍ୟକ । ସହରଠାରୁ ଦୂରରେ ରହିଲେ ଗର୍ଭରେ ଥିବା ଛୁଆଟି ସୁସ୍ଥ ହୋଇଥାଏ । କିନ୍ତୁ ଅଧିକ ଶବ୍ଦ ଛୁଆଟି ଉପରେ ପଡିଲେ ସେ କାଲା ହୋଇ ଜନ୍ମ ହୋଇଥାଏ ।

# ବ୍ଲଡ୍ ପ୍ରେସର୍ ପାଇଁ ରାମବାଣ ଭଳି କାମ କରେ ପୋସ୍ତ



ରୋଷେଇ କରିବା ସମୟରେ ଯେଉଁଭଳି ଭାବରେ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ କାଜୁ ପେଷ୍ଟକୁ ବ୍ୟବହାର କରାଯାଏ, ଠିକ ସେହିଭଳି ପୋସ୍ତକୁ ମଧ ବ୍ୟବହାର କରାଯାଏ । ଯାହା ଖାଦ୍ୟର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ। କିନ୍ତୁ ଏହା ଶରୀର ପକ୍ଷେ କେତେ ଲାଭଦାୟକ ତାହା ସମସ୍ତେ ଜାଣି ନଥାନ୍ତି। ବାସ୍ତବରେ ପୋସ୍ତ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଲାଭବାନ ହୋଇଥାଏ । ଆଜିକାଲି ଲୋକମାନେ ଏଭଳି ଖାଦ୍ୟ ଖାଉଛନ୍ତି ଯାହା ଦ୍ୱାରା ସେମାନେ ବିରାଟ ରୋଗର ସମ୍ମୁଖୀନ ହେଉଛନ୍ତି । ସେସବୁରୁ ରକ୍ଷା ପାଇବା ପାଇଁ ସେମାନେ ବିଭିନ୍ନ ପ୍ରକାର ଔଷଧ ମଧ ଖାଇଥାନ୍ତି । କିନ୍ତୁ ଏ ସବୁ ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ ହୋଇଥାଏ । ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପ୍ରତିଦିନ ଦୁଇ ଚାମଚ ପୋସ୍ତ ଖାଇବା ନିହାତି ଦରକାର । ଯାହା ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ ଏବଂ ସ୍ୱାସ୍ଥ୍ୟ କେବେ ଖରାପ ହୋଇନଥାଏ। ଆସନ୍ତୁ ଜାଣିବା ପୋସ୍ତ ଖାଇବା ଦ୍ୱାରା କେଉଁଭଳି ରୋଗରୁ ମୁକ୍ତି ମିଳିଥାଏ ।

**କୋଷ୍ଠ କାଠିନ୍ୟ-** ଅନେକ ଲୋକଙ୍କର ହଜମ ପ୍ରକ୍ରିୟା ଠିକ ହୋଇ ନଥିବାରୁ ସେମାନେ କୋଷ୍ଠକାଠିନ୍ୟ ରୋଗରେ ପଡ଼ିଥାନ୍ତି । ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପୋସ୍ତ ଖାଇବା ଦରକାର । ଏଥିରେ ବହୁ ପରିମାଣରେ ଫାଇବର ରହିଥାଏ, ଯାହା ଏଭଳି ସମସ୍ୟାରୁ ରକ୍ଷା କରିଥାଏ ।

**ବ୍ଲଡପ୍ରେସର-** ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ପୋସ୍ତ ଖୁବ ଲାଭଦାୟକ ହୋଇଥାଏ ଯାହା ସେମାନଙ୍କ ପାଇଁ ଆୟୁର୍ବେଦିକ ଔଷଧ ଭାବେ କାମ କରିଥାଏ । ପୋସ୍ତ ପ୍ରତିଦିନ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ହେବା ସହ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

**ଅନିଦ୍ରା-** ଅନେକ ଲୋକଙ୍କ ନିକଟରେ ନିଦ ନ ଆସିବା ଭଳି ସମସ୍ୟା ବହୁ ମାତ୍ରାରେ ଦେଖାଯାଇଥାଏ । ଯଦି ସେମାନେ ରାତିରେ ଶୋଇବା ପୂର୍ବରୁ କ୍ଷୀର ସହିତ ପୋସ୍ତକୁ ମିଶାଇ ପିଇବେ ତେବେ ଏଭଳି ସମସ୍ୟାରୁ ମୁକ୍ତି ମିଳିଥାଏ।

**କିଡନୀ ଷ୍ଟୋନ-** ପୋସ୍ତରେ ଓକ୍ସଲେଟ ବହୁ ପରିମାଣରେ ରହିଥାଏ, ଏହା ଶରୀରରୁ ଅତିରିକ୍ତ କ୍ୟାଲସିୟମକୁ ଅବଶୋଷଣ କରି କିଡନୀରେ ପଥର ତିଆରି ହେବାରୁ ରକ୍ଷା କରିଥାଏ । ଏହି ରୋଗରେ ପିଡ଼ିତ ବ୍ୟକ୍ତିମାନେ ପୋସ୍ତ ଖାଇବା ନିହାତି ଦରକାର।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦଳବଦଳ ......

ଜାତୀୟ ହେଉ କି ପ୍ରାନ୍ତୀୟ ରାଜନୀତିରେ ସମୟାନ୍ତରରେ ଦେଖାଯାଉଛି, ପୂର୍ବଦିନରେ ଯେଉଁ ନୈତିକତା ଥିଲା, ସେଥିରେ ଅବକ୍ଷୟ ଆସିଯାଇଛି । ଦଳର ମାନେ ଆମେମାନେ ସାଧାରଣ ଭାବେ ବୁଝୁଥାଉ ରାଜନୈତିକ ଗୋଷ୍ଠୀକୁ । ନିର୍ଦ୍ଦିଷ୍ଟ ରାଜନୈତିକ ଗୋଷ୍ଠୀର ରହିଥାଏ ଆଦର୍ଶ ବା ବିଚାର ଉପରେ ବିଶ୍ୱାସ । କେଉଁ ଦଳ ଗାନ୍ଧିବାଦୀ ବିଚାର ଉପରେ ଆଧାରିତ ଆଦର୍ଶକୁ ଆପଣା ଉଚ୍ଚାରଣ ଓ ଆଚରଣରେ ଯଥାସମ୍ଭବ ପରିଚାଳିତ ହୋଇଥାନ୍ତି । ଅନ୍ୟମାନଙ୍କ ଭିତରୁ କିଏ ରାମ ମନୋହର ଲୋହିଆଙ୍କ ଆଦର୍ଶରେ ତ' ଆଉ କିଏ ଦୀନଦୟାଲଙ୍କ ଆଦର୍ଶରେ ପରିଚାଳିତ । ଦିନଥିଲା, ଜାତୀୟ ଜନସଂଖ୍ୟାର ସତୁରି ଭାଗ ରାଜନୀତିର ଧାର ଧରୁନଥିଲେ । ମୁଷ୍ଟିମେୟଙ୍କ ଭିତରୁ ଯିଏ କୌଣସି ମହାପୁରୁଷଙ୍କ ପଦାନୁସରଣପୂର୍ବକ ରାଜନୀତିକୁ ସେବାର ଆଧାର କରୁଥିଲେ, ସେମାନଙ୍କ ଭିତରୁ ଅଧିକାଂଶ ସାମାଜିକ ମର୍ଯ୍ୟାଦା ପାଉଥିଲେ ସ୍ୱାଧୀନତା ପ୍ରାପ୍ତି ଓ ପରବର୍ତ୍ତୀ ସମୟରେ ଦେଶ ଶାସନର ଦାୟିତ୍ୱ ବହନ କରିଥିବା ଦଳମାନଙ୍କର ଥିଲା କର୍ତ୍ତବ୍ୟ ଜ୍ଞାନ । କ'ଣ ରାଜ୍ୟ ଓ ଦେଶପାଇଁ ଉପଯୁକ୍ତ ତାହାକୁ ଦଳ ଓ ତାହାର ନେତୃତ୍ୱ ବିବେକାନୁମୋଦିତ ବିଚାର ଦ୍ୱାରା ପରିଚାଳିତ ନିଷ୍ପତ୍ତି ନେଉଥିଲେ । ଦଳ କିମ୍ବା ଗୋଷ୍ଠୀ ଆଗରେ ରହୁନଥିଲେ ସଂକୀର୍ଣ୍ଣ ମନୋଭାବ । ସମୟକ୍ରମେ କିଭଳି ତଥାକଥିତ ମୂଲ୍ୟବୋଧ ମୂଲ୍ୟହୀନ ହୋଇପଡୁଛି, ତାହା ଦେଶ ଦେଖୁଛି । ରାଜନୈତିକ ମୂଲ୍ୟବୋଧରେ ଅବକ୍ଷୟ ଏବେ ନୁହେଁ, କେବେଠାରୁ ଦୃଶ୍ୟମାନ । ସେଥିରେ ଆଦୌ ସୁଧାର ହେବାର ଦିଶୁନାହିଁ । କେହି ଛାତିରେ ହାତ ଦେଇ କହିପାରିବାକୁ ସକ୍ଷମ ନୁହଁନ୍ତି ଯେ, ମୁଁ କିମ୍ବା ମୋର ଦଳ ସବୁଠୁ ସଚ୍ଚା । ବଡ଼ ବଡ଼ ପ୍ରତିଶ୍ରୁତିକୁ ଇସ୍ତାହାରରେ ସ୍ଥାନ ଦେଇ କିଭଳି ମତଦାତାମାନଙ୍କୁ ପ୍ରଲୁବ୍ଧ କରାଯାଏ ଓ ପରେ ପ୍ରତାରିତ କରାଯାଏ ସେ ବାବଦରେ ଯେତେ ବେଶୀ କୁହାଯିବ, ତାହା ଊଣା ହେବ । କଥା ଓ କାର୍ଯ୍ୟ ଭିତରେ ଏବେ କିଭଳି ଆକାଶ ପାତାଳ ଫରକ ରହୁଛି, ତାହା ଦେଖିହେଉଛି ଜଳଜଳ । ବ୍ୟକ୍ତିମାନଙ୍କୁ ନେଇ ଦଳ ବା ଗୋଷ୍ଠୀ । ବ୍ୟକ୍ତି ଜୀବନରେ ନୈତିକତାର ଅବକ୍ଷୟ ଆରମ୍ଭ ହୁଏ, ତାହା ସାମୂହିକ ଜୀବନରେ ପ୍ରତିଫଳିତ ହେବା ସ୍ୱାଭାବିକ୍ । ସ୍ମରଣ କରାଯାଇପାରେ, ସ୍ୱର୍ଗୀୟ ଇନ୍ଦିରା ଗାନ୍ଧିଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ହରିଆଣାର ଭଜନ ଲାଲ ସରକାରର ମନ୍ତ୍ରୀ ଓ ବିଧାୟକମାନେ ସଦଳବଳ କଂଗ୍ରେସରେ ସାମିଲ ହୋଇଗଲେ । ସେହି ସମୟରେ ରାଜନୈତିକ ଅଭିଧାନରେ ଯୋଡ଼ିହେଲା ଗୋଟିଏ ଶବ୍ଦ 'ଆୟାରାମ୍ ଗୟାରାମ୍' । ଯେଉଁମାନେ ଦଳୀୟ ଆନୁଗତ୍ୟକୁ ବିସର୍ଜନ କରି ପ୍ରତିପକ୍ଷ ଶିବିରରେ ସାମିଲ ହେଉଥିଲେ, ସେମାନଙ୍କୁ ଆୟାରାମ ଗୟାରାମ୍ ବୋଲି ସମ୍ବୋଧନ କରାଯାଉଥିଲା । ଅର୍ଥାତ୍ ଧିକ୍କାର କରାଯିବାର ଭାଷା ଥିଲା ତାହା । ଆଜିକା ଦିନରେ ଦଳୀୟ ଆନୁଗତ୍ୟ ପରିହାର କରି ସଂପୂର୍ଣ୍ଣ ବିପରୀତ ଶିବିରରେ ସାମିଲ ହେବା କାଳେ ଗୌରବର କଥା । ଏଭଳିକି ସମୂହ ଦଳବଦଳ ଜରିଆରେ ସରକାର ଭାଙ୍ଗିଯାଉଛି କିମ୍ବା ଗଢ଼ି ହେଉଛି । ଏଭଳି କୌଣସି ରାଜ୍ୟ ହୁଏତ ନାହିଁ, ଯେଉଁଠିକି ଆମେ ଦଳବଦଳ ଜରିଆରେ ସଂଖ୍ୟା ବଢ଼ାଇ ସରକାର ଗଠିତ ହେବାର ନଜିର ନମିଳିବ । ଦଳବଦଳ ବିରୋଧୀ ଆଇନ ଅଛି, ତାହା ରହିଛି ନାମ ମାତ୍ର । ଦଳପତିମାନଙ୍କ କାର୍ଯ୍ୟ ତାହାକୁ କରିଦେଇଛି ଦନ୍ତବିହୀନ ବ୍ୟାଘ୍ର । ଏଇ ଅଳ୍ପଦିନ ଧରି ପଞ୍ଜାବରେ ଚାଲିଥିବା ନାଟକ ସମସ୍ତେ ଉତ୍ସୁକତାର ସହ ଦେଖୁଛନ୍ତି । ସେହି ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ ସହ ବିଦ୍ରୋହୀମାନଙ୍କ ଗତିବିଧି ଏଭଳି କିଛି ପ୍ରହେଳିକା ସୃଷ୍ଟି କରିଛି, ଯାହାର ପଟାନ୍ତର ନାହିଁ । ଏହି ରାଜ୍ୟ ଭଳି ଅନ୍ୟ କେତେକରେ ବିଧାନସଭା ଭୋଟ ପାଖେଇ ଆସୁଛି ଯେଉଁ ରାଜ୍ୟରେ ନିର୍ବାଚନ ହେବାର ଅଛି, ସେହି ରାଜ୍ୟନୈତିକ ମୂଲ୍ୟବୋଧ ଅବଶିଷ୍ଟ ଥିବାର ବିଶ୍ୱାସ କରାଯାଉଥିବା କେତେକ ନେତା ତାହାରି ଦ୍ୱାହି ଦେଇ ଦଳତ୍ୟାଗ କରି ଅନ୍ୟ ଦଳରେ ମିଶୁଛନ୍ତି କ୍ୟାରିଅର୍ କରିବା ଚକ୍କରରେ । ଜେଏନୟୁର ସର୍ବପରିଚିତ 'ଲୋକେ ରହଙ୍ଗେ ଆଜାଦୀ' ନେତା କହ୍ନେ କୁମାର ସିପିଆଇ ତ୍ୟାଗ କରି କଂଗ୍ରେସରେ ମିଶିଛନ୍ତି । ସେହିଭଳି ଗୁଜରାଟର ସ୍ୱାଧୀନ ବିଧାୟକ ଜିଗ୍ନେଶ ମଧ କଂଗ୍ରେସରେ ମିଶି ଜାତୀୟ ରାଜନୀତିରେ ବଢ଼ିଉଠୁଥିବା ବିପଜ୍ଜନକ ରାଜନୀତି ବିରୋଧରେ ସ୍ୱର ଉଠାଇଛନ୍ତି । ଏମିତି ନୁହେଁ ଯେ, କେବଳ ଦଳକୁ କଂଗ୍ରେସ ଥୋପ ପକାଇ ନେତାମାନଙ୍କୁ ଟାଣୁଛି । ବିଭିନ୍ନ ରାଜ୍ୟରେ ମଉକା ଦେଖି ବିଜେପି ଅନ୍ୟ ଦଳରୁ ମଧ ନେତାମାନଙ୍କୁ ଟାଣୁଛି । ପଶ୍ଚିମଙ୍ଗରେ ତୃଣମୂଳ କଂଗ୍ରେସ କିଛି ବ୍ୟତିକ୍ରମ ନୁହେଁ । ବିଜେପିକୁ ଚାଲିଯାଇଥିବା ମୁକୁଲ ରାୟ ହୁଅନ୍ତୁ କି' ବିଜେପି ଚାଲିଯାଇଥିବା କେନ୍ଦ୍ରମନ୍ତ୍ରୀ ହୋଇଥିବା ବାବୁଲ ସୁପ୍ରିୟୋ, ସେମାନଙ୍କ 'ଘର ୱାପସି' ପଛରେ ରହିଥାଇପାରେ ସମାନ କୌଶଳ । ପୂର୍ବତନ ଗୋଆ ମୁଖ୍ୟମନ୍ତ୍ରୀ ଲୁଇଜିନୋ ଫାଇଲେରିଓ ଏହା ଭିତରେ କଂଗ୍ରେସ ଛାଡ଼ି ତୃଣମୂଳ କଂଗ୍ରେସ ଶିବିରରେ । ଏମିତି ଦଳ ବଦଳରେ କୁଆଡ଼େ ଅନୈତିକ କାର୍ଯ୍ୟରେ ଯାଏନି ବୋଲି କେତେକ ମହଲ ଯୁକ୍ତି ବାଢ଼ୁଛନ୍ତି । ଆଦର୍ଶ ଫାଦର୍ଶ ପଛରେ ଧାଇଁ ଧାଇଁ ଓପାସ ରହି ପେଟରେ ଓଦାକନା ପକାଇ ଶିବା ସାର ବୋଲି ମଧ କହୁଛନ୍ତି ସେହି ମହଲ । କ୍ଷମତା ଆଜିକା ଦିନରେ ସବୁଠୁ ବଡ଼ ମାପକାଠି । ସୁତରାଂ, କିଭଳି କଳୁଷିତ ରାଜନୀତିକୁ ନିର୍ମଳ କରାଯାଇପାରିବ, ସେଥିପାଇଁ ଚିନ୍ତିତ ମହଲ ଉପରେ ବହୁକିଛି ନିର୍ଭର କରୁଛି । ସଦାଚାର, ସମ୍ବେଦନଶୀଳତା ଭଳି ସଦ୍‌ଗୁଣଠାରୁ ଦୂରେଇଯାଇଥିବା ସେବା ରାଜନୀତିରେ ଉନ୍ନତ ମୂଲ୍ୟବୋଧସମ୍ପନ୍ନ ବିଚାର ଯେ ପର୍ଯ୍ୟନ୍ତ ବିକାଶ ନହୋଇଛି, ଅବକ୍ଷୟ ଯୁଗର କେବେ ବି ଅନ୍ତ ହେବନାହିଁ ।

# ଆଧୁନିକ କାବ୍ୟ ଜଗତର ଅମୂର୍ତ୍ତ ପ୍ରକାଶ କ୍ଷେତ୍ରରେ ଉନବିଂଶର ପତ୍ରପତ୍ରିକାର ଅବଦାନ



ଡ. ମନୋରଞ୍ଜନ ବିଷୋୟୀ

'ଆଧୁନିକତା' ବହୁ ବିତର୍କର ବଳୟରେ ଆତ୍ମପ୍ରକାଶ କରିଥିବା ଏକ କଠିନ ପ୍ରସଙ୍ଗ। ବିଶେଷ କରି ଆଧୁନିକତାକୁ ଆଲୋଚନା କରିବାକୁ ଗଲେ ବ୍ୟକ୍ତିକୁ ଅନେକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଊନବିଂଶର ଆଦ୍ୟପାଦରେ ଇଂରେଜମାନେ ଓଡ଼ିଶା ଅଧିକାର କରିଛନ୍ତି। ଇଂରେଜମାନଙ୍କ ଓଡ଼ିଶା ଅଧିକାର କରିବା ପରବର୍ତ୍ତୀ ସମୟରେ ଗତାନୁଗତିକ ଭାରତୀୟ ଏବଂ ସେହିସୂତ୍ରରେ ଓଡ଼ିଆ ଚେତନାରେ ମଧ ଦେଖାଦେଇଛି ଏକ ଅଭିନବ ସମସ୍ୟା। ଓଡ଼ିଆ ସାମ୍ବାଦିକ ଇତିହାସକୁ ଲକ୍ଷ୍ୟ କଲେ ଜଣାଯାଏ, ଜମିଜମା ବନ୍ଦୋବସ୍ତର ପ୍ରବର୍ତ୍ତନ ଫଳରେ ସାମାଜିକ ଜୀବନରେ ଯେପରି ସମସ୍ୟା ସୃଷ୍ଟି ହୋଇଛି ଠିକ୍ ସେପରି ଆତ୍ମ ପରିଚିତ ବା ଅସ୍ମିତାରେ ଆସିଛି ଏକ ନୂତନ ପ୍ରଶ୍ନବାଚୀ। ମଧ୍ୟବିତ୍ତ ଶ୍ରେଣୀର ଅଭ୍ୟୁଦୟ ଏବଂ ପରିବର୍ତ୍ତିତ ବିଶ୍ୱଚେତନା ସହ ସମନ୍ୱୟ ପରମ୍ପରାର ମଣିଷକୁ ଏକ ନୂଆ ମୋଡ଼ରେ ଠିଆ କରାଇଛି। ସାଧାରଣତଃ ଆଧୁନିକତାକୁ ପାଶ୍ଚାତ୍ୟ ଚେତନା ସଂସର୍ଗଜନିତ ଏକ ଅନୁଭୂତି ଭାବରେ ଗ୍ରହଣ କରାଯାଇଥିବା ଲକ୍ଷ୍ୟ କରାଯାଏ। ଏକଥା ଅବଶ୍ୟ ସତ୍ୟ ଇଂରେଜମାନଙ୍କ ଆଗମନ ପରବର୍ତ୍ତୀ ସମୟରେ ପରମ୍ପରାରେ ଆସିଛି ଏକ ନୂତନ ପ୍ରଶ୍ନବାଚୀ। ଅନେକ ଆଧୁନିକତାକୁ ପରମ୍ପରାବିହୀନ ପରମ୍ପରା ଭିତରେ ଅଭିହିତ କରିଛନ୍ତି। କିନ୍ତୁ ଯଥାର୍ଥରେ ଆଧୁନିକତା ଏକ ପରମ୍ପରାବିହୀନ ପରମ୍ପରା ନୁହେଁ, ବରଂ, ତାହା ହେଉଛି ପରମ୍ପରାର ଏକ ପୁନଃ ବିକିରଣ। ଆପଣାକୁ, ଆପଣାର ପରିଚିତ ବିଶ୍ୱକୁ ଏବଂ ଐତିହ୍ୟକୁ ନୂଆ ଆଖିରେ ଦେଖିବା ହିଁ ହେଉଛି ଆଧୁନିକତା। ଏହି ଦୃଷ୍ଟିକୋଣ ନେଇ ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶଧାରାରେ ପତ୍ରପତ୍ରିକାର ଅବଦାନକୁ ବିଶ୍ଳେଷଣ କରିବାକୁ ଗଲାବେଳେ ଏକ ପରିବ୍ୟାପ୍ତ କ୍ଷେତ୍ରରେ ଆପଣାକୁ ଅବସ୍ଥାପିତ କରିଥିବା ପ୍ରତ୍ୟେକ ସଚେତକ ଗବେଷକ ବାଧ ହୁଏ।

ସାହିତ୍ୟ ଏକ ବ୍ୟାପକ ଅନୁଧ୍ୟାନର କେନ୍ଦ୍ରବିନ୍ଦୁ। ଅହରହ ବ୍ୟକ୍ତିମାନସକୁ ଉଦ୍‌ବେଳିତ କରୁଥିବା ଏବଂ ସମାଧାନର ସରଳତମ ସୂତ୍ର ଖୋଜୁଥିବା ଅନୁଭୂତିର ଇତିବୃତ୍ତି ହେଉଛି ସାହିତ୍ୟ। କାଳର ବକ୍ଷରେ ଜନ୍ମ ନେଇ ମହାକାଳକୁ ଆବୋରି ନେବାର ଅନୁଭୂତି ହେଉଛି ସାହିତ୍ୟ। ତେଣୁ ଆଧୁନିକ ସାହିତ୍ୟ କହିଲେ; ଏହାକୁ ସମୟର କେଉଁ ବାଡ଼ବନ୍ଧରେ ଚିହ୍ନିତ କରିହେବ, ତାହା ନିର୍ଣ୍ଣୟ କରିବା ନିଶ୍ଚିତ ଭାବରେ ଏକ କଷ୍ଟକର ବ୍ୟାପାର। ତେବେ ଗତାନୁଗତିକ ଗଡ୍‌ଡ଼ାଳିକା ପ୍ରବାହରୁ ମୁକ୍ତ ହୋଇ; ଏକ ସମୟ ସଚେତନ ଏବଂ ସଂସ୍କୃତି ସଚେତନ ମାନବର ଜୀବନ ଓ ଜଗତ ଅନ୍ୱେଷାକୁ ଆଧୁନିକତା କହିଲେ ବୋଧହୁଏ ଭୁଲ ହେବନାହିଁ। ଏହା ଏକ ସୁଦୂର ପ୍ରସାରୀ ଦୃଷ୍ଟିକୋଣର ପ୍ରେକ୍ଷାପଟ୍ଟ ଏବଂ ଗଭୀର ଅନୁଶୀଳନର ଦ୍ୟୋତକ। ଏହି ଦୃଷ୍ଟିକୋଣକୁ ଅନୁଶୀଳନ କଲେ ଊନବିଂଶ ଶତାବ୍ଦୀର ଅଭିବ୍ୟକ୍ତିକୁ ଓଡ଼ିଆ ସାହିତ୍ୟର ପ୍ରେକ୍ଷାପଟ୍ଟରେ ଏକ ପୂର୍ଣ୍ଣ ସମୟ ଭାବରେ ଅଭିହିତ କରାଯାଇପାରେ। ମହାଭାରତୀୟ ମୂଳସ୍ରୋତକୁ ଆପଣାର ସ୍ୱତନ୍ତ୍ର ପରିଚିତି ନେଇ ଓଡ଼ିଆ ସାହିତ୍ୟ ଯେଉଁ ସ୍ୱକୀୟ ପ୍ରତିଭାରେ ଉଦ୍‌ଭାସିତ ହୋଇଥିଲା ତାହା ଊନବିଂଶରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛି। ଓଡ଼ିଆ ଭାଷା କହୁଥିବା ଏକ ଗୋଷ୍ଠୀ; ବଙ୍ଗ, ବିହାର ଓ ମାଡ୍ରାସ୍ ପ୍ରେସିଡ଼େନ୍ସି ଶାସନ କବଳରେ ରହି ହରାଇଛନ୍ତି ଆପଣାର ସ୍ୱାଭିମାନ। କିନ୍ତୁ ଏସବୁ ସତ୍ତ୍ୱେ ତଥାପି ବି ଏ ମାଟିର ମହତ୍ତ୍ୱ ମଳିନ ପଡ଼ିନାହିଁ। ପାଇକ ବିଦ୍ରୋହ ପରି ଏକ ଆନ୍ଦୋଳନ ଭିତରେ ଯେଉଁ ସ୍ୱରଟିଏ ସୃଷ୍ଟି ଲାଭ କରିଥିଲା ତାହା ୧୮୬୬ ନ'ଅଙ୍କ ଦୁର୍ଭିକ୍ଷ ପରବର୍ତ୍ତୀ ସମୟରେ ପୁନଃ ସଙ୍ଗଠିତ ହେବା ନିମନ୍ତେ ଉଦ୍ୟମ ଆରମ୍ଭ କରିଛି। ସୁଖର କଥା ଏକ ବିଡ଼ମ୍ବିତ କାଳରେ ପତ୍ରପତ୍ରିକାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଆଧୁନିକ ଦୃଷ୍ଟିଭଙ୍ଗୀ ଥିଲା ପରୀକ୍ଷାଧର୍ମୀ । ସରଳ ବିଶ୍ୱାସର ଅନ୍ତରଙ୍ଗ ପରିସରକୁ ପରିତ୍ୟାଗ କରି ଯୁକ୍ତିକୁ ଆବୋରି ନେଇଥିଲା ଏ ସମୟ। ଗଦ୍ୟ ସାହିତ୍ୟର ପୁନଃ ଅଭ୍ୟୁଥାନ ଥିଲା ଏ ସମୟର ସାହିତ୍ୟ ଏବଂ ଆଧୁନିକତାକୁ ଗଦ୍ୟର ଯୁଗ କହିଲେ ବୋଧହୁଏ ସତ୍ୟର ଅପଳାପ ହେବ ନାହିଁ। କିନ୍ତୁ ଏସବୁ ସତ୍ତ୍ୱେ କଳାପ୍ରେମୀ ଓଡ଼ିଆଙ୍କ ପାଇଁ ସାହିତ୍ୟର ଶ୍ରେଷ୍ଠ ମାଧ୍ୟମ ହୋଇଥିଲା କାବ୍ୟ। ଏ ସମୟରେ ସାହିତ୍ୟକୁ ଦିଗ୍‌ଦର୍ଶନ ଦେଇଥିବା ତ୍ରିବିଧ ପ୍ରତିଭା ରାଧାନାଥ, ମଧୁସୂଦନ ଏବଂ ଫକୀରମୋହନ ଆପଣା ବାଗରେ କାବ୍ୟସାଧନାରେ ଆପଣାକୁ ନିୟୋଜିତ କରିଥିଲେ। ଓଡ଼ିଶାରେ ତାଳପତ୍ର ଯୁଗର ପରବର୍ତ୍ତୀ ପ୍ରସାରଣ ମାଧ୍ୟମ ଥିଲା ମୁଦ୍ରାଯନ୍ତ୍ର। ଖ୍ରୀଷ୍ଟିୟାନ୍ ମିଶ୍‌ନାରୀମାନଙ୍କ ଦ୍ୱାରା ୧୮୩୭ ମସିହାରେ ପ୍ରତିଷ୍ଠା ହୋଇଥିଲା ମୁଦ୍ରାଯନ୍ତ୍ର। ସେମାନଙ୍କ ଉଦ୍ୟମରେ ୧୮୪୯ରେ 'ଜ୍ଞାନାରୁଣ' ଏବଂ ପରେ ପରେ 'ପ୍ରବୋଧ ଚନ୍ଦ୍ରିକା' ଏବଂ 'ଅରୁଣୋଦୟ' ପ୍ରକାଶ ପାଇଥିଲା। କିନ୍ତୁ ୧୮୬୬ ମସିହାରେ 'ଉତ୍କଳ ଦୀପିକା'ର ପ୍ରକାଶ ପରେ ପରେ ପ୍ରକାଶନ କ୍ଷେତ୍ରରେ ଆସିଥିଲା ଏକ ଅଭୁତପୂର୍ବ ପରିବର୍ତ୍ତନ। 'ସମ୍ବାଦବାହିକା', 'ଉତ୍କଳ ହିତୈଷିଣୀ', 'ସ୍ୱଦେଶୀ', 'ପ୍ରଜାବନ୍ଧୁ', 'ଓଡ଼ିଆ', 'ସମ୍ବଲପୁର ହିତୈଷିଣୀ', 'ଓଡ଼ିଆ ଓ ନବସମ୍ବାଦ', 'ଉତ୍କଳ ମଧୁପ', 'ଉତ୍କଳ ଦର୍ପଣ', 'ଶିକ୍ଷାବନ୍ଧୁ' ଆଦି ପତ୍ରିକା ପ୍ରକାଶ ପାଇବା ସହ; ରାଜନୈତିକ, ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ସର୍ଜନା କ୍ଷେତ୍ରରେ ସୃଷ୍ଟି ହୋଇଥିଲା ଏକ ବିରାଟ ପରିବର୍ତ୍ତନ। ଶତାବ୍ଦୀର ଶେଷପାଦରେ 'ଉତ୍କଳ ସାହିତ୍ୟ' (୧୮୯୭) ଏବଂ ଆଦ୍ୟ ପର୍ଯ୍ୟାୟରେ 'ଉତ୍କଳ ଦର୍ପଣ' (୧୮୭୩) ଓଡ଼ିଶାର ସାରସ୍ୱତ ଜଗତକୁ ଅଭିନବ ଦୀପ୍ତି ପ୍ରଦାନ କରିଅଛି। ଊନବିଂଶର ଆଦ୍ୟପାଦରେ ଓଡ଼ିଆ ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି ସ୍ରଷ୍ଟା ରାଧାନାଥ। ପ୍ରାଚ୍ୟ ପାଶ୍ଚାତ୍ୟର ସମନ୍ୱୟରେ ତାଙ୍କ କାବ୍ୟ ଜଗତ ହୋଇଛି ଦୀପ୍ତିବାନ। ଆହରଣ, ସମୀକରଣ ଭିତରେ ତାଙ୍କ ବ୍ୟକ୍ତିତ୍ୱ ହୋଇଛି ବହୁଚର୍ଚ୍ଚିତ। ଇଂରାଜୀ, ବଙ୍ଗଳା ଓ ଓଡ଼ିଆ ତ୍ରିବିଧ ବର୍ଣ୍ଣାଳୀରେ କାବ୍ୟଧାରା ଅଭିନବ ଅନୁଭୂତି ପ୍ରଦାନ କରିଛି। ବଙ୍ଗଳା କବିତାବଳୀରୁ ସର୍ଜନୀ ଦୁନିଆରେ ପାଦ ଥାପି ଭୂଦେବ ବାବୁଙ୍କ ପ୍ରେରଣାରେ ସେ ଓଡ଼ିଆ ସାହିତ୍ୟରେ ଅନୁପ୍ରବେଶ କରିଛନ୍ତି। 'ଉତ୍କଳ ଦର୍ପଣ' ପତ୍ରିକାରେ ପ୍ରକାଶ ପାଇଛି 'ମେଘଦୂତ'। ଅନୁବାଦ କୁଶଳତାର ଅପୂର୍ବ ପରାକାଷ୍ଠାକୁ ଏହି ପତ୍ରିକା ପ୍ରଦର୍ଶିତ କରିଛି। ପରବର୍ତ୍ତୀ ସମୟରେ ୧୮୮୬ ରେ 'ଶିକ୍ଷାବନ୍ଧୁ' ପତ୍ରିକାରେ 'କେଦାରଗୌରୀ' ପ୍ରକାଶ ପାଇ ରାଧାନାଥଙ୍କୁ ଦେଇଛି ଅପୂର୍ବ ଲୋକପ୍ରିୟତା କିନ୍ତୁ 'ସଂସ୍କାରକ' ପତ୍ରିକାରେ ଏ ସମ୍ପର୍କରେ ସେକ୍ସପିଅରଙ୍କ 'ପିରାମସ୍ ଥିସ୍‌ବି' କବିତା ସମ୍ପର୍କରେ ଆଲୋଚନା ରାଧାନାଥଙ୍କୁ ଏକ ନୂଆ ଅନୁଭୂତି ପ୍ରଦାନ କରିଛି। ୧୮୮୬ ରେ ପ୍ରକାଶିତ 'ଚନ୍ଦ୍ରଭାଗା', ୧୮୮୭ 'ନବସମ୍ବାଦ'ରେ ପ୍ରକାଶିତ 'ନନ୍ଦିକେଶ୍ୱରୀ', ୧୮୮୮ରେ 'ଉଷା', ୧୮୯୦ରେ 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶିତ 'ପାର୍ବତୀ' ରାଧାନାଥଙ୍କୁ ଦେଇଛି ଅପୂର୍ବ ପାଠକୀୟ ସ୍ୱୀକୃତି। ଏ ସମନ୍ୱୟଧର୍ମୀ ରୂପଚିତ୍ର ରାଧାନାଥଙ୍କ କଳାକୁଶଳତାର ଅପୂର୍ବ ପରିଚୟ ପ୍ରଦାନ କରିଥାଏ। ରାଧାନାଥଙ୍କ ସମ୍ପର୍କରେ ୧୮୮୫ ଫେବୃୟାରୀ ୨୬ ତାରିଖ 'ବାଲେଶ୍ୱର ସମ୍ବାଦବାହିକା'ରେ ପ୍ରକାଶ ପାଇଥିବା ମନ୍ତବ୍ୟ ଏ କ୍ଷେତ୍ରରେ ବେଶ ପ୍ରଣିଧାନଯୋଗ୍ୟ। ଏଥିରେ କୁହାଯାଇଥିଲା- "ଆମେମାନେ କ୍ରମେ ଓଡ଼ିଆ ଭାଷାର ଦୁର୍ଦ୍ଦଶା ଦେଖି ସର୍ବଦା ଦୁଃଖିତ ଅଛୁ। ପାଞ୍ଚ ସାତ ବର୍ଷ ହେଲା ଓଡ଼ିଶାରେ ଯେଉଁ ସବୁ ପାଠ୍ୟପୁସ୍ତକ ପ୍ରକାଶିତ ହେଉଅଛି, ସେହି ସବୁ ପୁସ୍ତକର ଭାଷା ବିଶୁଦ୍ଧ ଓଡ଼ିଆ ନୁହେଁ। ସେଥିପୂର୍ବେ ଓଡ଼ିଶାରେ ଯେଉଁସବୁ ପୁସ୍ତକ ପ୍ରକାଶିତ ହୋଇଥିଲା, ସେଥିମଧ୍ୟରୁ ସମସ୍ତଙ୍କର ନହେଉ ଅଧିକାଂଶ ପୁସ୍ତକର ଭାଷା ବିଶୁଦ୍ଧ ଥିଲା। × × × ଆମ୍ଭମାନଙ୍କ ବିବେଚନାରେ ବର୍ତ୍ତମାନ ସ୍କୁଲ ସମୂହର ଜଏଣ୍ଟ ଇନ୍‌ସପେକ୍ଟର ଶ୍ରୀଯୁକ୍ତ ବାବୁ ରାଧାନାଥ ରାୟ ଏଥି ନିମନ୍ତେ ଦାୟୀ ଅଟନ୍ତି ଏବଂ ଆମ୍ଭେମାନେ ତାଙ୍କୁ ଦୋଷ ଦେଉଅଛୁ।" (ସାମନ୍ତରାୟ, ନଟବର, ଓଡ଼ିଶା ସାହିତ୍ୟର ଇତିହାସ, ପୃ-୨୮୭) ରାଧାନାଥ ଅତି ସଚେତନତାର ସହ ବିଦେଶୀ କଥାବସ୍ତୁ ଗ୍ରହଣ କରିଛନ୍ତି ଏବଂ ଏଥିନିମନ୍ତେ ସମାଲୋଚନାର ଶରବ୍ୟ ହେବାକୁ ବାଧ ହୋଇଛନ୍ତି। 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶିତ 'ପାର୍ବତୀ' କାବ୍ୟ ରାଧାନାଥଙ୍କୁ କରିଛି ବହୁ ଭାବରେ ନିନ୍ଦିତ। ଏ ସମ୍ପର୍କରେ ସୁଢ଼ଳ ଦେବଙ୍କ ମନ୍ତବ୍ୟ 'ସହକାର'ରେ ପ୍ରକାଶ ପାଇଛି - "ଯାହାଙ୍କର ପକ୍ଷ ସମର୍ଥନ କରିବାକୁ ଆମ୍ଭେମାନେ ଅର୍ଥ ବ୍ୟୟ ଓ ମାନସିକ ପରିଶ୍ରମ କରୁଛୁ, ସେ ଆମ୍ଭମାନଙ୍କର ମୁଖରେ କାଳି ଲଗାଇବାକୁ ତିଳେମାତ୍ର ସଙ୍କୋଚବୋଧ କଲେନାହିଁ। ଅବୈଧ ଅଶ୍ଳୀଳ ଇଙ୍ଗିତ ଦ୍ୱାରା ଏହାଙ୍କର ଲେଖନୀ ରାଜକାବ୍ୟରେ ପ୍ରକାଶ୍ୟ ଅଶ୍ଳୀଳ ଲେଖାରୁ ବଳିଗଲା। ତାଛଡ଼ା ଏହା ଯେ କେବଳ ତାଙ୍କ ପକ୍ଷ ସମର୍ଥନକାରୀଙ୍କର ମୁଖ ବନ୍ଦ କଲା ତାହା ନୁହେଁ ପୁଣି ଉତ୍କଳର ପବିତ୍ର ବଂଶର ପୁଣ୍ୟଶ୍ଳୋକ ଗଙ୍ଗେଶ୍ୱରଙ୍କ ମୁଖରେ କଳଙ୍କ କାଳିମା ଲେପନ କଲା।" (ସାମନ୍ତରାୟ, ନଟବର, ଯୁଗପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ, ନ୍ୟୁ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ପୃ-୮୪)

ପରବର୍ତ୍ତୀ 'ଚିଲିକା' ଏବଂ 'ମହାଯାତ୍ରା' ରାଧାନାଥଙ୍କୁ ଏକ ଭିନ୍ନ ପରିସରରେ ଉପସ୍ଥାପିତ କରିଛି। ସମସ୍ତ ସତର୍କତା ସତ୍ତ୍ୱେ ସେ ପାଶ୍ଚାତ୍ୟ ମୋହରୁ ମୁକ୍ତି ପାଇପାରିନାହାନ୍ତି। 'ଇନ୍ଦ୍ରଧନୁ ଓ ବିଜୁଳି' ପରି ଐତିହାସିକ ବିବାଦ ପରେ ରାଧାନାଥ ଆନ୍ଦୋଳିତ ଚିତ୍ତରେ କାଳ ଅତିବାହିତ କରିଛନ୍ତି। ଏ ସମୟ ଭିତରେ 'ଯଯାତିକେଶରୀ', 'ତୁଳସୀ ସ୍ତବକ', 'ଦରବାର' ପରି କାବ୍ୟ ସୃଷ୍ଟି ଲାଭ କରିଛି। ତତ୍କାଳୀନ ପତ୍ରପତ୍ରିକା ରାଧାନାଥଙ୍କ ସୃଷ୍ଟିକୁ ବିକଶିତ କରିବା ଦିଗରେ ଯେପରି ଭୂମିକା ଗ୍ରହଣ କରିଛି ଠିକ୍ ଅନ୍ୟପକ୍ଷରେ 'ପାର୍ବତୀ' ଓ 'ଦରବାର'ର ଅକାଳ ସମାପ୍ତି ପାଇଁ ଉତ୍ତରଦାୟୀ ରହିଛି। କିନ୍ତୁ ଏକଥା ସ୍ପଷ୍ଟ 'ଇନ୍ଦ୍ରଧନୁ ଓ ବିଜୁଳି' ଠାରୁ 'ଉତ୍କଳ ସାହିତ୍ୟ' ପର୍ଯ୍ୟନ୍ତ ସେ ସମୟର ମୁଖ୍ୟ ପତ୍ରିକା ଗୁଡ଼ିକ ଆଲୋଚନା ଓ ସମାଲୋଚନାର ମାର୍ଗକୁ ପ୍ରଶସ୍ତ କରିଛି। ମଧୁସୂଦନଙ୍କ ଆଧ୍ୟାତ୍ମିକ ଅନ୍ୱେଷାବାଦୀ କବିତା 'ଉତ୍କଳ ସାହିତ୍ୟ'ରେ ପ୍ରକାଶ ପାଇଛି। ଏହାବ୍ୟତୀତ 'ପ୍ରବନ୍ଧମାଳା' (୧୮୮୦), 'ଅବଧାନ ବନ୍ଧୁ' (୧୮୮୩), 'ଛାନ୍ଦ ମାଳା' ଏହି ପତ୍ରିକାରେ ପ୍ରକାଶ ପାଇଛି। ଏ ସମ୍ପର୍କରେ କୁହାଯାଇଛି - "ସମାଲୋଚ୍ୟ ପୁସ୍ତକ ଖଣ୍ଡିକ କବି ପ୍ରଧାନତଃ ବିଦ୍ୟାଳୟର ବାଳକ ବାଳିକାମାଙ୍କ ନିମନ୍ତେ ଲେଖିଅଛନ୍ତି। ମାତ୍ର ଏହି ଅତ୍ୟୁତପୃଷ୍ଟ କବିତା ଗୁଡ଼ିକ ଯେ, ସାଧାରଣ ପାଠକମଣ୍ଡଳୀର ଅତ୍ୟନ୍ତ ଉପଯୋଗୀ ତାହା ବୋଲିବା ବାହୁଲ୍ୟମାତ୍ର।" (ସାମନ୍ତରାୟ, ନଟବର, ଓଡ଼ିଆ ସାହିତ୍ୟଣ ଇତିହାସ, ପୃ-୩୪୦) ମଧୁସୂଦନ ସୃଷ୍ଟିକୁ ପ୍ରସାରିତ କରିବା ଦିଗରେ 'ମୁକୁର' ପତ୍ରିକାର ଅବଦାନ ସ୍ମରଣୀୟ। ସେନାପତିଙ୍କ 'ଉତ୍କଳ ଭ୍ରମଣ', 'ବାଲେଶ୍ୱର ସମ୍ବାଦବାହିକା', 'ଉତ୍କଳ ଦୀପିକା', 'ଓଡ଼ିଆ ନବ ସମ୍ବାଦ'ରେ ପ୍ରକାଶ ପାଇଛି। 'ଉତ୍କଳ ପ୍ରଭା' ସେନାପତିଙ୍କୁ ପାଠକ ମହଲରେ ପରିଚିତ କରାଇଛି। ସାର୍ ବାସୁଦେବ ସୁଢ଼ଳଦେବଙ୍କ ପ୍ରତିଷ୍ଠିତ 'ଜଗନ୍ନାଥ ବଲ୍ଲଭ ପ୍ରେସ୍' ଓଡ଼ିଆ ମୁଦ୍ରଣ ସାହିତ୍ୟକୁ ଦେଇଛି ଭିନ୍ନ ପରିଚିତି। ତାଙ୍କ ରଚିତ 'ଚିତ୍ରୋତ୍ପଳା' ଏବଂ 'ବୀର ବାମା' ସାଧୁଚରଣଙ୍କ 'ଭାବ କୁସୁମ', 'ଧ୍ରୁବଚରିତ' ଏବଂ ଚନ୍ଦ୍ରମୋହନ ମହାରଣାଙ୍କ 'ବସନ୍ତ' ଏହି ପତ୍ରିକା ମାଧ୍ୟମରେ ପାଠକ ମହଲରେ ପହଞ୍ଚିପାରିଛି। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ପାନ, ବିଡ଼ି ଓ ସିଗାରେଟକୁ ଭୁଲିଯିବା, ବଦଳରେ ବ୍ରାଉନ ସୁଗାର



ସୁବ୍ରତ କର

ପ୍ରତିଦିନ ବ୍ରାଉନ ସୁଗାର କାରବାର କରି କିଛି ଲୋକ ଧରାପଡୁଛନ୍ତି ଏବଂ ଜେଲ ମଧ ଯାଉଛନ୍ତି ଏବଂ ଆଶ୍ଚର୍ଯ୍ୟର କଥା ଧରା ପଡ଼ିବା ପରେ ଜେଲରେ ବେଶିଦିନ ରହୁନାହାନ୍ତି । କୌଣସି ପ୍ରକାରେ ଆଇନକୁ ଧୋକା ଦେଇ ଖସି ଆସୁଛନ୍ତି ଏବଂ ପୁଣି ଏହି କାରବାରରେ ଲିପ୍ତ ରହୁଛନ୍ତି । ୧୫-୨୦ ବର୍ଷ ତଳେ ଆମର ନିଶା ଭିତରେ ଥିଲା ଚାହା, ପାନ, ତମାଖୁ, ବିଡ଼ି ଏବଂ ପଇସା ବାଲା ହେଲେ ସିଗାରେଟ ପର୍ଯ୍ୟନ୍ତ ଥିଲା । ସରକାର ସିଗାରେଟ ଉପରେ କଟକଣା ଜାରି ପରେ ସିଗାରେଟ୍ ଟାଣିବା ଲୋକ ପ୍ରାୟ ଉଠେଇ ଯାଇଛନ୍ତି । ବିଡ଼ି ମଧ ନାହିଁ କହିଲେ ଚଳେ । ପାନ କିଛି କିଛି ଚାଲିଛି କିନ୍ତୁ ଆଗ ଅପେକ୍ଷା ଯଥେଷ୍ଟ କମିଛି । ବଜାରରେ ଏଗୁଡ଼ିକ ପ୍ରାୟ ମିଳୁନାହିଁ ଏବଂ ପାନ ଦୋକାନ ମଧ କମିଯାଇଛି । ବଦଳରେ, ଆଧୁନିକ ଯୁଗରେ ଚାଲିଛି ଧଳା ଜହର ବା ବ୍ରାଉନ ସୁଗାର । ଏହାର ପ୍ରଚାର ଏବଂ ପ୍ରସାର (ଖବର କାଗଜ ମାଧ୍ୟମରେ) ଜୋର ଧରିଛି । ସବୁଦିନ ଧଳା ଜହର ଉପରେ ନିଶ୍ଚିତ ଖବର ଥିବ ଏବଂ ଦୁଃଖର କଥା ସମସ୍ତ ଧଳା ଜହର ଆମ ଜିଲ୍ଲା ଦେଇ ସାରା ଓଡ଼ିଶାରେ ପହଞ୍ଚୁଛି । ଫାଟକ ହେଉଛି ଜଳେଶ୍ୱର । କାଲିର ଖବର ଦେଖିବା ଓଡ଼ିଶାର ଚାରିଟି ଯାଗାରୁ ବ୍ରାଉନ ସୁଗାର ଧରା ହୋଇଛି ଏବଂ ବିପୁଳ ପରିଣାମରେ ଏବଂ କୋଟି କୋଟି ଟଙ୍କାର । ଲିପ୍ତ ଥିବା ଗୋଡ଼ାଏ ଲୋକ ମଧ ଧରା ପଡ଼ିଛନ୍ତି । ପ୍ରଥମଟି ହେଲା ଜଳେଶ୍ୱର ଠାରେ ୫୪୦ ଗ୍ରାମ ବ୍ରାଉନ ସୁଗାର ଯାହାର ବଜାର ମୂଲ୍ୟରେ ପ୍ରାୟ ଏକକୋଟି ଟଙ୍କା । ଏହି କାରବାରରେ ୪ଜଣ ଗିରଫ ମଧ ହୋଇଛନ୍ତି । ଦ୍ୱିତୀୟଟି ହେଉଛି ଭୁବନେଶ୍ୱର ଏଆରଫିଲ୍ଡ ଥାନା ଅଞ୍ଚଳରେ । ସେଠାରେ ପିଣ୍ଟୁ ନାମରେ ଜଣେ ଯୁବକକୁ ପୁଲିସ ଗିରଫ କରିଛି ଏବଂ ତା' ପାଖରୁ ଆନୁମାନିକ ୭ ଲକ୍ଷ ଟଙ୍କା ମୂଲ୍ୟର ଧଳା ଜହର (ପ୍ରାୟ ୭୩ଗ୍ରାମ) ବାହାରିଛି । ତାକୁ ମଧ କୋର୍ଟ ଚାଲାଣ କରା ହୋଇଛି । ଏଥିରୁ ବାଲେଶ୍ୱରର ବସ୍ତା ଏବଂ ଜଗତସିଂପୁର ମଧ ବାଦ୍ ପଡିନାହିଁ । ବସ୍ତାର ସଦାନନ୍ଦପୁର ଗ୍ରାମରୁ ୧୫୩ଗ୍ରାମ ବ୍ରାଉନ ସୁଗାର ସହ ଜଣକୁ ପୁଲିସ ହେପାଜାତକ ନେଇଛନ୍ତି । ଏହାର ଆନୁମାନିକ ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ପାଖାପାଖି ହେବ । ଜଗତସିଂପୁର ଜିଲ୍ଲା ମଧ ଏହି ଜାଲରେ ଫସି ଯାଇଛି । ସେଠାରେ ମଧ ଲକ୍ଷଲକ୍ଷ ଟଙ୍କାର ବ୍ରାଉନ ସୁଗାର ପୁଲିସ ହାତରେ ପଡ଼ି ଦୋଷିକୁ କୋର୍ଟ ଚାଲାଣ କରାହୋଇଛି । ଏବେ ପ୍ରଶ୍ନ ଉଠୁଛି ଏହି ସାତଦିନ ଭିତରେ ରାଜ୍ୟର ଚାରି ପାଞ୍ଚ ଯାଗାରୁ ବ୍ରାଉନସୁଗାର ବେପାରୀ ଧରା ପଡ଼ି କୋର୍ଟ ଚାଲାଣ ହୋଇଛନ୍ତି । ଏହାର କାରଣ ହୋଇପାରେ ଏହି ବ୍ୟବସ୍ଥା ଅଳ୍ପ ସମୟରେ ପ୍ରଚୁର ଟଙ୍କା ରୋଜଗାର, ପୁଲିସର ନିଷ୍କ୍ରିୟତା ଏବଂ ଆଇନ ମଧ ଠିକ ମଜବୁତ ନୁହଁ । ଏବେ ସମୟ ଆସିଛି ସରକାର ଯଥେଷ୍ଟ ସଜାଗ ହେବା ଦରକାର ଉପରୋକ୍ତ ତିନୋଟି ବିଷୟ ଉପରେ ଏବଂ ଦରକାର ପଡ଼ିଲେ ଯେଉଁ ପୁଲିସ ଧରୁଛନ୍ତି ତାଙ୍କୁ ସରକାର ତରଫରୁ ପ୍ରସଂଶିତ କରିବା ଦରକାର । ଯାହା କରିବା କଥା ଶିଘ୍ର ସରକାର କରନ୍ତୁ ନହେଲେ ଏହାକୁ ଭବିଷ୍ୟତରେ ସମ୍ଭାଳିବା କଷ୍ଟକର ହେବ ।




## ଏମିତିକା ଭୁଲ କରିବା ନାହିଁ



କୁନା ସେଠୀ

ଜୀବନ ପାଇଛେ ବଞ୍ଚିବା ପାଇଁ କି
ବଞ୍ଚିବା କରମ କରି
ବଞ୍ଚିବା ନାମରେ ଜୀବନ କୁ ଆମ
ଦେବାନି ସହଜେ ହାରି ।

କରମ କୁ ଆମ ଧରମ ପଥରେ
କରିଲେ ବିଚାର କରି
ଜୀବନ ଟା ଆମ ସହଜ ସରଳ
ଜିବରେ ଏଇଠି ସରି ।

ସାହସ ନାମରେ ନିଆଁ ପାଣି ସାଥେ
କରିଲେ ଲଢେଇ ତୁମେ
ଜୀବନ ଟା ତୁମ ହଜି ଜିବ ବାବୁ
ଲାଗିବନି କେଉଁ କାମେ ।

ବୁଝି ବିଚାରି ଯେ କରିଲେ କାମକୁ
ହସିବ ଜୀବନ ଆମ
ପାଣି ପବନରେ ଗଢ଼ା ଏ ଶରୀର
ଲାଗଇ ସରଗ ସମ ।

ମୋବାଇଲ ଖେଳ ଅଟେ ପରା କାଳ
ତା ସାଥୀରେ ଖେଳ ନାହିଁ
ଖେଳିଲେ ଖେଳ କୁ ଡାକିବ କାଳକୁ
ତାହା ଠାରୁ ମୁକ୍ତି କାହିଁ ।

ବାତ୍ୟା ପବନରେ ବଢ଼ିଲା ନଈରେ
ବୁଲ ନାହିଁ ତୁମେ କେବେ
ବିଷ ଧାରୀ ଜୀବ ସାଥେ ଖେଳ ନାହିଁ
ମୂରୁଖ ମଣିଷ ଭାବେ ।

ଶିଙ୍ଗ ଥିବା ପଶୁ ସାଥୀରେ ଲାଗନି
ଅଟଇ ବିପଦ ସିଏ
କେତେବେଳେ ତୁମ ଜୀବନ ସେ ନେବ
ଜାଣି ପାରିବନି କିଏ ।

ଉପସ୍ଥିତି ବୃଦ୍ଧି ନ ଥିଲେ ତୁମର
ହାରିବ ସବୁଠି ତୁମେ
ବୃଦ୍ଧି ଖଟାଇଲେ ଜୀବନ ବଞ୍ଚିବ
ଲାଗିବ ସବୁରି କାମେ ।

ଦଣ୍ଡ ଦେବା ଆଗୁ ବିଚାର କରିବ
ଭୁଲ ଟା କରିଛି କିଏ
ନିର୍ଦ୍ଦୋଷୀ କୁ ଦଣ୍ଡ ଦୋଷୀ ମୁକ୍ତି ହେଲେ
ଘାଣ୍ଟି ହବ ମଲା ଯାଏ ।

ଉଚ୍ଚ ଆସନର ଅଛ ବୋଲି ଯଦି
ଚଳାଇବ ମନମାନି
କାହିଁକି ଅବା କେ ପଚାରିବ ଟିକେ
ମାନି ଯେ ତୁମକୁ ଜ୍ଞାନୀ ।

ସବୁରି ମଙ୍ଗଳ କରିବା ଆଶାରେ
କରିଲେ ତୁମର କାମ
ମନେ ପକାଇବେ ଗୁଣୀ ହେଉଥିବେ
ସଦାବେଳେ ତୁମ ନାମ ।

କରିବାନୀ କେବେ ମନମୁଖୀ କାମ
ହେବା ପାଇଁ ସ୍ୱଚ୍ଛାଚାରି
ମାନ ମହତକୁ ହରାଇବା ନିଜ
ଜିବାରେ ସମ୍ମାନ ହାରି ।

+ ଭୂତସରସିଙ୍ଗି, ଗଞ୍ଜାମ
(ମୋ)୬୩୭୦୭୦୬୨୮୦

## ସୃଷ୍ଟିରେ ତୁମେ ନାରୀ



ବେଣୁଧର ସୂତାର

ସ୍ରଷ୍ଟାର ତୁମେ ଶ୍ରେଷ୍ଠ ଅବଦାନ
ସୃଷ୍ଟିରେ ତୁମେନାରୀ
ଅନ୍ତରେ ତୁମ ବିଶ୍ୱକଲ୍ୟାଣ
ବିଧାତା ଦେଇଛି ଭରି
ସୃଷ୍ଟି ସର୍ଜନାର ତୁମେତ ଆଧାର
ସଞ୍ଜିବନୀ ସୁଧା ଧାରୀ
ସୃଷ୍ଟିରେ ତୁମେ ନାରୀ......

ତୁମେ ସୃଜନର ସମ୍ଭାବନା ସୁର
ମମତାର ସୁର ଧ୍ୱନୀ
ଅୟୀ ପ୍ରକୃତିର ପରିପୂର୍ଣ୍ଣ ରୂପ
ବିଶ୍ୱରୂପା ସନାତନୀ
ତୁମବିନା ସ୍ଥିତି ଶୂନ୍ୟ ପରିସ୍ଥିତି
ସୃଷ୍ଟି ହୁଏ ହତଶିରୀ
ସୃଷ୍ଟିରେ ତୁମେ ନାରୀ .......

ସୃଷ୍ଟିମୟୀ ତୁମେ ନିଖିଳ ସୃଷ୍ଟିର
ପୁଣ୍ୟମୟୀ ତେଜସ୍ୱିନୀ
ପବିତ୍ର ପ୍ରେମର ଧର୍ମ ଧାରିଣୀ
ମମତାର ସ୍ରୋତସ୍ୱିନୀ
ତୁମ ବ୍ୟତିରେକ ଏସୃଷ୍ଟିର ସୂତ୍ର
ନିଥର ଶୂନ୍ୟତା ପରି
ସୃଷ୍ଟିରେ ତୁମେ ନାରୀ........

ତୁମେ ସୃଜନର ଶାଶ୍ୱତ ସ୍ୱରୂପ
ସୃଷ୍ଟିର ଆଦିମ ଧାରା
ବକ୍ଷରେ ତୁମର ମମତା ମଧୁର
ପ୍ରାଣ ସଞ୍ଜିବନୀ ଭରା
ତୁମେ ଆଦିମାତା ସୃଷ୍ଟିର ସଂହିତା
ବିମୋହିନୀ ରୂପଧାରୀ
ସୃଷ୍ଟିରେ ତୁମେ ନାରୀ.......

ଜନନୀ ଭଗିନୀ କନ୍ୟା ପ୍ରଣୟିନୀ
ଏ ସୃଷ୍ଟିର ଚାରି ରୂପ
ପ୍ରକୃତି ରୂପିଣୀ ତୁମେ ନାରାୟଣୀ
ମାତୃତ୍ୱ ମଙ୍ଗଳ ଦୀପ
ମାଆ ତୁମେ ଏଇ ଅନନ୍ତ ବିଶ୍ୱର
ନମୋ ନମୋ ଗର୍ଭଧାରୀ
ସୃଷ୍ଟିରେ ତୁମେ ନାରୀ.......

କେଶଦୁରାପାଳ
କେନ୍ଦୁଝର
(ମୋ)-୯୧୭୮୫୬୮୨୪୬

## ଶରତ ଶୋଭା



ସମ୍ବିତ ଦାଶ

ବର୍ଷା ଋତୁ ସରିଲେ ଶରତ ଋତୁ
ହୁଅଇ ପ୍ରବେଶ,
ପଲ୍ଲବୀତ ଶରତେ ଫୁଲର ସମ୍ଭାରେ
ଦିଶେ ପ୍ରକୃତିର ହସ ।।

ଶ୍ୱେତ କାଶତେଣ୍ଡି ଫୁଲର ମେଳରେ
ନଦୀ ପଠା ଉଠେ ହସି,
ନିଜ ସ୍ୱନ୍ଦର୍ଯ୍ୟ ନିଜେ ଦେଖି ଧରା
ହୁଏ ମନେ ଭାରି ଖୁସି ।।

ଶୁଭ ସକାଳ ରେ ମେଘ ଖଣ୍ଡ ମାନ
ଭାସି ଦିଶନ୍ତି ସୁନ୍ଦର,
ଖରା ପରେ ଛାଇ ଛାଇ ପରେ ଖରା
ଲୁଚକାଳି ରେ ଦିବାକର ।।

ଜହ୍ନର ଆଲୁଅରେ ଜହ୍ନି ଫୁଲ ଗଢୁଥାଏ
କୋଠି କେବେକେବେ ,
ଶରତ ସନ୍ଧ୍ୟାଟି ଭାରି
ମନୋରମ ଯେତେ
ସନ୍ଧ୍ୟା ଅଛି ଭାବେ ।।


ଏଇ ଶରତେ ମାଆଙ୍କ ଆଗମନ ରେ
ହସି ଉଠିବ ଧରା,
ପର୍ବଣର ଋତୁ ଉଲ୍ଲସି ଉଠିବ ମେଳାଇ
ଆସିବ ଖୁସିର ପସରା ।।

ସନ୍ଧ୍ୟା ଆଗମନରେ ଶେଫାଳୀ ଫୁଲ
ଫୁଟେ ଚଉଦିଗ ବାସ,
ପୋଖରୀ ଗାଡିଆ ଜଳ ପୂର୍ଣ୍ଣ ହୋଇ
ଜଳଚର ପ୍ରାଣୀମୁହେଁ ହସ ।।

+ ଏରସମା, ଜଗତସିଂହପୁର

# ବାପାଙ୍କ ଶେଷ ନିଷ୍ପତ୍ତି

ସୁନୀତା ପ୍ରଧାନ



ମୁଁ ତୁମ ସମସ୍ତଙ୍କୁ ଆଜି ଏଇଠିକୁ ଡାକିବାର ଉଦ୍ଦେଶ୍ୟ କଣ ତୁମେମାନେ ଜାଣ ?

ଅନେକ ଦିନ ପରେ ଆଜି ହଠାତ୍ ବାପା ସମସ୍ତଙ୍କୁ ଏକା ସାଙ୍ଗରେ ଡାକିଥିବାରୁ ଓ ବାପାଙ୍କ ମୁହଁରୁ ଆଜି ଏପରି ଏକ କଥା ଶୁଣି ଆକାଶ, ସଂଗ୍ରାମ ଓ ରାଣୀ ମନରେ ଅନେକ ସଂଶୟ।

ଘଟଣା କଣ ହୋଇପାରେ ?

ମୁଁ ବହୁତ ଭାବିଚିନ୍ତି ଏ ନିଷ୍ପତ୍ତି ନେଇଛି। ମୁଁ ଆଜି ତୁମମାନଙ୍କୁ ଯାହା କହିବାକୁ ଯାଉଛି ତାକୁ ତମେ କେମିତି ଗ୍ରହଣ କରିବ ଜାଣେନା। କିନ୍ତୁ ଏଇଟା ହିଁ ମୋର ଶେଷ ନିଷ୍ପତି।

ବାପାଙ୍କ କଥାଶୁଣି ଭାଇ ଭଉଣୀ ମାନେ ପରସ୍ପରର ମୁହଁକୁ ବଲବଲ ହୋଇ ଅନେଇ ଥିଲେ।

ବାପା କଣ କହିବେ ସିଧା ସିଧା କୁହନ୍ତୁ। ଏତେ ଗୌର ଚନ୍ଦ୍ରିକା ବର୍ଣ୍ଣନା କରିବାରେ କଣ ଆବଶ୍ୟକ ? କହୁଥିଲା ବଡ଼ ପୁଅ ଆକାଶର ସ୍ତ୍ରୀ ମିନାକ୍ଷୀ।

'ମୁଁ ଆଉ ଥରେ ବିବାହ କରିବାକୁ ଚାହୁଁଛି'।

ବାପା ତମେ ବାହା ହେବ!!! ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଏକ ସ୍ୱରରେ କହି ଉଠିଲେ!!!

ବାପାଙ୍କ ବାହା ହେବାକଥା ଶୁଣି ବଡ଼ ଝିଅ ରାଣୀ କହିଲା,

' ଏ କଣ କହୁଛ ବାପା !!!

ଭାବିଲ ବାପା ତୁମେ ପୁଣି ଥରେ ବିବାହ କଲେ ଲୋକେ,ଏ ସମାଜ କଣ କହିବ!!!

ସମାଜ କଥା ଛଡା ବାପା, ମୋ ଶାଶୁ ଘରେ, ମୋ ସ୍ୱାମୀ ଏମାନେ କଣ କହିବେ ?

ତୋ ବାପା ଏ ବୁଢ଼ା ବୟସରେ କୋଉ ସୁଖ ପାଇଁ ବାହା ହେଲା ବୋଲି ପଚାରିଲେ ମୁଁ କଣ କହିବି??? ମୋ ମୁଣ୍ଡ ଲାଜରେ ତଳକୁ ହେଇଯିବ।

ଆଜି ବୟସର ଅପରାହ୍ନରେ ଏ ନିଷ୍ପତି କାହିଁକି ବାପା ପଚାରିଲା ବଡ଼ପୁଅ ସଂଗ୍ରାମ।

ବାପା ଏମିତି ଗୋଟେ ନିଷ୍ପତି ନେବା ପାଇଁ କେମିତି ଭାବିପାରିଲ ପଚାରୁ ଥିଲା ସାନ ପୁଅ।

ଆମ ସ୍ତ୍ରୀ ମାନେ ଆମକୁ ସଦାବେଳେ ଖୁଣ୍ଟା ଦେବେ। ତୁମ ବାପା ରସିକିଆ। ବୁଢ଼ା ବୟସରେ ବର ସାଜୁଛି। ଆକାଶ ବ୍ୟଙ୍ଗ ଭରା ସ୍ୱରରେ ଆକ୍ଷେପ କରୁଥିଲା।

ବଡ଼ବୋହୂ ମିନାକ୍ଷୀ ମଧ ପୁଅ କଥାରେ ତାଳ ଦେଇ କହିଲା,'ଏଇଟା ବାପାଙ୍କର ଗୋଟେ ଚକ୍ରାନ୍ତ'। ସମ୍ପତି ତିନି ଭାଗ ହେଲେ ଆମକୁ କାଳେ ବେଶୀ ଭାଗ ମିଳିଯିବ...ତେଣୁ ସେ ପୁଣିଥରେ ବିବାହ କଲେ ଚାରି ଭାଗ ସମ୍ପତ୍ତି ରୁ ଗୋଟିଏ ଭାଗ ତାଙ୍କ ପାଖରେ ରହିବ। ସେଇଥିପାଇଁ ସେ ଏ ନିଷ୍ପତି ନେଇଛନ୍ତି। ବାବାତ ସବୁବେଳେ ଟଙ୍କା ଲୋଭୀ।

ସାନ ବୋହୂ ରାଧିକା ମଧ ସମସ୍ତଙ୍କ ସ୍ୱରରେ ସ୍ୱର ମିଶେଇ କହିଲା ବାପା ତମେ ଦୁନିଆର ସବୁଠୁ ସ୍ୱାର୍ଥ ପର ବ୍ୟକ୍ତି। ନାତି ନାତୁଣୀଙ୍କ ଖେଳିବା ବୁଲିବା ସମୟରେ ଜେଜେ ଯଦି ବାହା ହେବେ ତେବେ ଲୋକେ କଣ କହିବେ ?

ପୁଅ, ଝିଅ, ବୋହୂ ଏମାନଙ୍କ କଥା ଶୁଣି ସେ କହିଲେ

ହଁ ମୁଁ ଲୋଭୀ।....

ମୁଁ ରସିକିଆ।....

ମୁଁ ସ୍ୱାର୍ଥ ପର....

ଏକଥା ତୁମେ ମାନେ କହିବନି ତ ଆଉ କିଏ କହିବ।

ବୟସର ଅପରାହ୍ନରେ ଏକା ଏକା ମୁଁ କେମିତି ବଞ୍ଚିଛି ?

ତୁମେ କେବେ ଚିନ୍ତା କରିଛ ମୋ ଜୀବନ ଗାଡ଼ିଟି କେମିତି ଚାଲିଛି ?

କେବେ ଜାଣିବାକୁ ଚେଷ୍ଟା କରିଛ ତୁମ ବୋଉର ମୃତ୍ୟୁ ପରେ ଏତେବଡ଼ ସଂସାରଟାକୁ କେମିତି ଚଲେଇଛି ? ବାପା ଚିତ୍କାର କରି କହୁଥିଲେ।

ରାଣୀ କଣ କହିଲୁ ତୁ, ମୋ ପାଇଁ ତୋ ମୁଣ୍ଡ ଲାଜରେ ତଳକୁ ହୋଇଯିବ। ଆକାଶ ଆଉ ସଂଗ୍ରାମ ମୁଁ କାଳେ ରସିକିଆ ବୁଢ଼ା।

ଶୁଣ ମୋର ଏ ନିଷ୍ପତି କାହିଁକି ?

ଯେତେବେଳେ ତ ବୋଉ ଲିଭର ଜଣ୍ଡିସରେ ଆରପାରିକୁ ଚାଲିଗଲା ରାଣୀ ତୁ ସେତେବେଳେ ମାତ୍ର ପଞ୍ଚମ ଶ୍ରେଣୀରେ ପଢୁଥିଲୁ।ଆଉ ଆକାଶ ତୃତୀୟ, ସଂଗ୍ରାମ ଅଷ୍ଟମ। ସେତେବେଳେ ମୁଁ ଚାହିଁଥିଲେ ଦିତୀୟ ବିବାହ କରି ପାରିଥାନ୍ତି। କିନ୍ତୁ ଏଇୟା ଭାବି ଚୁପ୍ ରହିଲି କାରଣ କାଳେ ସାବତ ମାଆ ଆସିଲେ ତୁମ ପ୍ରତି ଅନ୍ୟାୟ ଅତ୍ୟାଚାର କରିବ। ମୋର ଯେତେ ଅସୁବିଧା ହେଉଥିଲେ ମଧ ମୁଁ ଘରର ସବୁ କାମ ସାରି ଅଫିସ୍ ଯାଏ ଓ ସେଠୁ ଫେରି ଘର କାମ,ତୁମ ମାନଙ୍କ ପାଠ ପଢ଼ା,ପୁଣି ରୋଷେଇ ବାସ। ସବୁ କାମ ମୋତେ ଏକା ଏକା କରିବାକୁ ପଡୁଥିଲା। ତୁମ ମାନଙ୍କୁ ମାଆ ନଥିବା ଦୁଃଖ କେବେ ଅନୁଭବ ନହେଉ ଭାବି ମୁଁ ଉଭୟ ବାପା ଓ ମାଆର ଦାୟିତ୍ୱ ତୁଲାଇଥିଲି।

ଏମିତି ଗୋଟିଏ ପ୍ରକାରେ ସାବଲୀଳ ଢଙ୍ଗରେ ଚାଲିଥିଲା ଜୀବନ ଗାଡ଼ି। ସମୟ ଦ୍ରୁତ ଗତିରେ ଗଡ଼ି ଚାଲିଥିଲା। ଗତିଶୀଳ ସମୟ ସହ ତାଳ ଦେଇ ତୁମେ ସବୁ ବଡ଼ ହେବାକୁ ଲାଗିଲ।

ଏମିତି ଚାଲିଥିବା ବେଳେ ତୁ ସେ ଭଲ ପାଉଥିବା ପୁଅ ସହ ଘର ଛାଡ଼ି ଚାଲିଗଲୁ। ସେତେବେଳେ କାଇଁ ତୋ ମୁଣ୍ଡ ଲାଜରେ ତଳକୁ ହେଇନଥିଲା। କିନ୍ତୁ ମୁଁ ଲାଜରେ ମୁଣ୍ଡ ଉଠେଇ ବାଟ ଚାଲିପାରୁନଥିଲି। ତଥାପି ସେ ପୁଅର ବାପା ମାଆଙ୍କ ସହ କଥା ହୋଇ ତୋ ବାହାଘର ଧୁମ୍ ଧାମରେ କରିଥିଲି। ଏଇୟା ଭାବି ଯେ ଯାହା ହେଲେ ବି ତୁ ମୋ ରକ୍ତ ଓ ମୋ ସଂସ୍କାରରେ କୋଉଠି ଭୁଲ୍ ରହିଗଲା ବୋଧେ।

ତାପରେ ତୁ ତୋ ସଂସାରରେ ଏତେ ବ୍ୟସ୍ତ ରହିଲୁ ଯେ ମୁଁ କେମିତି ଅଛି କଣ କରୁଛି ସେକଥା ଥରେ ବି ଚିନ୍ତା କଲୁନାହିଁ। କାଁଭାଁ କେବେ କେମିତି ବୁଲିଲା ଭଳି ଆସି ଚାଲିଯାଉ। କିନ୍ତୁ ବାପା କଣ କରୁଛନ୍ତି କଣ ନାହିଁ ଏ ବିଷୟରେ କେବେ ଭାବିବା ଉଚିତ ମନେ କଲୁ ନାହିଁ। କିନ୍ତୁ ମୁଁ ଏଇଥି ପାଇଁ ତୋତେ ଦୋଷ ଦେଉନାହିଁ। କାରଣ ଝିଅ ମାନେ ପର ଗୋତ୍ରୀ। ତଥାପି ନିଜ ବାପା ମାଆଙ୍କ ସୁବିଧା ଅସୁବିଧା ବୁଝିବା ତୁମ ଝିଅ ମାନଙ୍କ କର୍ତ୍ତବ୍ୟ। ଏହାପରେ ସଂଗ୍ରାମ ଓ ଆକାଶ ଆଡ଼କୁ ଚାହିଁ ମୋହନ ବାବୁ କହିଲେ, ମୋତେ ତୁମେ ନିର୍ଲଜ କିମ୍ବା ସ୍ୱାର୍ଥ ପର କିମ୍ବା ଲୋଭି କହିପାର। ତୁମ ମାନେ ମୋ ଠାରୁ ଆହୁରି ଲୋଭି, ସ୍ୱାର୍ଥପର। ବୋହୂ ମାନଙ୍କୁ ଚାହିଁ କହିଲେ, ମିନାକ୍ଷୀ ତୁ ଟିକେ ମନେପକା। ତୁ ବାହା ହୋଇ ଆସିଲା ବେଳକୁ କଣ ନେଇ ଆସିଥିଲୁ ? ଅଳିଏ ଖାଇଲେ ଅଳିଏ ଉପବାସ ରହୁଥିଲା ତୋ ପରିବାର। ତୋତେ ଦେଖିଲା ପରେ ପୁଅ ଜିଦି କଲା ସେଇଠି ବାହା ହେବବୋଲି। ତେଣୁ ତା ଖୁସିରେ ମୁଁ ଖୁସି ହୋଇ ତୋ ସହ ତା ବାହାଘର କରିଥିଲି। ଆଜି ଟଙ୍କା, ପ୍ରତିପତ୍ତି ସବୁ ପାଇଲା ପରେ ତୁ ମୋତେ ଲୋଭି କହିବୁନି ତ ଆଉ କିଏ କହିବ।

ସାନ ବୋହୂ ରାଧିକାକୁ ଚାହିଁ କହିଲେ,'ତୋ ବାହା ଘରରେ ତୋ ବର ପକ୍ଷର ଦାବି ମୁତାବକ ଯୌତୁକ ଦେଇପାରିଲେ ନାହିଁ ବୋଲି ବିବାହ ଅଧାରୁ ବର ବେଦୀରୁ ଉଠି ଚାଲିଗଲା। ଗୋଟେ ମଙ୍ଗୁଳା ଝିଅର ଜୀବନ ନଷ୍ଟ ହେବାରୁ କେମିତି ରକ୍ଷା ହେଇଯାଉ ବୋଲି ସାନ ପୁଅ ଆକାଶର ଇଚ୍ଛା ବିରୁଦ୍ଧରେ ଯାଇ ଜୋର୍ କରି ତା ସହ ତୋର ବାହାଘର କରିଥିଲି। ତେଣୁ ଆଜି ତୁ ମୋତେ ସ୍ୱାର୍ଥପର କହିବୁନି ତୋ ଆଉ କିଏ କହିବ ?

ତୁମେ ମାନେ ବାହା ସାହା ହେଲା ପରେ ନିଜ ନିଜ ସ୍ତ୍ରୀକୁ ନେଇ ଯେଝା ବାଟରେ ଯେଝା ଚାଲିଲ। କିନ୍ତୁ କେବେ ଭାବିଲ ଏ ବୁଢ଼ା ବାପଟା ଏକୁଟିଆ ଏ ବୁଢ଼ା ବୟସରେ କେମିତି କଣ ଚଳୁଛି। ଦିନେ ମଧ କେହି ମୋ ପାଖରେ ରହି ମୋ ଭଲ ମନ୍ଦ ବୁଝିଲ ନାହିଁ କି ନିଜ ପାଖକୁ ନେଲ ନାହିଁ। ଓଲଟି କହିଲ ଗାଆଁକୁ ଆମେ ଆସିପାରିବୁ ନାହିଁ ବାପା, ଛୁଆଙ୍କ ପାଠ ପଢା, ଟିଉସନ ବନ୍ଦ ହେଇଯିବ ଆଉ ଆମେ ସବୁ ବାହାରେ ଯେମିତି ରହୁଛୁ ତୁମକୁ ନେଇ ଗଲେ ଅଧିକା ଖର୍ଚ୍ଚାନ୍ତ ହେବାକୁ ପଡିବ, ଛୋଟ୍ ଘର ରହିବାରେ ଅସୁବିଧା ହେବ ଏମିତି କେତେ କଣ ବାହାନା।

କିନ୍ତୁ ମୁଁ ତୁମ ମାନଙ୍କ ଉପରେ କେବେ ଅଭିମାନ କରିନଥିଲି। ସେଦିନ ବୋଉର ଶ୍ରାଦ୍ଧ ବାର୍ଷିକୀ ଦିନ ତୁମ ମାନଙ୍କ କଥା ମୁଁ ଶୁଣି ଦେଇଥିଲି। ରାଣୀ, ଆକାଶ ଆଉ ସଂଗ୍ରାମ କଣ କହୁଥିଲ ତୁମେ ମାନେ 'ବାପାଙ୍କର ଯଦି ଏତେ ଅସୁବିଧା ହେଉଛି ତେବେ ଗୋଟେ ଭଲ ବୃଦ୍ଧା ଶ୍ରମକୁ ପଠେଇଦେବାର ବ୍ୟବସ୍ଥା କରିବା। ଆମ ପାଖରେ କାହାର ସମୟ ଅଛି ବାପାଙ୍କ ଦେଖାଶୁଣା କରିବା ପାଇଁ'।

ତୁମ ମାନଙ୍କ କଥା ଶୁଣି ମୁଁ କିଛି ସମୟ ପାଇଁ ସ୍ଥାଣୁ ପାଲଟି ଗଲି। ସତରେ ଯେଉଁ ବାପା ଦିନରାତି ଏକ କରି ତୁମକୁ ମଣିଷ କଲା ଆଜି ତା ପାଇଁ ତୁମ ପାଖରେ ସମୟ ନାହିଁ।

ମୋର ପେନସନ ଅଛି। ଜମି ବାଡ଼ି ଅଛି ଟଙ୍କା ପଇସାର ଅଭାବ ନାହିଁ ସତ କିନ୍ତୁ ମୁଁ ଏ ବୟସରେ ନିଜେ ରୋଷେଇ କରି ଆଉ ଖାଇ ପାରୁନି। ନିଜ କାମ ନିଜେ କରିପାରୁନି। ବୟସ ଓ ସ୍ୱାସ୍ଥ୍ୟ ମୋ ସାଥ ଦେଉନାହାନ୍ତି। କାମ କରିବାକୁ ପିଲାଟିଏ ରଖିଲି ଯେ ସେ ତାର ମନ ମାନି କଲା। କେବେ ଇଚ୍ଛା ହେଲେ ରୋଷେଇ କରେ। କେବେ ଜଲ୍ଦୀ ଆସେ। କେବେ ନକହି ରହିଯାଏ ଅନେକ ଦିନ ଯାୟେନ୍ ତେଣୁ ତାକୁ ଆଉ ରଖିଲି ନାହିଁ କାମରେ। ସ୍ତ୍ରୀ ଲୋକଟିଏ ଆସି ରୋଷେଇ ବାସ କରି ଯାଉଥିଲା ଯେ ଲୋକେ ନାନା କଥା କହିଲେ। ତେଣୁ ସେ ବି ବିଦାହେଲା। ପୁଣି ମୋ ଥର ଥର ହାତରେ ମୋ ଜୀବନ ନୌକାକୁ ବହିବାକୁ ପଡ଼ିଲା ମୋତେ। କିନ୍ତୁ ମୋ ଦେହରେ ସେ ପୂର୍ବ ଭଳି ଏତେ ଶକ୍ତି ଓ ସାମର୍ଥ୍ୟ ନାହିଁ ଯେ ମୁଁ ଜୀବନର ଡଙ୍ଗାର ମଙ୍ଗଟିକୁ ଠିକ୍ ଭାବେ ଧରି ଆଗକୁ ଆଗକୁ ଯାଇ ପାରିବି।

ସମୟ, ଅନୁଭୂତି, ଅନୁଭବ ଓ ପରିସ୍ଥିତି ମଣିଷକୁ ଅନେକ କିଛି ଶିଖେଇଦିଏ। ମଣିଷ ଠକିଲେ ହିଁ ଶିଖେ। ତେଣୁ ମୁଁ ନିଷ୍ପତି ନେଇ ସାରିଛି ଯେ ମୁଁ ଦ୍ୱିତୀୟ ବିବାହ କରିବି।

ଠିକ୍ ଏତିକି ବେଳେ ଗୋଟେ ଫୋନ ଆସିଲା। ବାପା କହୁଥିଲେ,'ମୋର ସବୁ ସମ୍ପତିକୁ ମୁଁ, ତୁମ ନାଆରେ କରିଦେଇଛି। କାଲି ହିଁ ମୁଁ ଆସୁଛି ସେଇଠିକି'।

ପିଲାମାନେ ଆଶ୍ଚର୍ଯ୍ୟ ହୋଇ ଇୟେ ତା ମୁହଁକୁ ସିଏ ୟା ମୁହଁକୁ ଚାହିଁ ଥିଲେ।

ବାପା ପୁଣି କହୁଥିଲେ, ମୁଁ ଆଜି ବୁଝି ଯାଇଛି ଦୁନିଆରେ ବୃଦ୍ଧ ପିତା ମାତାଙ୍କ ଆବଶ୍ୟକତା କାହାକୁ ନାହିଁ। ବୃଦ୍ଧ ବୟସରେ ସେମାନେ ନିଜର ସନ୍ତାନଙ୍କ ପାଇଁ ଅଲୋଡା ଅଦରକାରୀ। ଯେମିତି କି ହଡା ବଳଦ। ବୟସ ଥିବା ଯାଏ ମୁନିବର ସବୁ କାମ କରେ ଓ ମୁନିବ ତାର ଯତ୍ନ ନିଏ। କିନ୍ତୁ ସେ ଯେତେବଳେ ବୁଢ଼ା ହୋଇ ଯାଏ ସେତେବେଳେ ତାକୁ କଂସେଇ ଖାନାକୁ ପଠେଇ ଦିଆଯାଏ ନତୁବା ଘରୁ ତଡ଼ି ଦିଆଯାଏ।

ଠିକ୍ ସେମିତି ଆଜି କାଲି ଯୁଗରେ ବୃଦ୍ଧ ବାପା ମାଆ ଗୋଟେ ଗୋଟେ ହଡ଼ା ବଳଦ....

ବାପା ଏକ ତାଚ୍ଛଲ୍ୟ ଭରା ହସ ଖେଳେଇ କହିଲେ ବିବାହ କରିବା କଥା ଏକ ମିଛ ବାହାନା ଥିଲା। ମୁଁ ଖାଲି ଜାଣିବାକୁ ଚାହୁଁ ଥିଲି ମୋ ପାଇଁ ତୁମ ମନର ଭାବନା.....

ତୁମେମାନେ ମୋତେ ଓଲ୍ଡ୍ ଏଜ ହୋମକୁ ଛାଡ଼ିବା ଆଗରୁ ମୁଁ ନିଜେ ମୋର ସମସ୍ତ ସମ୍ପତିକୁ ଏକ ବୃଦ୍ଧା ଶ୍ରମକୁ ଦାନ କରି ମୁଁ ସେଠାରେ ମୋର ବାକିତକ ଜୀବନ ଶାନ୍ତିରେ ସେଇଠି କଟେଇବି ଏଇଟା ହିଁ ମୋର ଶେଷ ଇଚ୍ଛା...

ବାପାଙ୍କ ଶେଷ ନିଷ୍ପତି ଶୁଣି ଆଶ୍ଚର୍ଯ୍ୟ, ଅପମାନରେ ଜର୍ଜରିତ ହୋଇ ନୀରବରେ ଚାହିଁ ରହିଥିଲେ ପିଲାମାନେ...।

+ଲକ୍ଷ୍ମୀପୁର, କୋରାପୁଟ

# ଉଜାଣି ସମୟ

ଜ୍ୟୋତ୍ସ୍ନା ରାଣୀ ସାହୁ
ନୀଳଚକ୍ର ନଗର, ପୁରୀ
ମୋ. ୭୦୦୮୨୭୨୯୫୩

'ଚଣା ନେବ ଚଣା'

ଟ୍ରେନ ଛାଡ଼ିବା ସମୟ ଯେତିକି କମି କମି ଯାଏ, ସେ ନିଜ ଏଇ ଡାକଟି ଅଧିକ ଜୋର୍ କରିଦିଏ। ଚଣା ବିକୁଛି ବୋଲି ତା' ବାପା ଜାଣିଲେ, ତାକୁ ଆଗ ଚଣା ଭଳିଆ ଚୋବେଇ ଦିଅନ୍ତା। ବାପା ସହିପାରେ ନାହିଁ ପୁଅର ଶୈଶବ ନଷ୍ଟ ହେଉ, ଆଉ ପୁଅ ସହି ପାରେନି ବାପାଙ୍କୁ ଜୀବିକାର ବୋଝ ଆଉ ବେଶୀ କଷ୍ଟ ଦେଲେ। କେବଳ ତେର ବର୍ଷ ବୟସରେ ଗୌର କିଛି ପଇସା ସଞ୍ଚୟ କରିଛି, ବାପାକୁ ଲୁଚେଇ। ଅବେଳରେ ତାକୁ ଉପଯୋଗ କରିବ ବୋଲି। ଏଇତ ମଧ୍ୟବିତ୍ତ ପରିବାରର ଆଗ ଅଶୁଭ ଚିନ୍ତା। ସେ ସୁଖ ସମୟ ପାଇଁ ନୁହଁ,ଦୁଃଖ ସମୟ ପାଇଁ କଷ୍ଟ କରେ।



ବାପା ତା'ର ମୂରୁଖ ଲୋକ। ଅଳ୍ପ କିଛି ଟଙ୍କା, ମାନେ ସେଇ ଦିନକୁ ଦଶ ଟଙ୍କା ଦେଇ ତାକୁ କୁହନ୍ତି ନିଜ ପାଠ ଖର୍ଚ୍ଚ ଉଠେଇବା ପାଇଁ। ଯିଏ ନିଜ ସମୟକୁ ଶସ୍ତାରେ ବିକ୍ରି କରି ଦିନକୁ ଶହେ ଟଙ୍କା ଆଣୁଛି, ପୁଣି ତା'ର ଦଶ ଭାଗ ପୁଅକୁ ଦେଉଛି, ତା' ହିସାବରେ କେବେ ଏହା କେବେ କମ୍ ନୁହଁ। ଆଉ ଆଜି କାଲିକା ଯୁଗ ପାଇଁ ବିଲକୁଲ୍ ଯଥେଷ୍ଟ ନୁହଁ। ବିଜ୍ଞାନ ପାଠ ପଢ଼ିବା ପାଇଁ ନିଜେ କାମ କରି ତାର ଖର୍ଚ୍ଚ ବହନ କରେ ଗୌର। ବାପା ଦେଉଥିବା ଟଙ୍କାରୁ ଯଦି ଦୁଇ ଚାରି ବି ଫେରେଇ ଦିଏ,ତାଙ୍କୁ ସୁଧ ଭଳିଆ ଲାଗେ। ଆଉ ସଭିଙ୍କୁ ମୂଳଠୁ ଅଧିକ ସୁଧ ପ୍ରିୟ। ସେ ବି ଢେର୍ ଖୁସି ପାଏ, ତା' ବାପାର ଖୁସି ଦେଖିବା ମାତ୍ରେ। ତା କଥାରେ ସମସ୍ତେ ବହୁତ୍ ଖୁସି ହୁଅନ୍ତି। ଚଣା ଠୁ ବେଶୀ ଭାଡୁ ଭାଡୁ ତା' ପାଟି ହୁଏ। ସେଥିପାଇଁ ସେ ସବୁ ବିକ୍ରି କରି ସେଠୁ ଶୀଘ୍ର ପଳାଏ, କ୍ଲାସ୍ କରିବାକୁ। ଆଉ ଦୁଇ ପକେଟ୍ ଚଣା ବାକି ଥାଏ, ଆଉ ତା' ସାଙ୍ଗରେ ପାଞ୍ଚ ମିନିଟ୍ ସମୟ ଗାଡ଼ି ଛାଡ଼ିବାକୁ। ଫେରିଯିବାକୁ ବାହାରି ଯାଇଥାଏ। ଦୁଇଟା ପାକେଟ ରହିଗଲେ ବେଶୀ କ୍ଷତି ହବନି। ବିଜ୍ଞାନ ଛାତ୍ର ସେତିକି ହିସାବ ଭଲରେ ଜାଣିଛି। ହେଲେ ପଇସା ନଥିବା ମାଆ ପାଖରେ ପୁଅର ଇଚ୍ଛାର କେତେ ମୂଲ୍ୟ ଗୌର ଭଳିଆ ମାଆ ଛେଉଣ୍ଡ ଛୁଆ ବି ବୁଝିଛି। ଛୁଆଟା ଚଣା ପାଇଁ ଅଳି କରୁଥିବା ବେଳେ ସେ ହାତକୁ ତା'ର ଚଣା ପକେଟ୍‌ଟେ ବଢ଼େଇ ଦେଇଛି। ସେତିକି ବେଳେ ଗାଡ଼ି ଛାଡ଼ି ଦେଇଛି। ଛୁଆଟାର କାନ୍ଦ ବନ୍ଦ୍ ସାଙ୍ଗରେ ଶୁଭିଲା ଖୁବ୍ ଭୟଙ୍କର ଚିତ୍କାର। ଟ୍ରେନ୍ ଆଉ ଅଟକି ନାହିଁ, କିନ୍ତୁ ଟ୍ରେନ୍ ଚକ ତଳେ ଅଟକି ଗଲା ଗୌରର ସ୍ୱପ୍ନ, ଭବିଷ୍ୟତ ଆଉ ତା' ବାପାର ଅଭିମାନ।

ସବୁଦିନ ପାଇଁ ଗୋଡ଼ ଦୁଇଟା ସାଙ୍ଗରେ ବାପାର ବିଶ୍ୱାସ ବି ହରେଇ ଦେଲା କିନ୍ତୁ ନିଜ ବଞ୍ଚିବାର ଆଶା ହରେଇ ପାରିଲା ନାହିଁ। ବାପା ଏକ ମାତ୍ର ସାହାରାର ଚାଲିବାର ସାହାରା ହରେଇବାର ଦେଖି ନିଜେ ହାରିଗଲେ।

ସେ ଆଜି ବି ଆସେ, ସେଇ ଭାଡୁ ଭାଡୁ ହେଇ କହି ଚାଲେ ଅନେକ କାହାଣୀ। ଏବେ ସେ ଆହୁରି ଶକ୍ତି ପାଇଛି। ଭଲ କର୍ମର ଫଳ କେବେ ଅସଫଳ ହୁଏ ନାହିଁ। ଯଦି ଆମେ କର୍ମକୁ ଭାଗ୍ୟ ସହ ଯୋଡ଼ିବା ବହୁତ୍ ଖାପ ଛଡ଼ା ଲାଗିବ।

ଆଉ ସେ ବଗି ବଗି ବୁଲେ ନାହିଁ। ଏବେ ସେ ସଫଳ ରେଲୱେ ଇଂଜିନିୟର। ବାପା ତାକୁ ଖୁସି ଖୁସି ପଠାଏ। ଯାଆ ଚଣା ବିକିବୁ।

ଆଉ ସେ ବି କହେ

'ଚଣା ନେବ ଚଣା'

ଗୋଟେ ଜୀବନ୍ତ ହସ ସାଙ୍ଗରେ ଆରମ୍ଭ ହୁଏ ପୁଣି ଜୀବନ ଯାତ୍ରା।

+ସୁନ୍ଦରଗଡ଼
ମୋ: ୭୦୦୮୭୦୧୧୪୮

# ଜବାବ



ନଗେନ୍ଦ୍ର ନାଥ ପଟ୍ଟନାୟକ

ଲୋକନାଥ ମନ୍ଦିର ବେଢା ବାହାରେ ଭିକାରୀମାନଙ୍କର କାହିଁ କେତେ ଲୟାଧାଡି । ସେମାନଙ୍କ ତାଳୁରୁ ତଳିପାଯାଏ ଜମିଥାଏ ବହଳେ ମଇଳା । ଭିକଥାଳ ସାମନାରେ ଥୋଇ ବସିଥାନ୍ତି ବିକଳ ଚାହାଣୀରେ । କିଏ ଫୁଙ୍ଗୁଳା ଦେହରେ ତ ଆଉ କାହା ଦେହରେ ଢଙ୍କା ହୋଇଥାଏ ସାତସିଆଁ ଲୁଗା ଖଣ୍ଡେ । ସେମାନେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆଡକୁ ଜଳଜଳ ହୋଇ ଅନେଇ ରହିଥାନ୍ତି ଭୋକିଲା ଆଖିରେ । କାକୁତି ମିନତି ହୋଇ ହାତ ପତେଇ ଭିକ ମାଗୁଥାନ୍ତି ମନ୍ଦିରକୁ ପୂଜା କରିବାକୁ ଆସୁଥିବା ଭକ୍ତମାନଙ୍କୁ ।

ଭଗବାନ ଶିବଙ୍କ ଭକ୍ତ ରାମବାବୁ । ସେଦିନ ସେ ଯାଇଥିଲେ ଲୋକନାଥ ମନ୍ଦିରକୁ । ଭଗବାନ ଶିବଙ୍କୁ ଅଭିଷେକ କରିବା ପାଇଁ । ମହାଦେବଙ୍କ ଉପରେ ଜଳ ଢାଳିଲା ବେଳେ ଗୁଣୁଗୁଣୁ ହୋଇ ଗୁହାରି କରୁଥାନ୍ତି -ହେ ଭୋଳାନାଥ ! ଏ କି ଅନ୍ୟାୟ ଅବିଚାର ତୁମର, ଭାଗ୍ୟର ଏ କି ବିଡମ୍ବନା। ବିଚରା ଏଇ ଦୀନହୀନ ଭିକାରୀଗୁଡା ଅଖିଆ-ଅପିଆ ହୋଇ ଖରା, ବର୍ଷା, ଶୀତ ସହି ପଡିରହିଛନ୍ତି ତୁମ ମନ୍ଦିରବେଢା ବାହାରେ। ଭିକଥାଳ ଧରି ଆକୁଳଭରା ସ୍ୱରରେ ଭିକ ଗଣ୍ଡେ ମାଗୁଛନ୍ତି ଦିନରାତି ଏକାକାର କରି । ହେଲେ ତୁମେ ନିର୍ବାକ, ଚୁପଚାପ । ନିରୁତର । କ୍ଷୀରମିଶା ଜଳରେ ସ୍ନାନ କରୁଛ, ଫୁଲ ବେଲପତ୍ରରେ ସଜେଇ ହେଉଚ । ସତରେ କେଡେ ଦୁଃଖୀ ଏଇ ମଣିଷଗୁଡାକ। ତୁମେ ଖାଲି ମୂକ ଦର୍ଶକଙ୍କ ପାଲଟିଯାଇଛ । ଏଥିପାଇଁ ସମସ୍ତେ ପରା କହି ବୁଲୁଚନ୍ତି -ଆମ ଠାକୁର ଏବେ ନୀରବ ହୋଇଯାଇଚନ୍ତି । ଭଗବାନ ଶିବଙ୍କ ଆଗରେ ଆଂଠୁମାଡି କରପତ୍ର ଯୋଡି ଏତିକି ବିନତି କରୁଥିଲା ବେଳେ ରାମବାବୁଙ୍କ ଅଭିମାନଭରା ଆଖି ହଳକ ଲୁହରେ ଭିଜିଗଲା । ମହାଦେବଙ୍କ ଉପରେ ଯେଉଁ ଆସ୍ଥା ବିଶ୍ୱାସ ଥିଲା ତାହା ତୁଟିଗଲା ଭଳି ମନେହେଲା ତାଙ୍କୁ । ମନ୍ଦିରର ଗର୍ଭଗୃହରୁ ଚଟାପଟ ବାହାରି ଆସି ଘଂଟି ବଜାଇଲେ ସେ । କଣ ଭାବିଲେ କେଜାଣି କିଛିକ୍ଷଣ ପରେ ସେ ଚାଲିଆସିଲେ ମନ୍ଦିର ଗଳି ଭିତରକୁ । କ୍ଷୀଣ ସ୍ୱରରେ ମନେମନେ ଅଭିମାନ କରି କହୁଥିଲେ -ହେ ଶଙ୍କର ! ପବିତ୍ର ଗଙ୍ଗାଧାରା ବହିଚାଲିଚି ତୁମ ଜଟାରୁ କଳକଳ ନାଦରେ ଗୀତ ଗାଇଗାଇ ।

ସେ ସମୟରେ ଜଣେ ବ୍ୟକ୍ତି ଝାଡୁରେ ଅଳିଆ ଓଳାଉଥିଲା ମନ୍ଦିର ଗଳିରେ। ଚାଳିସ ପଇଁଚାଳିସ ସରିକି ତା ବୟସ । ରାମବାବୁ ମନ୍ଦିର ଦ୍ୱାର ସାମନାକୁ ଆସିବା ମାତ୍ରେଇ ଲୋକଜଣକ ବଡ ଶ୍ରଦ୍ଧାରେ ମୁଣ୍ଡ ନୁଆଁଇଦେଲା। ପୁଣି ମାତିଗଲା ତାର ସଫାସୁତରା ଓ ଓଳାଓଳି କାମରେ । ଦୟା ପରବଶ ହୋଇ ପକେଟରେ ହାତ ପୂରେଇ ମନିପର୍ସ ଅଣ୍ଡାଳିବାକୁ ଲାଗିଲେ ରାମବାବୁ । ସେଥିରୁ ଖଡଖଡିଆ ଶହେ ଟଙ୍କିଆ ଗାନ୍ଧୀନୋଟ ଖଣ୍ଡେ ବାହାରକରି ତା ହାତରେ ଗୁଂଜିଦେବା ବେଳକୁ ସେ ନକାରାତ୍ମକ ଠାଣିରେ



କହିଲା -ନାଇଁ ବାବୁ, ସେ ଟଙ୍କା ମୋର ଦରକାର ନାଇଁ । ମୁଁ ପରା ନିଜ କାମପାଇଁ ଦି ପଇସା ପାଉଚି ମନ୍ଦିର ଟ୍ରଷ୍ଟରୁ । କାମ ପାଇଟି କରି ପରିବାର ପୋଷୁଚି । ପାଂଚ ପାଂଚ ପ୍ରାଣୀଙ୍କୁ ଦାନ କନା ଦେଇ ବଂଚାଇ ରଖିଛି। ଏସବୁ ସେଇ ଭୋଳା ଶଙ୍କରଙ୍କ ମହିମା ବାବୁ । ଏତକ କହି ସେ ପୁଣି ତା କାମରେ ଲୁଟିଗଲା ।

ଆରେ ଭାଇ ରଖ ନା ବୋଲି କହି ସଙ୍ଗେ ସଙ୍ଗେ ତା ହାତରେ ଜୋର ଜବରଦସ୍ତ ସେଇ ଶହେ ଟଙ୍କିଆ ଗାନ୍ଧୀନୋଟ ଖଣ୍ଡିକ ଲୋକଟି ହାତରେ ଗଂଜିବାକୁ ଚେଷ୍ଟାକଲେ ରାମବାବୁ । ନାଇଁ ନାଇଁ ବାବୁ କହି ଶହେ ଟଙ୍କା ଖଣ୍ଡିକ ନେବାକୁ ମନା କରୁଥାଏ ଲୋକଟି । ରାମବାବୁ ବାରମ୍ବାର ବାଧ୍ୟ କରିବାରୁ ଲୋକଟି କହିଲା -ବାବୁ । ଏ ଟଙ୍କା ମତେ ଦବା ମୋଟେ ଦରକାର ନାଇଁ । ଦାନ କରିବାକୁ ଯଦି ଚାହୁଁଚ ତେବେ ଆପଣଙ୍କ ଆଖି ଆଗରେ ଧାଡିବାନ୍ଧି ବସିଥିବା ଭିକାରୀଙ୍କୁ ଦାନ କରନ୍ତୁ । ଲୋକଟିର ଆତ୍ମ-ସମ୍ମାନକୁ ଦେଖି ଅବାକ ହୋଇପଡିଲେ ରାମବାବୁ । ଓଠରେ ମୁରିକି ହସ ଉଛୁଳାଇ ସେଇ ଶହେ ଟଙ୍କା ଖଣ୍ଡିକ ବଢାଇଦେଲେ ଭିକାରୀ ହାତକୁ। ପାଖାପାଖି ଚାଳିସ ପଇଁଚାଳିସ ବୟସ ହେବ ସେଇ ଭିକାରିକୁ । ସେଇ ଭିକାରୀ ବସିଥିବା ଧାଡିରେ ଆହୁରି ବହୁତ ଭିକାରୀ ବସିଥାନ୍ତି । ଦେଖିବାକୁ ସେମାନେ ବେଶ୍ ହୃଷ୍ଟପୃଷ୍ଟ । ପ୍ରତ୍ୟେକ ଭିକାରୀଙ୍କ ଭିକଥାଳିରେ ଦଶଦଶ ଟଙ୍କା ଲେଖାଁ ପକାଇ ଚାଲିଲେ ରାମବାବୁ। ତାଙ୍କ କାନରେ ଗୁଂଜରିତ ହୋଇ ଉଠୁଥିଲା ସେଇ ଗୁହାରୀ -ହେ ଭୋଳା ଶଙ୍କର ତୁମ ଜଟାରୁ ଗଙ୍ଗା ଧାରା କଳକଳ ନାଦ----।

ଲୋକନାଥଙ୍କ ମନ୍ଦିରରୁ ନଜର ହଟାଇଲେ ରାମବାବୁ । ଘରମୁହାଁ ହେଉଥିବା ବେଳେ ଲୋକନାଥଙ୍କର ମନ୍ଦିର ଚୂଡାର ନେତ ଉଡୁଥିଲା ଫରଫର ହୋଇ । ରାମବାବୁ କିନ୍ତୁ ପଛକୁ ବୁଲିପଡି କିଛିକ୍ଷଣ ଝାଡୁଦାର ଆଡେ ଚାହୁଁଥିଲେ ତ ଆଉ କିଛିକ୍ଷଣ ଅପଲକ ଆଖିରେ ଅନେଇ ରହୁଥିଲେ ସେଇ ଝାଡୁଦାରକୁ । ପୁଣି ତାଙ୍କ ଆଖି ଲାଖିଯାଉଥିଲା ଭିକାରୀମାନଙ୍କ ଉପରେ ନିମିଷକ ପାଇଁ । ଏଥର ଭୋଳା ଶଙ୍କରଙ୍କ ଉତର ମିଳିଯାଇଥିଲା ତାଙ୍କୁ।

+୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

# ପାସପୋର୍ଟ ଯାଂଚରେ ଓଡିଶା ପୋଲିସ୍‌କୁ ସଫଳତା

ଭୁବନେଶ୍ୱର,୩/୧୦ (ନି.ପ୍ର): ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ଓଡ଼ିଶା ପୋଲିସ ମାତ୍ର ୪ଦିନରେ ପାସପୋର୍ଟ ଯାଂଚ ପ୍ରକ୍ରିୟା ଶେଷ କରିଛି। ଦେଶରେ ତ୍ୱରିତ ପାସପୋର୍ଟ ଯାଂଚ ପ୍ରକ୍ରିୟା କରିବାରେ ରାଜ୍ୟ ବେଶ ସଫଳତା ହାସଲ କରିଛି। ସବୁ ଥାନାକୁ ଟାବଲେଟ୍ ବଂଟନ କରାଯିବା ସହ ସ୍ୱତନ୍ତ୍ର ଆପ୍ ଇନଷ୍ଟଲ ହୋଇଛି। ଏହି ଆପ୍ ବ୍ୟତୀତ ସ୍ପେଶାଲ୍ ବ୍ରାଂଚ ଅଧିକ ସ୍ପଷ୍ଟ ଭାବେ ଭେରିଫିକେସନ୍ ଯାଂଚ କୁ ଗାଇଡ୍ କରିବା ସହ ମନିଟରିଂ କରିବା ଆରମ୍ଭ କରିଦେଇଛି। ଓଡିଶା ପୋଲିସ୍ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି।

ପୂର୍ବରୁ ଅଗଷ୍ଟରେ ପାସପୋର୍ଟ ଯାଂଚ ପାଇଁ ୬ଦିନ ଲାଗୁଥିଲା। ସେପ୍ଟେମ୍ବର ମାସର ପ୍ରଥମ ୧୫ ଦିନ ବେଳକୁ ପାସପୋର୍ଟ ଭେରିଫିକେସନ ପାଇଁ ଓଡ଼ିଶା ପୋଲିସକୁ ୪ଦିନ ଲାଗିଥିଲା। ଏନେଇ ଡିଜିପି ଅଭୟ ସୂଚନା ଦେଇଛନ୍ତି। ଏଭଳି କାର୍ଯ୍ୟ ପାଇଁ ଥାନା ସ୍ତରରେ ପୋଲିସ କର୍ମଚାରୀ ଓ ଜିଲ୍ଲା ସ୍ତରରେ ଏସଏସପି ଓ ସ୍ପେଶାଲ ବ୍ରାଂଚକୁ ଧନ୍ୟବାଦ ଜଣାଇଛନ୍ତି ଡିଜିପି । ତେବେ ପୂର୍ବରୁ ୨୦୧୮ ଓ ୨୦୧୯ ମସିହାରେ ପାସପୋର୍ଟ ଯାଂଚ ପାଇଁ ୨୬ଦିନ ସମୟ ଲାଗୁଥିଲା। ପରେ ୨୦୨୦ରେ କରୋନା ଯୋଗୁଁ ଏଥିପାଇଁ ୩୬ ଦିନ ସମୟ ଲାଗିଥିଲା। ସେହିପରି ୨୦୧୭ରେ ୯୯ ଦିନ ଲାଗୁ ଥିବା ବେଳେ ୨୦୧୬ରେ ୯୦ ଦିନ ଏବଂ ୨୦୧୫ ମସିହା ବେଳକୁ ପାସପୋର୍ଟ ଯାଂଚ ପାଇଁ ୩୮ ଦିନ ସମୟ ଲାଗୁଥିଲା ।

# ଏବେ ଦିନକୁ ୭୦ହଜାର କୋଭିଡ୍ ଟେଷ୍ଟ ହେଉଛି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୩/୧୦ (ନି.ପ୍ର): ରାଜ୍ୟରେ କୋଭିଡ୍-୧୯ ମହାମାରୀ ସଂକ୍ରମଣ ପରିମାଣ ଏବେ ୫୦୦ ତଳକୁ ରହୁଥିଲେ ମଧ ଦୈନିକ ୬୦ରୁ ୭୦ହଜାର ଲୋକଙ୍କ କୋଭିଡ୍ ଟେଷ୍ଟ ହେଉଛି। ଆଗକୁ ପୂଜା ପାର୍ବଣ ଥିବାବେଳେ ଲୋକଙ୍କ ଭିଡ଼ ଜମିଲେ ସଂକ୍ରମଣ ପରିମାଣ ବଢ଼ିବ ବୋଲି ରାଜ୍ୟ ସରକାର ସତର୍କ କରାଇ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପାର୍ବଣରେ ଭିଡ଼ ଜମିଲେ ସଂକ୍ରମଣ ବଢ଼ିବାର ଆଶଙ୍କା ରହିଛି । ଭିଡ଼ ଉପରେ ସ୍ୱତନ୍ତ୍ର ଭାବେ ସ୍ୱାସ୍ଥ୍ୟ ବିଭାଗ ନଜର ରଖିବ। ପୂର୍ବରୁ ଗାଇଡଲାଇନକୁ କଡ଼ାକଡ଼ି ପାଳନ ଉପରେ ଗୃହ ବିଭାଗ ଗୁରୁତ୍ୱ ଦେଇଛି। ସପିଂ କରିବାବେଳେ ଭିଡ଼ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡର ନଜର ରହିବ । ଯେଉଁଠି ସଂକ୍ରମଣ ବଢ଼ିବ ସେଠାରେ କଣ୍ଟେନମେଣ୍ଟ ଜୋନ୍ କରାଯିବ । କଟକ ଓ ଭୁବନେଶ୍ୱରରେ ସଂକ୍ରମଣ ହାର କମିଥିଲେ ମଧ ଭୟ ରହୁଛି। ତେଣୁ ଏଠାକାର ଲୋକମାନେ ଅଧିକ ସତର୍କ ଓ ସଚେତନ ହେବା ଆବଶ୍ୟକ। ଏବେ ଦୈନିକ ୬୦ରୁ ୭୦ହଜାର କୋଭିଡ୍ ଟେଷ୍ଟ ହେଉଛି, ତାହା ଜାରି ରହିବ । କୋଭିଡ୍ ସଂକ୍ରମଣରେ ଶରୀରର ଇଣ୍ଟରନାଲ ଇନଫେକ୍ସନ୍ ହେଉଛି । ହାର୍ଟ, ଲଙ୍ଗସ, ବ୍ରେନ୍ ଉପରେ ଅଧିକ ପ୍ରଭାବ ପଡୁଛି । ଯିଏ ଟିକା ନେଇଛି ତା'ଉପରେ କରୋନାର ପ୍ରଭାବ କମ୍ ରହୁଛି । ଯେଉଁମାନେ ଟିକା ନେଉନାହାନ୍ତି ସେମାନଙ୍କର ଅଧିକ କ୍ଷତି ହେଉଛି। ଟିକା ନେଇଥିବା ଲୋକ ଗୁରୁତର ହେବାର ଆଶଙ୍କା କମ୍ ରହିଛି । ତେଣୁ ଅଧିକ ଭିଡ଼ ନକରି ସଜାଗ ରହିଲେ କରୋନାକୁ ରାଜ୍ୟରେ ପ୍ରତିହତ କରାଯାଇ ପାରିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ସୂଚନାଯୋଗ୍ୟ, ରାଜ୍ୟରେ ଗତ ୨୪ଘଣ୍ଟା ମଧ୍ୟରେ ୪୭୮ଜଣ କରୋନା ସଂକ୍ରମିତଙ୍କ ଚିହ୍ନଟ କରାଯାଇଛି । ଗତ ସୋମବାର ରାଜ୍ୟରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୮୫ ଥିବାବେଳେ ମଙ୍ଗଳବାର ୫୪୫, ବୁଧବାର ୫୬୫, ଗୁରୁବାର ୬୦୨ ଓ ଶୁକ୍ରବାର ୪୭୭ ରହିଥିଲା । ଶନିବାର ଏହି ସଂକ୍ରମିତଙ୍କ ସଂଖ୍ୟା ୪୭୮ ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

## ପାର୍ବଣ ଭିଡ଼ ଉପରେ ନଜର ରଖିବ ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,୩/୧୦ (ନି.ପ୍ର): ପାର୍ବଣ ଭିଡ଼ ଉପରେ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ନଜର ରଖିବ। ପାର୍ବଣରେ ଭିଡ଼ ଜମିଲେ ସଂକ୍ରମଣ ବଢ଼ିପାରେ। ପୂର୍ବ ଗାଇଡଲାଇନକୁ କଡ଼ାକଡ଼ି ପାଳନ କରିବା ପାଇଁ ଗୃହ ବିଭାଗ ଗୁରୁତ୍ୱ ଦେଇଛି। ବିଶେଷ କରି ସପିଂ ସମୟରେ ଭିଡ଼କୁ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡର ନଜର ରହିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ ଯେଉଁ ଅଂଚଳରେ ସଂକ୍ରମଣ ବଢ଼ିବ ସେଠାରେ ପୁଣି କଂଟେନମେଂଟ ଓ ମାଇକ୍ରୋକଂଟେନମେଂଟ କରାଯିବ। ଏବେ ଦୈନିକ ଟେଷ୍ଟିଂ ୬୦ ରୁ ୭୦ ହଜାର କରାଯାଉଛି। ତାହା ଜାରି ରହିବ। କଟକ ଓ ଭୁବନେଶ୍ୱରରେ ସଂକ୍ରମଣ କମିଥିଲେ ମଧ ଭୟ ରହୁଛି। ତେଣୁ ଏଠାକାର ଲୋକମାନେ ଅଧିକ ସତର୍କ ଓ ସଚେତନ ରହିବା ଆବଶ୍ୟକ। ଆଇସିଏମଆର ଓ ନିତି ଆୟୋଗ ଏ ନେଇ ପୂର୍ବରୁ ସତର୍କ କରାଇଛନ୍ତି। ତେଣୁ ଆମେ ତାହାକୁ ଗୁରୁତ୍ୱ ଦେଉଛୁ।

# ନୂଆ ରୂପରେ ଖୋଲିଲା 'ଏକାମ୍ର ହାଟ'

ଭୁବନେଶ୍ୱର,୩/୧୦ (ନି.ପ୍ର): ପ୍ରାୟ ଦେଢ ବର୍ଷ ପରେ ପୁଣି ଖୋଲିଛି ଭୁବନେଶ୍ୱର ୟୁନିଟ୍ - ୩ ସ୍ଥିତ ଏକାମ୍ର ହାଟ। କୋଭିଡ କଟକଣା ଯୋଗୁଁ ତଥା ହାଟର ମରାମତି ଓ ପୁନଃରୁଦ୍ଧାର କାର୍ଯ୍ୟ ପାଇଁ ଗତ ୨୦୨୦ ମାର୍ଚ୍ଚ ମାସରୁ ଏକାମ୍ର ହାଟ ବନ୍ଦ ରହିଥିଲା। ହାଟର ପରିଚାଳନା ଦାୟିତ୍ୱ ଇଡକୋ ଠାରୁ ସିଡାକକୁ ଦିଆଯାଇଛି ।

ହାଟକୁ ଦୁଇଟି ଜୋନ୍ ରେ ବିଭକ୍ତ କରାଯାଇଛି, ଯଥା-'ଏକାମ୍ର କୁଟୀର', ଯେଉଁଠି ୮ଟି କଳା ପ୍ରଦର୍ଶନ ଷ୍ଟଲ ସହିତ ୫୦ଟି ଷ୍ଟଲ ଏବଂ 'ଏକାମ୍ର ବଜାର' ଯେଉଁଠି ଏକ ଖୋଲା ଜାଗା ପରିବେଷ୍ଟିତ ୩୩ଟି ଷ୍ଟଲ ଅଛି । ସମୁଦାୟ ୮୩ଟି ଷ୍ଟଲ ମଧ୍ୟରୁ ୫୬ଟି ହସ୍ତଶିଳ୍ପ ପାଇଁ ଓ ୨୭ଟି ହସ୍ତତନ୍ତ ପାଇଁ ଉଦ୍ଦିଷ୍ଟ ।

ପରିଦର୍ଶକମାନେ ଏକାମ୍ର ହାଟରେ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ଉତ୍ପାଦିତ ପ୍ରକୃତ ହସ୍ତଶିଳ୍ପ ତଥା ହସ୍ତତନ୍ତ ସାମଗ୍ରୀ ପ୍ରତ୍ୟକ୍ଷ ଭାବେ ଦେଖିବା ଓ କିଣିବାର ସୁଯୋଗ ପାଇପାରିବେ ତଥା ସେମାନଙ୍କ ସହ ଭାବର ଆଦାନପ୍ରଦାନ କରିପାରିବେ । ଏଠାରେ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ଦ୍ୱାରା ହସ୍ତଶିଳ୍ପ ତଥା ହସ୍ତତନ୍ତର ପ୍ରତ୍ୟକ୍ଷ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି, ଯଦ୍ୱାରା ପରିଦର୍ଶକମାନେ ଓଡ଼ିଶାର ହସ୍ତଶିଳ୍ପ ତଥା ହସ୍ତତନ୍ତର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିପାରିବେ । ଏହି ହାଟରେ ବୟନିକା, ଅମ୍ଳାନ, ସମ୍ବଲପୁରୀ ବସ୍ତ୍ରାଳୟ ଓ ଉତ୍କଳିକା ସଂସ୍ଥାମାନଙ୍କ ଷ୍ଟଲ ଖୋଲାଯାଇଛି।

ଏକାମ୍ର ହାଟରେ ୧୦ଟି ସ୍ୱତନ୍ତ୍ର ଜଳପାନ ଷ୍ଟଲ ବ୍ୟବସ୍ଥା କରାଯାଇଛି । ସେହି ଷ୍ଟଲମାନଙ୍କରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହିତ ଭାରତର ଅନ୍ୟାନ୍ୟ ପ୍ରାନ୍ତର ସୁସ୍ୱାଦୁ ଖାଦ୍ୟମାନ ଗୋଟିଏ ଛାତ ତଳେ ଉପଲବ୍ଧ କରାଯାଇଛି। ପରିଦର୍ଶକ/ପ୍ରଦର୍ଶକ/କ୍ରେତାମାନଙ୍କ ସୁବିଧା ନିମନ୍ତେ ଏକାମ୍ର ହାଟ ପରିସରରେ ସମ୍ମିଳନୀ କକ୍ଷ, ମୁକ୍ତାକାଶ ମଂଚ, ଏଟିଏମ୍, ପାର୍କ୍ସ ସ୍କୁଲ ଓ କିଓସ୍କ ଆଦିର ସୁବିଧା ଅଛି ।

ଏକାମ୍ର ହାଟ ପ୍ରତ୍ୟେକ ଦିନ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ସମସ୍ତ କୋଭିଡ୍ -୧୯ ନିୟମ ପାଳନ ସହିତ ଖୋଲା ରହିବ । ସରକାରଙ୍କ କୋଭିଡ୍ ନିୟମ ଅନୁଯାୟୀ ଅକ୍ଟୋବର ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ଖୋଲିବା ସମୟରେ ପରିବର୍ତ୍ତନ କରାଯିବ।

# ମା' ମାଟି ମାତୃଭାଷା ପାଇଁ ସମସ୍ତେ ଆଗଭେ ଆସନ୍ତୁ : ମତବ୍ୟକ୍ତ କଲା ଭାଷା ଆନ୍ଦୋଳନ

ଭୁବନେଶ୍ୱର,୩/୧୦ (ନି.ପ୍ର): ଆମ ସରକାରଙ୍କ ଉଦାସୀନତା ତଥା ଆନ୍ଧ୍ର, ଝାଡ଼ଖଣ୍ଡ ସରକାରଙ୍କ ମାତୃଭାଷା ପ୍ରତି ଅସମ୍ମାନ ସ୍ୱାଭିମାନୀ ଓଡ଼ିଆଙ୍କୁ ବ୍ୟଥିତ କରିଛି। ଦୁଇ ସରକାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଆମ ମାତୃଭାଷା ଓ ଭୂମି ଆଜି ଅସୁରକ୍ଷିତ। ଏହାର ପ୍ରତିବାଦ ସ୍ୱରୂପ ଭାଷା ଆନ୍ଦୋଳନ ପକ୍ଷରୁ ମଧୁବାବୁଙ୍କ ପ୍ରତିମୂର୍ତ୍ତିସ୍ଥଳଠାରେ ପ୍ରଦୀପ ପ୍ରଜ୍ୱଳନ କରି ଏକ ଅଭିନବ ପ୍ରତିବାଦ କରାଯାଇଥିଲା।

ମାତୃଭୂମିର ସୁରକ୍ଷା, ମାତୃଭାଷାର ସୁରକ୍ଷା, ନଦୀ ସୁରକ୍ଷା ତଥା ବିଚ୍ଛିନ୍ନା ଳରେ ଆମ ଓଡ଼ିଆମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ସମସ୍ୟା ଉପରେ ଗଭୀର ଭାବେ ସରକାର ଉକ୍ତ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଆଲୋଚନା କରି ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଅଭିଯାନ ପକ୍ଷରୁ କୁହାଯାଇଥିଲା। ଆମ ମାତୃଭାଷା ଆଜି ଅସୁରକ୍ଷିତ। ସରକାରୀ ଉଦାସୀନତା, ରାଜନୈତିକ ଇଚ୍ଛାଶକ୍ତି ଓ ନିଷ୍ଠାର ଅଭାବ ତଥା ସ୍ଥାନୀୟ ପ୍ରଶାସନର ଭୁଲ ରଣନୀତି ପାଇଁ ପଡ଼ୋଶୀ ରାଜ୍ୟମାନେ ଆମ ଓଡ଼ିଆଙ୍କ ଉପରେ ହୁକୁମ୍ ଜାରି କରିବା ସହିତ ମନଇଚ୍ଛା କାର୍ଯ୍ୟ ଚଳାଇଛନ୍ତି। ଭାଷା ଆନ୍ଦୋଳନର ଅଧକ୍ଷ ଚକ୍ରଧର ମହନ୍ତ, ସାରଦା ପ୍ରସାଦ ମହାପାତ୍ର, ନବ କିଶୋର ପ୍ରଧାନ, ନାରାୟଣ ଖୁଂଟିଆ, ନିରଞ୍ଜନ ସାହୁ, ଅଲେଖ ଜେନା, ଶିକ୍ଷାବିତ୍ ଡମ୍ବରୁଧର ହରଣ ସିଂହ, ନିର୍ମଳ ମିଶ୍ର, ଦାଶରଥୀ ଗୁମାନସିଂ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଜଗଦୀଶ ପ୍ରଧାନ, ଯୁବ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ପ୍ରାଧ୍ୟାପକ ଡ. ଅସିତ ଦାସ ପ୍ରମୁଖ ଭାଷା ତୀର୍ଥରେ ମଧୁବାବୁଙ୍କ ପାଖରେ ପ୍ରତିବାଦ ଜଣାଇଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା ଜଣାଇଛନ୍ତି। ଭୂମିର ଓ ମାତୃଭାଷାର ସୁରକ୍ଷା, ସ୍ୱାଭିମାନ, ଓଡ଼ିଆରେ ଫଳକ ଲଗାଇବା, ଆମ ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରିବା, ବିଚ୍ଛିନା ଳରେ ଥିବା ସମୂହ ଓଡ଼ିଆଙ୍କ ସ୍ୱାର୍ଥରକ୍ଷା କରିବା ପ୍ରମୁଖ ଉପରେ ଜୋର ଦିଆଯାଇଥିଲା।

# ଭୁବନେଶ୍ୱର ବ୍ଲକ ଶିକ୍ଷକ ସଂଗଠନର ଶପଥ ଗ୍ରହଣ ଓ ବରିଷ୍ଠ ଶିକ୍ଷକ ନେତ୍ରୀ ସଙ୍ଗିତା ଦାସଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩/୧୦ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୧୦ରେ ଭୁବନେଶ୍ୱର ବ୍ଲକର ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ନବନିର୍ବାଚିତ ପ୍ରତିନିଧିମାନଙ୍କ ଶପଥ ଗ୍ରହଣ ଉତ୍ସବ ଏବଂ ରାଜ୍ୟ ଉପସଭାନେତ୍ରୀ ସଙ୍ଗିତା ଦାସଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ବରିଷ୍ଠ ଶିକ୍ଷକ ନେତ୍ରୀ ସୁକାନ୍ତି ସାବୁତ୍ରୁ। ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ମୁଖ୍ୟବକ୍ତା ଭାବରେ କଟକର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ ସଭାପତି ହୃଦାନନ୍ଦ ଦ୍ୱିବେଦୀ, ମହାସଚିବ ଅମିୟ କୁମାର ଦାସ, ସଂଯୋଜକ ଚାରୁଲତା ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ପଣ୍ଡା, ମିଡ଼ିଆ ସେଲ୍ ଅଧକ୍ଷା ସୁଚିତ୍ରା ଦାସ ଏବଂ ଭୁବନେଶ୍ୱର ବ୍ଲକର ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ। ସମସ୍ତ ଶିକ୍ଷକ ସମାଜ ଏକ ହେଲେ ଶିକ୍ଷାର ଏକ ବୈପ୍ଳବିକ ପରିବର୍ତ୍ତନ ହେବ ବୋଲି ସଭାରେ ମୁଖ୍ୟ ଅତିଥି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଙ୍ଗୀତା ଦାସ ଜଣେ ପ୍ରାଜ୍ଞ, ବିଜ୍ଞ ତଥା ନରିଳସ ବ୍ୟକ୍ତିତ୍ୱ, କର୍ମନିଷ୍ଠା ଓ କର୍ତ୍ତବ୍ୟନିଷ୍ଠା ଉପରେ ଉପସ୍ଥିତ ସମସ୍ତ ବକ୍ତା ଗୁଣଗାନ କରିବା ସହ ଆଗାମୀ ଦିନରେ ଶିକ୍ଷକ ସମାଜ ଉନ୍ନତି ପାଇଁ ସେ ଏକ ମାଇଲ୍‌ଖୁଂଟ ହୋଇ ରହିବେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଉକ୍ତ ଉତ୍ସବରେ ଖୋର୍ଦ୍ଧା ବ୍ଲକ ସଭାପତି ଯୁଧିଷ୍ଠିର ସାହୁ, ଜଟଣୀ ବ୍ଲକ ସଭାପତି ଜିତ୍ ରଞ୍ଜନ ମହାପାତ୍ର, ଭୁବନେଶ୍ୱର ବ୍ଲକ ସଭାପତି ସୁଜାତା ଦାସ, ସମ୍ପାଦକ କିଶୋର ଚନ୍ଦ୍ର ନାୟକ, ସମ୍ପାଦକ ଅମିୟ କୁମାର ପରିଡ଼ା, ଆକାଶ କୁମାର ମହାନ୍ତି, ଆଲୋକ କୁମାର ସାହୁ, ଦ୍ୱିତିକୃଷ୍ଣ ସାହୁ ପ୍ରମୁଖ ଯୋଗଦାନ କରିଥିଲେ ଓ ସେମାନଙ୍କୁ ଭୁବନେଶ୍ୱର ବ୍ଲକ ଶିକ୍ଷକ ସଂଗଠନ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା। ଭୁବନେଶ୍ୱର ନବନିର୍ବାଚିତ ସଦସ୍ୟମାନଙ୍କୁ ରାଜ୍ୟ ସଭାପତି ଓ ମହାସଚିବ ପଦ ଓ ଗୋପନୀୟତା ଶପଥପାଠ କରାଇଥିଲେ। ଉକ୍ତ ସଭାରେ ମଧୁସ୍ମିତା ଦାସ ସଂଯୋଜନା କରିଥିବା ବେଳେ ପ୍ରମୋଦ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟରେ ୫୨୮ କରୋନା ଆକ୍ରାନ୍ତ ଚିହ୍ନଟ : ୭୩ ଜଣ ଛୁଆ

ଭୁବନେଶ୍ୱର ,୩/୧୦ (ନି.ପ୍ର): ଗତ ୨୪ ଘଣ୍ଟାରେ ରାଜ୍ୟରେ ୫୨୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୭୩ ଜଣ ୧୮ ବର୍ଷରୁ କମ୍ ବର୍ଗର ଅଛନ୍ତି। ୫୨୮ ଆକ୍ରାନ୍ତଙ୍କ ମଧ୍ୟରୁ ୩୧୦ ଜଣ କ୍ୱାରେଣ୍ଟାଇନ୍‌ରେ ଥିଲେ। ବାକି ୨୧୮ଟି ହେଉଛି ଲୋକାଲ କେସ୍। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୪୩ ଜଣ ଚିହ୍ନଟ ହୋଇଛନ୍ତି। ଅନୁଗୋଳ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୯, ବରଗଡ଼ରୁ ୨, ଭଦ୍ରକରୁ ୬, କଟକରୁ ୬୯, ଦେବଗଡ଼ରୁ ୩, ଗଞ୍ଜାମରୁ ୪, ଜଗତସିଂହପୁରରୁ ୨୪, ଯାଜପୁରରୁ ୧୬, ଝାରସୁଗୁଡ଼ାରୁ ୪, କେନ୍ଦ୍ରାପଡ଼ାରୁ ୮, କୋରାପୁଟରୁ ୩, ମାଲକାନଗିରିରୁ ଜଣେ, ମୟୂରଭଞ୍ଜରୁ ୩୧, ନବରଙ୍ଗପୁରରୁ ଜଣେ, ନୟାଗଡ଼ରୁ ୨, ପୁରୀରୁ ୧୭, ସମ୍ବଲପୁରର ୧୪, ସୋନପୁରରୁ ୨, ସୁନ୍ଦରଗଡ଼ରୁ ୯ ଓ ଷ୍ଟେଟ୍ ପୁଲ୍‌ରୁ ୫୯ ଜଣ ଅଛନ୍ତି। ଏହା ସହିତ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦,୨୭,୯୫୯କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୦,୧୪,୪୧୨ ଜଣ ସୁସ୍ଥ ହୋଇସାରିଥିବା ବେଳେ ୫୨୮୦ ଜଣ ଚିକିତ୍ସାଧୀନ ଅଛନ୍ତି। ସେହିଭଳି କରୋନାରେ ପ୍ରାଣ ହରାଇଥିବା ଆଉ ୫ ଜଣଙ୍କ ସଂପର୍କରେ ସରକାର ସୂଚନା ଦେଇଛନ୍ତି। ଏହା ସହିତ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮,୨୧୪କୁ ବୃଦ୍ଧି ପାଇଛି।

# କିମସକୁ ଇଣ୍ଡିଆ ଟୁଡେ ହେଲଥଗିରି ପୁରସ୍କାର




ଭୁବନେଶ୍ୱର ,୩/୧୦ (ନି.ପ୍ର): କିମସକୁ ଇଣ୍ଡିଆ ଟୁଡେ ହେଲଥଗିରି ପୁରସ୍କାର ୨୦୨୧ ପ୍ରଦାନ କରାଯାଇଛି। ଶନିବାର ନୂଆଦିଲ୍ଲୀଠାରେ ଇଣ୍ଡିଆ ଟୁଡେ ଗ୍ରୁପ୍ ପକ୍ଷରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିମସକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କରୋନା ମୁକାବିଲା କ୍ଷେତ୍ରରେ ଦେଶର ଶ୍ରେଷ୍ଠ ସରକାରୀ ମେଡିକାଲ ଭାବେ ଦିଲ୍ଲୀର ଲୋକନାୟକ ହସ୍ପିଟାଲକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଦେଶର ଶ୍ରେଷ୍ଠ ଘରୋଇ ମେଡିକାଲ ଭାବେ ଭୁବନେଶ୍ୱରର କିମସକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ନୂଆଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡା. ରଣଦୀପ ଗୁଲେରିଆ ଏହି ପୁରସ୍କାର ଘୋଷଣା କରିଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡବୀୟ ଏହି ପୁରସ୍କାର ପ୍ରଦାନ କରିଥିଲେ। କିମସ୍ ମେଡିକାଲ୍ କଲେଜର ଅଧକ୍ଷ ଡା. ଅମ୍ବିକା ପ୍ରସାଦ ମହାନ୍ତି ଏହି ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆ ଟୁଡେ ଗ୍ରୁପର ଅଧକ୍ଷ ତଥା ଏଡିଟର ଇନ୍ ଚିଫ୍ ଅରୁଣ ପୁରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

କରୋନ ମୁକାବିଲା କ୍ଷେତ୍ରରେ ଦେଶର ଶ୍ରେଷ୍ଠ ଘରୋଇ ମେଡିକାଲ ଭାବେ କିମସକୁ ଏହି ପୁରସ୍କାର ପାଇଁ ମନୋନୀତ କରିଥିବାରୁ କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଇଣ୍ଡିଆ ଟୁଡେ ଗ୍ରୁପକୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ସାମନ୍ତ ଏହାର ସମସ୍ତ ଶ୍ରେୟ କିମସର ସମସ୍ତ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ ଓ ସଫେଇ କର୍ମଚାରୀଙ୍କୁ ଦେଇଛନ୍ତି। ଏହାସହ ଶ୍ରୀ ସାମନ୍ତ ଓଡ଼ିଶା ସରକାରଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ସରକାରଙ୍କ ମାର୍ଗଦର୍ଶନରେ କିମସ କୋଭିଡ ହସପିଟାଲ ପରିଚାଳିତ ହେଉଥିବାରୁ କିମସକୁ ଆଜି ଏହି ପୁରସ୍କାର ମିଳି ପାରିଛି।

# ବାହୁଡ଼ିବାକୁ ସଜ ହେଲାଣି ମୌସୁମୀ: ସକ୍ରିୟ ହେଉଛି ପଶ୍ଚିମା ଓ ଉତ୍ତର-ପଶ୍ଚିମ ପବନ

ଭୁବନେଶ୍ୱର,୩/୧୦ (ନି.ପ୍ର): ଉତ୍ତର-ପଶ୍ଚିମ ଭାରତର ବାୟୁମଣ୍ଡଳର ନିମ୍ନଭାଗରୁ ମଧ୍ୟଭାଗ ମଧ୍ୟରେ ପଶ୍ଚିମା ଓ ଉତ୍ତର-ପଶ୍ଚିମ ପବନ ବହିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ଏଥିସହ ୫ ତାରିଖ ଆଡ଼କୁ ଗୁରୁଚାପ ବଳୟ ବିକଶିତ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଉତ୍ତର-ପଶ୍ଚିମ ଭାରତର ସୀମାନ୍ତ ଅଞ୍ଚଳଗୁଡ଼ିକରେ ବାୟୁମଣ୍ଡଳର ଆର୍ଦ୍ରତା ହ୍ରାସ ପାଇବ ଓ ବର୍ଷା ପରିମାଣ କମିଯିବ। ଫଳରେ ଉତ୍ତର-ପଶ୍ଚିମ ଭାରତର କିଛି କିଛି ସ୍ଥାନରୁ ଅକ୍ଟୋବର ୬ ତାରିଖରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଯିବ। ଦେଶରୁ ମୌସୁମୀ ଫେରିବା ପ୍ରକ୍ରିୟା ୧ ମାସ ୬ ଦିନ ପରେ ଆରମ୍ଭ ହୋଇଥିବା ବେଳେ ରାଜ୍ୟରୁ ବି ମୌସୁମୀ ବିଳମ୍ବରେ ଫେରିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅକ୍ଟୋବର ୨୦ସୁଦ୍ଧା ଓଡ଼ିଶାରୁ ମୌସୁମୀ ଫେରିବା ପ୍ରକ୍ରିୟା ଆରମ୍ଭ ହୋଇଯିବ ବୋଲି ଜଣାପଡ଼ିଛି। ଅପରପକ୍ଷେ ରାଜ୍ୟରେ ଏବେ ମୌସୁମୀ ସକ୍ରିୟ ରହିଥିବାରୁ ଆସନ୍ତା ୨ଦିନ ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ରହିଛି। ଆଜି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, ନୟାଗଡ଼, କଟକ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଆଦି ଜିଲ୍ଲାର କେତେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ସେହିଭଳି ୪ ତାରିଖ ଦିନ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ରହିଛି। ଏଥିସହ ଆଜି ରାଜଧାନୀ ସମେତ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବ। ଦିନର ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରି ଓ ସର୍ବନିମ୍ନ ତାପମାତ୍ରା ୨୫ଡିଗ୍ରି ରହିବ ବୋଲି କେନ୍ଦ୍ର କହିଛି।

# ବାଟବଣା ହେଲାଣି 'ନିରାମୟ' ଯୋଜନା

## ଏନ୍‌ଏସ୍‌କ୍ୟୁ ଧରୁଛନ୍ତି, ଏକ୍ସପାୟାରି ଔଷଧ ଧରାପଡ଼ିଲାନି କେମିତି ?

ଭୁବନେଶ୍ୱର : ୨୦୧୫ ମସିହାରେ 'ନିରାମୟ' ଯୋଜନା ଆରମ୍ଭ ହେବା ସମୟରେ ରାଜ୍ୟ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ମାଗଣା ଓ ଗୁଣବତ୍ତା ଔଷଧ ଯୋଗାଇ ଦେବା। ଏଥିପାଇଁ ରାଜ୍ୟ ଔଷଧ ନିଗମ ଗଠନ କରାଯିବା ସହିତ ଓଏସ୍‌ଏମ୍‌ସିଏଲରେ ଏକ କ୍ୱାଲିଟି ଆସ୍ୟୁରାନ୍‌ସ ସେଲ୍ ରହିଛି। ଏହାର ମୁଖ୍ୟ କାର୍ଯ୍ୟ ହେଉଛି, ଟେଣ୍ଡର ପରେ ଔଷଧ କମ୍ପାନି ଦେଉଥିବା ଔଷଧକୁ ଡାକ୍ତରଖାନାକୁ ବଣ୍ଟନ କରା ନ ଯାଇ ଏହାର ଗୁଣବତ୍ତା ପରୀକ୍ଷା କରିବା। ଯଦି ଔଷଧ ଠିକ୍ ରହିଛି ତାହାଲେ ଡାକ୍ତରଖାନାକୁ ଦିଆଯାଉଛି। ନଚେତ୍ ଔଷଧ ଯୋଗାଣକୁ ବାତିଲ୍ କରି ଦିଆଯାଉଛି।

ତେବେ ବଲାଙ୍ଗୀରର ଭୀମଭୋଇ ମେଡିକାଲ କଲେଜରେ ଦୁଇଦିନ ତଳେ ରୋଗୀଙ୍କୁ ଏକ୍ସପାୟାରି ବା ଅବଧି ଶେଷ ହୋଇ ଯାଇଥିବା ଔଷଧ ଦିଆଗଲା କିପରି ? ଏତେ କମ୍ ଅବଧି ଥିବା ଔଷଧକୁ ନିଗମ କାହିଁକି କିଣିଥିଲା। ଏପରିକି ଔଷଧ ଦେବା ପୂର୍ବରୁ ମଧ ଷ୍ଟୋରରେ ଥିବା ଫାର୍ମାସିଷ୍ଟ ଏହା ଏକ୍ସପାୟାରି ବୋଲି ଦେଖିପାରିଲେ ନାହିଁ। ଉପରଠୁ ତଳ ପର୍ଯ୍ୟନ୍ତ ସମସ୍ତଙ୍କ ଖାମଖିଆଲ ଯୋଗୁଁ ତୃଣମୂଳସ୍ତରରେ ରୋଗୀମାନେ ଗୁଣବତ୍ତା ଔଷଧ ବଦଳରେ ଏକ୍ସପାୟାରି ଔଷଧ ପାଉଛନ୍ତି।

ଦୁଇଦିନ ତଳେ ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକ୍ ପୁଡ଼ାପାଲି ଗାଁର ସନ୍ତୋଷ ସାହୁଙ୍କ ଥଣ୍ଡା ଜ୍ୱର ହୋଇଥିବାରୁ ସେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ଯାଇଥିଲେ। ଆଉଟଡୋରରେ ଡାକ୍ତର ଦୁଇଟି ଔଷଧ ଲେଖିଥିଲେ। ସନ୍ତୋଷ 'ନିରାମୟ' କେନ୍ଦ୍ରକୁ ଯାଇ ଔଷଧ ଆଣିଥିଲେ। ହେଲେ ଏଥିରେ ଗୋଟିଏ ଔଷଧ ଏକ୍ସପାୟାରି ହୋଇଥିବା ଜଣାପଡ଼ିଥିଲା। ଏହାର ପ୍ରସ୍ତୁତି ତାରିଖ ୨୦୧୯ ମସିହା ସେପ୍ଟେମ୍ବର ମାସ ଥିବା ବେଳେ ଚଳିତବର୍ଷ ଅଗଷ୍ଟ ମାସ ଏକ୍ସପାୟାରି ତାରିଖ ଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ହସ୍ପିଟାଲ ଅଧୀକ୍ଷକ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କେବଳ ବଲାଙ୍ଗୀର ନୁହେଁ, ବାଲେଶ୍ୱର ବଡ଼ ଡାକ୍ତରଖାନାରେ କୋଭିଡ ଆକ୍ରାନ୍ତ ଜଣେ ୪ବର୍ଷର ଶିଶୁକନ୍ୟାକୁ ମଧ ଜୁନ୍ ମାସରେ ଏକ୍ସପାୟାରି ଔଷଧ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଔଷଧ ଖାଇବା ପରେ ଶିଶୁକନ୍ୟାଟି ଘନ ଘନ ବାନ୍ତି କରିଥିଲା। ପରବର୍ତ୍ତୀ ସମୟରେ ଶିଶୁକନ୍ୟାଟି ଖାଇଥିବା ଔଷଧର ଏକ୍ସପାୟାରି ଶେଷ ହୋଇଯାଇଥିବା ଜଣାପଡ଼ିଥିଲା। ସାମାଜିକର୍ମୀ ଶକୁନ୍ତଳା ଦାସ ଏ ସଂପର୍କରେ ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ଅଭିଯୋଗ କରିଥିଲେ। କମିସନ ରିପୋର୍ଟକୁ ଗମ୍ଭୀରତାର ସହ ନେଇ ୨ମାସ ଭିତରେ ରିପୋର୍ଟ ପ୍ରଦାନ କରିବା ଲାଗି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। 'ନିରାମୟ' ଯୋଜନା ଆରମ୍ଭ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଓଏସ୍‌ଏମ୍‌ସିଏଲ ୩୪ଟି ଔଷଧ ଯୋଗାଣକାରୀ କମ୍ପାନିକୁ କଳା ତାଲିକାଭୁକ୍ତ କରି ସାରିଛି। ଡାକ୍ତରଖାନାକୁ ଯିବା ପୂର୍ବରୁ ବିଭିନ୍ନ ଲାବୋରେଟୋରିରେ ପରୀକ୍ଷା ହେବା ପରେ ଏନ୍‌ଏସକ୍ୟୁ ଜଣାପଡ଼ିଲେ ଏସବୁ କମ୍ପାନିକୁ କଳା ତାଲିକାଭୁକ୍ତ କରାଯାଉଥିବା ନିଗମ ପକ୍ଷରୁ କୁହାଯାଉଛି। ହେଲେ ଏକ୍ସପାୟାରି ଔଷଧ କିଭଳି ନିଗମର ନଜରକୁ ଆସୁନାହିଁ। ନିଗମ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର କୌଣସି ମେଡିସିନ୍ ଷ୍ଟୋରରେ ଏକ୍ସପାୟାରି ଔଷଧ ରହିବା ଅସମ୍ଭବ। କାରଣ ଔଷଧ ଏକ୍ସପାୟାରି ହୋଇଗଲେ ତାହା ଔଷଧ ଷ୍ଟୋରରେ ସଫ୍‌ଟୱେୟାର ସହିତ ମ୍ୟାଚ୍ କରି ନ ଥାଏ। ତେଣୁ ସ୍ଥାନୀୟ ଔଷଧ ଷ୍ଟୋରରୁ ଏହାକୁ ବାଦ୍ ଦିଆଯାଇଥାଏ। ହେଲେ କେଉଁ ପରିସ୍ଥିତିରେ ରୋଗୀଙ୍କୁ ଏକ୍ସପାୟାରି ଔଷଧ ଦିଆଯାଇଛି ତାହାର ତଦନ୍ତ ହେବା ପରେ ହିଁ ସ୍ପଷ୍ଟ ହୋଇପାରିବ। ଏ ସଂପର୍କରେ ଓଏସ୍‌ଏମ୍‌ସିଏଲର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ କୌଣସି ଉତ୍ତର ଦେଇ ନ ଥିଲେ।

## କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପିତାମାତାଙ୍କ ନିଆରା ବାର୍ତ୍ତା: ଏମିତି ସେବା ଦିଅ ଯେ ଯାତ୍ରୀ ହସି ହସି ଓହ୍ଲାଇବେ

ଭୁବନେଶ୍ୱର ,୩/୧୦ (ନି.ପ୍ର): କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ପୁଣିଥରେ ଜାତୀୟ ଗଣମାଧ୍ୟମର ଶିରୋନାମା ପାଲଟିଛନ୍ତି। ନିଜ ଘର ରାଜସ୍ଥାନକୁ ଯାଇଥିବା ସମୟରେ ପିତାମାତାଙ୍କୁ ଭେଟି ଆର୍ଶୀବାଦ ନେଇଥିଲେ। ଏହି ସମୟରେ ତାଙ୍କ ପିତାମାତା ନିଆରା ବାର୍ତ୍ତା ଦେଇଛନ୍ତି। ସେମାନେ କହିଛନ୍ତି ଯେ ପୁଅ ତୁମେ ଏପରି ସେବା କରିବା ଉଚିତ ଯେ ଟ୍ରେନରେ ଚଢୁଥିବା ପ୍ରତ୍ୟେକ ଯାତ୍ରୀ ହସି ହସି ଟ୍ରେନ୍‌ରୁ ଓହ୍ଲାଇବେ। ନିଜ ଯାତ୍ରା ସଫଳ ହୋଇଛି ବୋଲି କହିବେ। ଆମମାନଙ୍କ ଆର୍ଶୀବାଦ ସର୍ବଦା ତୁମ ଉପରେ ରହିଛି। ଖୁସିରେ ରୁହ, ଭାରତୀୟଙ୍କ ସେବା ଜାରି ରଖ। ପିତାମାତାଙ୍କୁ ସାକ୍ଷାତ ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଦେଶର ସେବା କରିବା ଦାୟିତ୍ୱ ମିଳିଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ପରିବାରରୁ ମିଳିଥିବା ସଂସ୍କାର ପାଇଁ ଆଜି ଏଠାରେ ପହଞ୍ଚିଛି। ପିତାଙ୍କର ଆର୍ଶୀବାଦ ଯୋଗୁଁ ଏହା ସମ୍ଭବ ହୋଇପାରିଛି।

## ଆଧୁନିକ କାବ୍ୟ ଜଗତର ଅମୂର୍ତ୍ତ ପ୍ରକାଶ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଦାମୋଦର ପଟ୍ଟନାୟକ, ଗୋପାଳ ବଲ୍ଲଭ ଦାସ, ରେବା ରାୟ, କୃଷ୍ଣ ପ୍ରସାଦ ଚୌଧୁରୀ ଏହି ପତ୍ରିକା ମାଧ୍ୟମରେ ଏକ ସାରସ୍ୱତ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ବଡ଼ କୁମାର ବଳଭଦ୍ର ଦେବ, ଗଙ୍ଗାଧର ମେହେର ପତ୍ରିକା ମାଧ୍ୟମରେ ହିଁ ଲୋକଲୋଚନକୁ ଆସିପାରିଛନ୍ତି। 'ଓଡ଼ିଆ ଓ ନବସମ୍ବାଦ', 'ଉତ୍କଳ ପ୍ରଭା'ରେ ମେହେରଙ୍କ 'ଅହଲ୍ୟା ସ୍ତବ', 'ଅଯୋଧ୍ୟା ଦୃଶ୍ୟ' ପ୍ରକାଶ ପାଇ ବିପୁଳ ପାଠକୀୟ ସ୍ୱୀକୃତି ଲାଭ କରିଛି। ନନ୍ଦ କିଶୋରଙ୍କ 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ସମ୍ବଲପୁର ହିତୈଷିଣୀ' ପ୍ରକାଶ ପାଇ ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିଛି। ଏ ସମ୍ପର୍କରେ ବିଶ୍ୱନାଥ କର କହନ୍ତି - "ନିର୍ଝରିଣୀରେ କବିଙ୍କର ଶକ୍ତି ଉଜ୍ଜ୍ୱଳତର ରୂପେ ପ୍ରକାଶିତ ହୋଇଛି। × × × ଏହାର ପ୍ରତ୍ୟେକ କବିତା ମଧୁର ଚିତ୍ତାକର୍ଷକ ଓ ପ୍ରୀତିପଦ।" (ସାମନ୍ତରାୟ, ନଟବର, ଓଡ଼ିଆ ସାହିତ୍ୟର ଇତିହାସ, ପୃ-୫୯୦) ଏତଦ୍‌ବ୍ୟତୀତ କବି ଶେଖର ଚିନ୍ତାମଣି ମହାନ୍ତି, ଶ୍ୟାମବନ୍ଧୁ ଦାସ, ମୃତ୍ୟୁଞ୍ଜୟ ରଥ, ପଦ୍ମଚରଣ ପଟ୍ଟନାୟକ ଏ ପତ୍ରିକା ମାଧ୍ୟମରେ ଲୋକ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି।

ଓଡ଼ିଆ ସାହିତ୍ୟର ବିକାଶରେ ଗଦ୍ୟ ସାହିତ୍ୟ ବିଶିଷ୍ଟ ଭୂମିକା ଗ୍ରହଣ କରିଥିଲେ ହେଁ, ପଦ୍ୟ ସାହିତ୍ୟ ଯଥା ସମୟରେ ଉନ୍ମୋଚିତ କରିଥିଲା ସର୍ଜନା ଓ ସମାଲୋଚନାର ଏକ ନୂତନ ମାର୍ଗ। 'ଇନ୍ଦ୍ରଧନୁ ଓ ବିଜୁଳି' ପରି ପତ୍ରିକା ଆଲୋଚନା, ସମାଲୋଚନା ନିମନ୍ତେ ଯେପରି ମାର୍ଗ ପ୍ରଶସ୍ତ କରିଥିଲା ଠିକ୍ ସେହିପରି ଊନବିଂଶର ଅନ୍ୟାନ୍ୟ ପତ୍ରିକା ସର୍ଜନା ନିମନ୍ତେ ଦେଇଥିଲା ଏକ ଅଭିନବ ପଦକ୍ଷେପ। ସୀମିତ ମୁଦ୍ରଣ ଶିଳ୍ପ ଏବଂ ପ୍ରସାରର ଆବଶ୍ୟକତା ଦୃଷ୍ଟିରୁ ପତ୍ରପତ୍ରିକା ଗୁଡ଼ିକ ଥିଲା ସର୍ଜନାର ଏକମାତ୍ର ମାଧ୍ୟମ। ଓଡ଼ିଆ କାବ୍ୟ ଜଗତରେ ପରମ୍ପରା ଓ ନୂତନତାର ସମନ୍ୱୟ ପତ୍ରିକା ମାଧ୍ୟମରେ ଜନମାନସକୁ ପ୍ରସାରିତ ହୋଇଥିଲା। ଯଥାର୍ଥରେ କହିଲେ ନୂତନ କାବ୍ୟଧାରାର ବିକାଶରେ ଊନବିଂଶର ପତ୍ରପତ୍ରିକା ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ଏଥିରେ ସନ୍ଦେହ ନାହିଁ।

-୦-

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭
ସଂପର୍କ: ୮୮୯୫୧୪୧୭୨୭

## ଓଡିଶା ଗୋ-ସେବା ସମିତିର ଜିଲ୍ଲା ବୈଠକ

### ଗୋ-ମାତା ବିପର୍ଯ୍ୟସ୍ତ : ଗୋ-ବଂଶ ବୃଦ୍ଧି ଲାଗି ଲୋଡା ସଚେତନତା

ଜଳେଶ୍ୱର ୦୩/୧୦(ନିପ୍ର): ଆଜି ଜଳେଶ୍ୱର ନୂଆବଜାରସ୍ଥିତ ଭଞ୍ଜଶ୍ରୀ ଭବନରେ ଓଡିଶା ଗୋ-ସେବା ସମିତିର ଜିଲା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜଳେଶ୍ୱରର ନବ ନିର୍ବାଚିତ ସଭାପତି ବାଣିଦାସ ମହାପାତ୍ର ସଭାପତିତ୍ୱ କରିଥିଲେ । ଓଡିଶା ଗୋ-ସେବାସମିତିର ମୁଖ୍ୟ ପୁରୀର ସ୍ୱାମୀ ଶ୍ରୀକୃଷ୍ଣାନନ୍ଦ ଗିରି ଓ ଭୁବନେଶ୍ୱରର ମୁଖ୍ୟ ସତ୍ ସ୍ୱରୂପାନନ୍ଦ ଗିରି ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଭାବେ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ଗୋ-ମାତା ବିପର୍ଯ୍ୟସ୍ତ ଓ ଲାଞ୍ଛିତ ହେଉଛନ୍ତି । ରାଜ୍ୟରୁ ପଶୁ ନିଷ୍ଠୁରତା ଆଇନ୍‌କୁ ଉଲଙ୍ଘନ କରି କେତେକ ରାକେଟ ଅମାନବୀୟଭାବେ ଗୋ ଚାଲାଣ କରି ଆସୁଛନ୍ତି । ଏଥିପ୍ରତି ପ୍ରଶାସନର ନିଘାନଥିବାରୁ ଗୋ ସେବା-ସମିତି ଜନସାଧାରଣଙ୍କୁ ସଚେତନ କରିବାଲାଗି ସିଦ୍ଧାନ୍ତ କରିଥିବା ସେମାନେ କହିଛନ୍ତି । ଏହି ସଭାରେ ବାଲେଶ୍ୱର ଜିଲା ସଂଯୋଜକ ପ୍ରଦୀପ ପଣ୍ଡା, ଜଳେଶ୍ୱର ବ୍ଲକ ସଂଯୋଜକ ସୁଶାନ୍ତ କୟାଲ, ଜିଲା ସଭାପତି ମିହିର ପାଣି, ଉପସଭାପତି ଅଶୋକ ପରିଡା, ସଂପାଦକ ଶରତ ପାଣଗ୍ରାହୀ ଓ ନିତ୍ୟାନନ୍ଦ ବାରିକ ବକ୍ତବ୍ୟ ରଖିଥିଲେ । ଜଳେଶ୍ୱର ବ୍ଲକ ଉପସଭାପତି ବିଜୟ କୁମାର ଜେନା, ସଂପାଦକ ସିଦ୍ଧାର୍ଥଶଂକର ପାଳ, ସହସଂପାଦକ ଅଶୁମୋଚନ ଘୋଷ, କୋଶାଧ୍ୟକ୍ଷ ପବନ କୁମାର ସାହୁ ଓ ଜିଲା ମିଡିଆ ପ୍ରମୁଖ ତୁଷାର ରଂଜନ ଦେ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରି ଗୋମାତା ଠାରୁ ଉତ୍ପନ୍ନ ଗୋବର, ଖତ, ଜୈବିକ ସାର, କ୍ଷୀର, ଘିଅ, ଗୋମୁତ୍ର, ପଞ୍ଚାମୃତର ଉପକାରିତା ସଂପର୍କରେ କହିଥିଲେ । ପୁରୀସ୍ଥିତ ବାଲିଘାଇଠାରେ ହରିହରାନନ୍ଦ ଗୁରୁକୂଳ ଆଶ୍ରମରେ ଗୋ ସେବା ସମିତି ପକ୍ଷରୁ ସାଚେତନତା ଓ ପ୍ରଶିକ୍ଷଣ ଦିଆଯାଉଥିବା ସଂପର୍କରେ କହିଥିଲେ । ଆସନ୍ତା ଦିନରେ ଗୋ-ବଂଶ ବୃଦ୍ଧି ସହିତ ଗୋ-ଶାଳା ନିର୍ମାଣ ରଜ୍ୟର ବିଭିନ୍ନ ସ୍ଥାନରେ ହେବ ବୋଲି କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଝାଡ଼ଖଣ୍ଡରେ ପିଲାଙ୍କ ପାଇଁ ....

ଓଡିଆରେ ଲେଖାଯାଇଛି ବିଦ୍ୟାଳୟର ନାଁ । ଶିକ୍ଷକମାନେ ଶ୍ରେଣୀଗୃହରେ ଓଡିଆରେ ପାଠ ପଢ଼ାଉଛନ୍ତି । କିନ୍ତୁ ଏହା ଓଡିଶା ଭିତରେ ଥିବା କୌଣସି ସ୍କୁଲର ଘଟଣା ନୁହେଁ । ଏହା ଓଡିଶା ବାହାରେ ଝାରଖଣ୍ଡରେ ରହିଯାଇଥିବା ଓଡିଆ ଭାଷାଭାଷା ଅଞ୍ଚଳ ପୂର୍ବ ସିଂହଭୂମି ଜିଲ୍ଲା ବହଡାଗଡା ବ୍ଲକ, ଶାସନ ଗାଁରେ ଥିବା ଏକ ବିଦ୍ୟାଳୟର ପିଲା ସଂଖ୍ୟା କହୁଛି, ଓଡିଆରେ ପାଠ ପଢ଼ିବା ପାଇଁ ଏହି ଅଞ୍ଚଳରେ କେତେ ଆଗ୍ରହ ରହିଛି । ଓଡିଶା ସରକାର ଏଠାରେ ଓଡିଆ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମରୁ ଅଷ୍ଟମ ଯାଏଁ ସମସ୍ତ ବିଷୟରେ ଓଡିଆ ବହି ଯୋଗାଇ ଦେଇଛନ୍ତି । କିନ୍ତୁ ନବମ ଓ ଦଶମ ଶ୍ରେଣୀର ବହି ମିଳୁନଥିବାରୁ ୨୦୦୭ ମସିହାର ବହିକୁ ଜେରକ୍ସ କରି ଆଜିଯାଏଁ ପଢ଼ି ଆସୁଛନ୍ତି ଓଡିଆ ଛାତ୍ରଛାତ୍ରୀ । ଅନ୍ୟପଟେ ଝାଡଖଣ୍ଡ ସରକାର କେବଳ ଓଡିଆ ମାତୃଭାଷାକୁ ଛାଡି ଆଉ ସମସ୍ତ ବହି ହିନ୍ଦୀ ଭାଷାର ଦେଉଛନ୍ତି । ଯାହାକି ଓଡିଆ ଛାତ୍ରଛାତ୍ରୀଙ୍କ ପାଇଁ ବିରାଟ ସମସ୍ୟା ସୃଷ୍ଟି କରୁଛି । ଏଭଳି ସ୍ଥିତିରେ ଓଡିଆକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାକୁ ଝାଡଖଣ୍ଡ ସରକାର ଚକ୍ରାନ୍ତ କରୁଥିବାରୁ ସମସ୍ୟାର ସମାଧାନ ପାଇଁ ଓଡିଶା ସରକାର ଆଲୋଚନା କରନ୍ତୁ ବୋଲି ଦାବି କରିଛନ୍ତି ବୁଦ୍ଧିଜୀବୀ । ୧୯୩୬ ମସିହାରେ ଓଡିଶା ପ୍ରଦେଶ ଗଠନ ହେବା ପୂର୍ବରୁ, ଝାଡଖଣ୍ଡର ଷଢ଼େଇକଳା, ଖରଶୁଆଁ ଓ ଚାଇଁବସା ଅଂଚଳରେ ବହୁସଂଖ୍ୟାରେ ଓଡିଆ ରହି ଆସୁଛନ୍ତି । କିନ୍ତୁ ବିଡମ୍ବନାର ବିଷୟ ଏମାନେ ନିଜ ମାତୃଭାଷାରେ ପାଠ ପଢ଼ିବା ପାଇଁ, ଏବେ ବି ସଂଘର୍ଷ କରୁଛନ୍ତି ।

### ପିପିଲିରେ ବିଜେଡିର....

ଯାହାକି ୦.୪୬ ମତଦାନର ପ୍ରତିଶତ । ଉଲ୍ଲେଖ୍ୟଯୋଗ୍ୟ ଯେ ପିପିଲି ଉପନିର୍ବାଚନ ପାଇଁ ଗତ ସେପ୍ଟେମ୍ବର ୩୦ ତାରିଖରେ ଭୋଟ୍ ଗ୍ରହଣ ହୋଇଥିଲା । ଉପନିର୍ବାଚନରେ ମୋଟ୍ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଥିଲେ । ଗତବର୍ଷ ପିପିଲିର ପୂର୍ବତନ ବିଧାୟକ ପ୍ରଦୀପ ମହାରଥୀଙ୍କର ଦେହାନ୍ତ ହୋଇଥିଲା । ଯାହା ପରେ ପିପିଲିରେ ଉପନିର୍ବାଚନ ପାଇଁ ବାରମ୍ବାର ତାରିଖ ବଦଳିଥିଲା । ଏପ୍ରିଲରେ ହେବାକୁଥିବା ଉପନିର୍ବାଚନର ଠିକ୍ ପୂର୍ବରୁ କଂଗ୍ରେସ ପ୍ରାର୍ଥୀ ଅଜିତ୍ ମଙ୍ଗରାଜଙ୍କ ପରଲୋକ ହୋଇଥିଲା । ଏହା ପରେ ମେ' ମାସ ପାଇଁ ନିର୍ବାଚନ ତାରିଖ ଧାର୍ଯ୍ୟ ହୋଇଥିଲା । କିନ୍ତୁ କରୋନା ପାଇଁ ପୁଣି ନିର୍ବାଚନକୁ ଘୁଂଚାଯାଇଥିଲା । ଶେଷରେ ସେପଟ୍ଟେମ୍ବର ୩୦ ତାରିଖ ପାଇଁ ଉପନିର୍ବାଚନ ସ୍ଥିର କରାଯାଇଥିଲା ।

### ଝାରଖଣ୍ଡ : ସିଂହଭୂମରେ ....

ଜିଲ୍ଲାରେ ଭୂମି ହଲିବାର ଖବର ମିଳିଛି । ନେସ୍‌ନାଲ ସେଂଟର ଫର ସିସ୍ମୋଲୋଜିର ବୈଜ୍ଞାନିକଙ୍କ ଅନୁଯାୟୀ ସିଂହଭୂମ ଅଂଚଳରେ ମଧ୍ୟାହ୍ନ ୨.୨୨ରେ ଆସିଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୪.୧ ମପାଯାଇଛି । ଏହି ଭୂକମ୍ପର ଗଭୀରତା ୧୦ କିଲୋମିଟର ଥିଲା । ଭୂକମ୍ପର ଝଟକା ଅନୁଭୂତ ହେବାରୁ ଲୋକମାନେ ଡରିଯାଇ ଘରୁ ବାହାରକୁ ବାହାରି ଆସିଥିଲେ । ତେବେ ଏହି ତୀବ୍ରତାର ଭୂକମ୍ପ ଏତେ ଭୟଙ୍କର ହୋଇନଥିଲା କିନ୍ତୁ ଲୋକମାନେ ସୁରକ୍ଷିତ ଅନୁଭୂତି କରିବା ପାଇଁ ଘରୁ ବାହାରକୁ ବାହାରି ଖୋଲା ପଡ଼ିଆରେ ଜମା ହେବାକୁ ଲାଗିଥିଲେ । କୁହାଯାଏ ଯେ ଭୂକମ୍ପରେ କୌଣସି ପ୍ରକାର ମୃତାହତ ବା କ୍ଷୟକ୍ଷତି ହୋଇନାହିଁ । ତେବେ ଲୋକମାନେ ଏବେ ମଧ୍ୟ ଅନୁଭୂତ ହୋଇଥିବା ଅଂଚଳରେ ଘଂଟା ଘଂଟା ଧରି ବାହାରେ ରହିଥିଲେ ।

## ସାପ କାମୁଡାରେ ଚାଷୀଙ୍କ ମୃତ୍ୟୁ

ରୂପସା,୦୩/୦୯ (ନି.ପ୍ର): ରୂପସା ଥାନା ଗଡ଼ପଦା ପଂଚାୟତ ଅନ୍ତର୍ଗତ ଜହତକ୍ଷ ଗ୍ରାମର ଜଣେ ଚାଷୀ ସାପ କାମୁଡା ରେ ପ୍ରାଣ ହରାଇଛନ୍ତି । ମୃତ ଚାଷୀ ହେଲେ ମୋହନ ସୁନ୍ଦର ପଲେଇ (୬୫) । ସେ ନିଜ ସ୍ତ୍ରୀ ଙ୍କ ସହ ଶନିବାର ଚାଷ ଜମି କୁ ସାର ପକାଇବାକୁ ଯାଇଥିଲେ କ୍ଷ ହିଡ଼ ରେ ଏକ ବିଷଧର ସର୍ପ ତାଙ୍କୁ ଦଂଶନ କରିଥିଲା । ପରିବାର ଲୋକେ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ କୁ ଖବର ଦେଇଥିଲେ । ମାତ୍ର ଆମ୍ବୁଲାନ୍ସ ପହଂଚିବାରେ ବହୁ ବିଳମ୍ବ ହେବାରୁ ଏକ ଘରୋଇ ଭ୍ୟାନ ରେ ଗୁରୁତର ଅବସ୍ଥାରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଂକଟାପନ ହେବାରୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । କଟକ ନେବା ରାସ୍ତାରେ ସୋର ଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ରବିବାର ସୋର ମେଡିକାଲ ରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଗାଁ ଶ୍ମଶାନ ରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା । ମୃତ ଚାଷୀଙ୍କ ପରିବାର କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣ ରେ ଦାବି ହୋଇଛି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୨ ଗିରଫ, ୮୫୨ବାହନ ଜବତ

ଭୁବନେଶ୍ୱର,୦୩/୦୯ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଗିରଫ କରା ଯାଇଛି । ୮୫୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୬,୮୧,୨୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ସଂସ୍ଥା ସମୂହର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ଭଦ୍ରକ,୦୩/୦୯ (ନି.ପ୍ର): ଲାୟନ୍‌ସ କ୍ଲବ ଭଦ୍ରକାଳୀ ଡିଭାଇନ, କଳ୍ପନା ଦେବୀ ଚାରିଟେବୁଲ ଟ୍ରଷ୍ଟ ଓ ଇଣ୍ଡିଆନ ମେଡିକାଲ ଆସୋସିଏସନ ଆଇଏମ୍‌ଏ ଭଦ୍ରକ ଶାଖାର ମିଳିତ ଏକ କାର୍ଯ୍ୟାଳୟ ଭଦ୍ରକ କଲେଜ ରୋଡ ଟାଉନ ହଲ ସନ୍ନିକଟ ନରିପୁରଠାରେ ଉଦ୍‌ଘାଟିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରବୀନ୍ଦ୍ର କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ଚରଣ ଦାସ, ଡାକ୍ତର ହରେକୃଷ୍ଣ ନାୟକ, ବିଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ପଦ୍ମନ ରାୟ, ଲାୟନ୍ସ କ୍ଲବର ସଭାପତି ବୈଲୋଚନ ବେହୁରିଆ, ସମ୍ପାଦକ ସୁଶାନ୍ତ କୁମାର ସାହୁ, ପ୍ରଭାତ କୁମାର ଧଳ, ସତ୍ୟେନ୍ଦୁ ରାୟ ମହାପାତ୍ର ସନାତନ ରାଉତ, ବିଧିବକ୍ତା ଅମର ମହାନ୍ତି, ତିଳୋତତମା ପଣ୍ଡା, ଗୀତାଞ୍ଜଳି ଦ୍ୱିବେଦୀ, ସୋମନାଥ ପଣ୍ଡା ପ୍ରମୁଖ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ । ଏଣିକି ଏହି ତିନି ସଂଗଠନର ଅଫିସ କାର୍ଯ୍ୟ ଗୋଟିଏ କାର୍ଯ୍ୟାଳୟରେ ସମ୍ପନ୍ନ ହେବ । ଯାହା ଫଳରେ ୩ଟି ଯାକ ସଂସ୍ଥା ସୁସ୍ଥ ବାତାବରଣ ଭାବରେ ଚାଲିବ ବୋଲି ଏହାର କର୍ମକର୍ତ୍ତା ମାନେ ପ୍ରକାଶ କରିଛନ୍ତି ।

## ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା

ବାଲେଶ୍ୱର,୦୩/୦୯ (ନି.ପ୍ର): ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ଅବସରରେ ଡ୍ରିମସ୍ ଆଇଡିଆଲ ରେସିଡେନ୍ସିଆଲ ସ୍କୁଲ ତରଫରୁ କର୍ମଚାରୀମାନେ ସ୍କୁଲରୁ ଶୋଭାଯାତ୍ରାରେ ବାହାରି ସହୀଦ ପାର୍କଠାରେ ପହଞ୍ଚିଥିଲେ । ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନୀଲୁ ମହାପାତ୍ର ଯୋଗଦେଇ ଶୋଭାଯାତ୍ରାକୁ ସ୍ୱାଗତ କରିବା ସହ ମହାପୁରୁଷ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅନ୍ୟତମ ଅତିଥି ପୂର୍ବତନ ଜିଲ୍ଲାପରିଷଦ ସଭାପତି ଶ୍ରୀଯୁକ୍ତ ଗିରିଶ ଚନ୍ଦ୍ର ଦାଶ ଓ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ସର୍ବେଶ୍ୱର ଦାଶ, ବିଦ୍ୟାପୀଠର ସମ୍ପାଦକ ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି ଉପସ୍ଥିତ ଥାଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ । ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସ, ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ତଥା ରେହାନା ବେଗମ୍, ଆରତୀବାଳା ଦାସ, କାବ୍ୟଶ୍ରୀ ସାହାଣୀ ପ୍ରମୁଖ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଗାନ୍ଧିଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## 'ସ୍ମାଇଲ ସୋସାଇଟି'ର ଚତୁର୍ଥ ବାର୍ଷିକ ଉତ୍ସବ

ବାଲେଶ୍ୱର,୦୩/୦୯ (ନି.ପ୍ର): ବାଲେଶ୍ୱରର ଅଗ୍ରଣୀ ସାମାଜିକ ସଂଗଠନ ସ୍ମାଇଲ ସୋସାଇଟିର ଚତୁର୍ଥ ସ୍ଥାପନ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ତଥା ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜସେବା କ୍ଷେତ୍ରରେ ସ୍ମାଇଲ ସୋସାଇଟି କର୍ମକର୍ତ୍ତାଙ୍କ ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ । ପୂର୍ବତନ କାଉନସିଲର ସନତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗରିବ ଓ ଅସହାୟମାନଙ୍କୁ ତ୍ୱରିତ ସେବା ପ୍ରଦାନ ସହ କୋଭିଡ କଟକଣା ସମୟରେ ସଂଗଠନ କାର୍ଯ୍ୟଧାରା ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଥିବା କହିଥିଲେ । ସ୍ମାଇଲ ସୋସାଇଟିର ସଭାପତି ଶୁଭମ ସାଇ ମହାପାତ୍ର ସଭା ସଂଯୋଜନା କରିଥିଲେ । ଏହି ଅବସରରେ ଡାକ୍ତର ଶୁଭଜିତ ଗିରି, ଡାକ୍ତର ଉମା ଶଙ୍କର ଶାହା, ଖୋଖୋ ପ୍ରଶିକ୍ଷକ ମଳୟ ରଞ୍ଜନ ବେହେରା, ଓଲିଉଡ଼ ସଙ୍ଗୀତଜ୍ଞ କୁଳଦୀପ ପଟ୍ଟନାୟକ, ସାମ୍ବାଦିକା କବିତା ପାତ୍ର, କୁନି ତାରକା ହଂସିନୀ ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ସଂଗଠନର ସଦସ୍ୟ ବିଶ୍ୱଜିତ ନାୟକଙ୍କ ପ୍ରଯୋଜିତ ଓଡ଼ିଆ ଆଲବମ 'ଝୁମ ଝୁମ ସୂରଜମୁଖୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏଥି ସହିତ ପୂର୍ବରୁ ଆୟୋଜିତ ବିଭିନ୍ନ ବର୍ଗର ଅନଲାଇନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସଙ୍ଗଠନର ଉପ-ସଭାପତି ବିଭୁପଦ ମହାନ୍ତି, ଶୁଭମ ଦାସ ଓ ବିଶ୍ୱଜିତ ନାୟକ, ସାଧାରଣ ସମ୍ପାଦକ ବ୍ୟାସଦେବ ରଣା, ସମ୍ପାଦିକା ରୀମା ଜୋସେଫ, ଉପଦେଷ୍ଟା ସୌମ୍ୟା ସାହୁ, ପ୍ରମୁଖ ସ୍ମାଇଲ ସୋସାଇଟିର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ଜଳନ୍ତା କାର୍‌ରୁ ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅଙ୍କ ଶବ ମିଳିଲା

ଶିଲଂ,୦୩/୦୯ (ନି.ପ୍ର): ମେଘାଳୟର ଉନମସମଲେମ୍ ଗାଆଁରେ ରାଜମାର୍ଗ ଉପରେ ଏକ ଦୁର୍ଘଟଣାରେ ମେଘାଳୟର ପୂର୍ବ ମୁଖ୍ୟମନ୍ତ୍ରୀ ଇ.କେ. ମାବଲୋଙ୍ଗଙ୍କ ପୁଅ ଫର୍ଣ୍ଣିନେଂଟ ବଂଶାନ ଲିଂଗଦୋହର ମୃତ୍ୟୁ ହୋଇଛି । ପୋଲିସ୍ ଅନୁଯାୟୀ ଫର୍ଣ୍ଣିନେଂଟର ଶବ ଉମରାନରେ ତାଙ୍କ କାର୍ ଭିତରୁ ଜଳନ୍ତା ମିଳିଥିଲା । ପୋଲିସ୍ ମାମଲାର ଯାଂଚ କରୁଛି । ପୋଲିସ୍ ରବିବାର ଦିନ କହିଛି ଯେ କଂଗ୍ରେସ ବିଧାୟକ ଜର୍ଜ ବି ଲିଙ୍ଗ୍‌ଡୋଙ୍କ ବଡ଼ ଭାଇ ତଥା ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଇ.କେ. ମାବଲୋଙ୍ଗଙ୍କ ପୁଅ ଫର୍ଣ୍ଣିନେଣ୍ଡ ବଂଶାନ ଲିଙ୍ଗଦୋହ ଶିଲଂରୁ ରାଷ୍ଟ୍ରୀୟ ରାଜମାର୍ଗ-୬ ମଧ୍ୟରେ ରି-ଭୋଇ ଜିଲ୍ଲା ପଟୁ ଆସୁଥିଲେ । ଶନିବାର ଦିନ ରାତି ରାସ୍ତାରେ ଥକାନ୍ କାରଣରୁ ଆରାମ କରିବାପାଇଁ ଗାଡ଼ିରେ ଶୋଇପଡ଼ିଥିଲେ । ସେତେବେଳେ ହଠାତ୍ ଗାଡ଼ିରେ ନିଆଁ ଲାଗିଗଲା ଏବଂ ଦେଖୁଦେଖୁ ଭୟଙ୍କର ରୂପ ନେଇଥିଲା । ନିଆଁ ଲାଗିବା କାରଣରୁ କାର୍‌ରେ ଏକ ବିସ୍ଫୋରଣ ହୋଇଥିବାର ସୂଚନା ମିଳିଛି । ଏହି ଦୁର୍ଘଟଣାରେ ଫର୍ଣ୍ଣିନେଂଟଙ୍କ ମୃତ୍ୟୁ ହୋଇଥିଲା ।

## ଜଙ୍ଗଲଜମି ଅଧିକାର ଆଇନର କାର୍ଯ୍ୟକାରିତା : ପୁରୁଷାନୁକ୍ରମେ-ଭୋଗ ଦଖଲକାରୀ ୬୬ଜଣଙ୍କୁ ମିଳିଲା ଜମି ପଟ୍ଟା

ଜଳେଶ୍ୱର ୦୩/୧୦(ନିପ୍ର): ବର୍ଷ ବର୍ଷ ଧରି ପୁରୁଷାନୁକ୍ରମେ ଜଂଗଲ ଜମିକୁ ଭୋଗ ଦଖଲ କରି ଆସୁଥିବା ଆଦିବାସୀଙ୍କୁ ଜମିର ପଟ୍ଟା ମିଳୁନଥିବାରୁ ସେମାନେ ସେମାନଙ୍କ ଭବିଷ୍ୟତ ପିଢୀ ସରକାରୀ ସୁବିଧା ସୁଯୋଗ ଏପରିକି ପିଲାମାନଙ୍କ ଶିକ୍ଷାଲାଭରୁ ବଂଚିତ ହେଉଥିଲେ । ସରକାର ଆଇନ୍‌କୁ ସରଳ କରିଥିବାରୁ ଏଣିକି ଆଦିବାସୀମାନେ ଜଂଗଲ ଜମି ଭୋଗ ଦଖଲ କରି ଆସୁଥିଲେ ସେମାନଙ୍କୁ ଜମିର ମାଲିକାନା ମିଳିବାର ବ୍ୟବସ୍ଥା କରିଛନ୍ତି ସରକାର । ଏହି କ୍ରମରେ ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଆଦିବାସୀ ଅଧ୍ୟୁସିତ ବରଡିହା ଠାରେ ଆୟୋଜିତ ସ୍ୱତନ୍ତ୍ର ଗ୍ରାମସଭା ମାଧ୍ୟମରେ ୬୬ଜଣଙ୍କୁ ପଟ୍ଟା ବଣ୍ଟନ କରିଛନ୍ତି । ଜଳେଶ୍ୱର ବ୍ଲକର ରାଇବଣିଆ ଆଦିବାସୀ ଅଧ୍ୟୁସୀତ ଅଂଚଳଭାବେ ପରିଚିତ । ରାଇବଣିଆ ଥାନା ଅଧିନରେ ୧୪ଟି ପଂଚାୟତ ଥିବା ବେଳେ ଏହାର ମୋଟ ଲୋକ ସଂଖ୍ୟା ୧ଲକ୍ଷ୫ହଜାର । କିନ୍ତୁ ଏହି ଜନସଂଖ୍ୟାର ୮୦ଭାଗ ଲୋକେ ଆଦିବାସୀ ଶ୍ରେଣୀର । ସେମାନଙ୍କ ମଧ୍ୟରୁ ବହୁ ବ୍ୟକ୍ତି ଜଂଗଲ ଜମିରେ ବହୁ ବର୍ଷଧରି ରହି ଆସୁଥିଲେ ମଧ୍ୟ ମାଲିକାନା ସତ୍ୱ ନ ଥିବାରୁ ସରକାରଙ୍କ ବିଭିନ୍ନ ଯୋଜନାରୁ ବଂଚିତ ହୋଇ ଆସୁଥିଲେ । ଏଣିକି ସରକାରଙ୍କ ନିୟମ ଅନୁଯାୟୀ ସେମାନଙ୍କ ମଧ୍ୟରୁ ଆଜି ୬୬ଜଣଙ୍କୁ ଜମିପଟ୍ଟା ଦିଆଯିବା ସଭାରେ ଜିଲାପାଳ ଓ ବିଧାୟକ ଅଶ୍ୱିନୀ ପାତ୍ର ଉପସ୍ଥିତ ଥିଲେ । ରାଜସ୍ୱ, ଜଂଗଲ ଓ ମଂଗଳ ବିଭାଗର ସବୁଜ ସଂକେତ ପରେ ଏହି ଜମିପଟା ବଣ୍ଟନ କରାଗଲା ବୋଲି ଜିଲାପାଳ ପ୍ରକାଶ କରିଥିଲେ । ସରକାର ଜନସାଧାରଣଙ୍କ ସୁଖ, ସ୍ୱାଚ୍ଛନ୍ଦ ଓ ସୁବିଧାକୁ ଲକ୍ଷ୍ୟକରି ଆଇନ୍ ପ୍ରଣୟନ କରିଥିବାରୁ ଆଦିବାସୀମାନେ ଏପରି ମାଲିକାନା ସତ୍ୱ ପାଇପାରିଲେ ବୋଲି ବିଧାୟକ ଅଶ୍ୱିନୀ ପାତ୍ର କହିଥିଲେ । ୨୦୧୮-୧୯ ମସିହାରେ ୮୩ଜଣ, ୨୦୧୯-୨୦ରେ ୧୪୨ ଜଣ ଓ ଆଜି ୬୬ଜଣଙ୍କୁ ଏପରି ପଟ୍ଟା ଦିଆଯାଇଥିବା ବେଳେ ଚଳିତମାସ ଅନ୍ୟ ୩୧ଜଣଙ୍କୁ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ । ଏହି ସଭାରେ ମୁନିନ୍ଦ୍ର ଧର, ସରପଂଚ ପାର୍ବତୀ ବେହେରା, ଅଜୟ ମହାନ୍ତି, ସବିତା ଦଳେଇ, ଦିଲ୍ଲିପ ସାମଲ, ଭୁପତି ମିର୍ଦ୍ଧା, ମାନସ କୁମାର ଜେନା, ବ୍ରିଜଶ ରଣା, ମୂରଲି ଧର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଉପସ୍ଥିତ ବ୍ୟକ୍ତିଙ୍କୁ ମାକ୍ସ ବଣ୍ଟନ ସହିତ ବିଧାୟକ ଶାଳବଣି ଡାକ୍ତରଖାନା ପରିସରରେ ସଫେଇ କରିଥିଲେ ।

## ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ ସୁସ୍ଥ ଭାରତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାରିପଦା,୦୩/୦୯ (ନି.ପ୍ର): ବାରିପଦାସ୍ଥିତ ସ୍ଥାନୀୟ ଛଉ ପଡିଆଠାରେ କେନ୍ଦ୍ରସରକାରଙ୍କ ଯୁବବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟର ନେହେରୁ ଯୁବ କେନ୍ଦ୍ର ମୟୂରଭଞ୍ଜ ଓ ଜାତୀୟ ସେବା ଯୋଜନା ମିଳିତ ସହଯୋଗରେ ଆଜାଦି କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାରସକଣା ବିଧାୟକ ଡାକ୍ତର ବୁଦ୍ଧାନ ମୁର୍ମୁ ଯୋଗ ଦେଇ ସ୍ୱେଚ୍ଛାସେବିମାନଙ୍କୁ ଫିଟ ରହିବାର ମନ୍ତ୍ର ବତାଇଥିଲେ । ଏହି ଅବସରରେ ସମ୍ମାନୀତ ଅତିଥି ଭାବରେ ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାର ଡଃ ସ୍ମୃତି ରଞ୍ଜନ ଦାସ ଯୋଗ ଦେଇ ଫିଟ ରହିବାକୁ ବ୍ୟାୟାମର ଆବଶ୍ୟକତା ରହିଛି ବୋଲି ସ୍ୱେଚ୍ଛା ସେବୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନୀୟ ଅତିଥିଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମହାନ୍ତି, ଆଡ୍‌ଭୋକେଟ ତଥା ସମାଜ ସେବୀ ନରୋ*ମ ପାଣିଗ୍ରାହୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ନେହେରୁ ଯୁବ କେନ୍ଦ୍ରର ମୟୂରଭଞ୍ଜ ଜିଲ୍ଲା ଯୁବ ଅଧିକାରୀ ଶ୍ରୀ ବିଘ୍ନେସ ଏମ. ସମସ୍ତ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ଓ ବିଭିନ୍ନ ଦିଗ ଉପରେ ଉଲ୍ଲେଖ କରିଥିଲେ । ଏହି ଅବସରରେ ସ୍ୱେଚ୍ଛା ସେବୀ ଓ ଅତିଥିମାନଙ୍କ ଦ୍ୱାରା ସୁସ୍ଥ ଭାରତ ସ୍ୱାଧୀନତା ଶପଥ ପାଠ କରାଯାଇଥିଲା । ଏହି ଅବସରରେ ଆୟୋଜିତଗଣ ଦୌଡ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ବିଧାୟକ ଡାକ୍ତର ମୁର୍ମୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ସ୍ୱେଚ୍ଛା ସେବୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସ୍ୱେଚ୍ଛା ସେବିମାନେ ଛଉ ପଡିଆଠାରୁ ବଡ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଗଣ ଦୌଡରେ ସାମିଲ ହୋଇ ସୁସ୍ଥ ସଚେତନତା ବାର୍ତ୍ତା ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ରାଉଳ, ଡଃ ପ୍ରିୟବ୍ରତ ବେହେରା, ମୀରା ସେନାପତି, ବିଜୟା ନାୟକ, ମାନସି ବାରିକ, କନିକା ବୋଷ ପ୍ରମୁଖ ଯୋଗଦାନ ପୂର୍ବକ କାର୍ଯ୍ୟକ୍ରମରେ ସହ ଯୋଗ କରିଥିଲେ । ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଜାତୀୟ ସେବା ଯୋଜନା ସ୍ୱେଚ୍ଛା ସେବୀ, ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛା ସେବୀ ଏବଂ ଏନ.ସି.ସି.ର ସ୍ୱେଚ୍ଛା ସେବୀମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶେଷରେ ମୟୂରଭଞ୍ଜ ନେହେରୁ ଯୁବ କେନ୍ଦ୍ରର ଏ.ପି.ଏସ ଶ୍ରୀ ଅଶୋକ କୁମାର ସାହୁ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ସଦର ବିଧାୟକଙ୍କ ଦ୍ୱାରା ୬ ରାସ୍ତାର ନବୀକରଣ ପାଇଁ ଶିଳାନ୍ୟାସ

ବାଲେଶ୍ୱର,୦୩/୦୯ (ନି.ପ୍ର): ପୂର୍ତ୍ତବିଭାଗକୁ ହସ୍ତାନ୍ତର ହୋଇଥିବା ସହରର ୬ ଗୋଟି ପ୍ରମୁଖ ରାସ୍ତାର ନବୀକରଣ ପାଇଁ ସଦର ବିଧାୟକ ସ୍ୱରୂପ ଦାସ ରବିବାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସହରର ବଳାଙ୍ଗୀ କଲେଜ ସମ୍ମୁଖ ବଡ଼ଖୁଆ ପଡ଼ିଆରେ ଆୟୋଜିତ ପ୍ରଥମ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦାସ ଯୋଗଦେଇ ପୁରୁଣା ବାଲେଶ୍ୱରର ବଡ଼ଖୁଆ ଛକରୁ ମଧୁଆମିଲ ଛକ ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରିଥିଲେ । ବାଲେଶ୍ୱର ସହରର ମଧ୍ୟରେ ଗମନାଗମନ ବ୍ୟବସ୍ଥାର ସୁଧାର ପାଇଁ ମୁଖ୍ୟମନ୍ତ୍ରଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମେ ମୁଖ୍ୟରାସ୍ତା ସହ ଏବେ ପ୍ରମୁଖ ସଂଯୋଗୀକରଣ ରାସ୍ତାଗୁଡକିର ନବୀକରଣ ଆରମ୍ଭ ହୋଇଥିବା ଶ୍ରୀ ଦାସ ସୂଚନା ଦେଇଥିଲେ । ରାସ୍ତା ପ୍ରଶସ୍ତୀକରଣ ଓ ନବୀକରଣ ପାଇଁ ବେଆଇନ ଅବରୋଧ ଉଚ୍ଛେଦ ସହ ଦୁଇ ପାର୍ଶ୍ୱରେ ନାଳ ନିର୍ମାଣ କରାଯିବ ବୋଲି ସେ କହିଥିଲେ । ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ମୋଟ ୫.୫ କିଲୋମିଟର ରସ୍ତାର ନବୀକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବ ବୋଲି ବିଧାୟକ ଶ୍ରୀ ଦାସ ଆଶାପ୍ରକାଶ କରିଥିଲେ । ପରେ ଅନୁରୂପ ଭାବେ ସୁନହଟ କନକ ଦୂର୍ଗା ମନ୍ଦିରଠାରୁ ଉଷାମେଦ ରୋଡ ଦେଇ ହେମକାପଦା ପର୍ଯ୍ୟନ୍ତ ରସ୍ତା ପାଇଁ ଗୋଳାପୋଖରୀ ଛକରେ, ବାଲେଶ୍ୱର ପୌରପାଳିକାରୁ ଦାମୋଦରପୁର ଶ୍ୟାମସୁନ୍ଦର ମନ୍ଦିର ଦେଇ ବାଲିଘାଟ ପର୍ଯ୍ୟନ୍ତ ରାସ୍ତା ପାଇଁ ବଡପୋଲ ଛକରେ, ଟାଉନଥାନାଠାରୁ ହାଣ୍ଡିହାଟ ଗଳି ଓ ନୁରପୁର ରୋଡ଼ର କସବା ସ୍କୁଲ ଦେଇ ନିକାହ ମହଲ ପର୍ଯ୍ୟନ୍ତ ରାସ୍ତା ପାଇଁ ବଂଶଲଘାଟ ଛକରେ, ୫ନଂ ୱାର୍ଡର ନିରଞ୍ଜନ ପଣ୍ଡାଙ୍କ ଘର ନିକଟରୁ ଚିନ୍ତାମଣି ନଗର ଦେଇ କାଦରାବାଦ ମହାଦେବ ମନ୍ଦିର ପର୍ଯ୍ୟନ୍ତ ରସ୍ତା ପାଇଁ ମାନସିଂବଜାର ସ୍କୁଲ ନିକଟରେ ଏବଂ ଚିଡ଼ିଆପୋଲ ଖାଦିମ ସୋ-ରୁମ ନିକଟରୁ ସୁଏଲପୁର ଦେଇ ମଣ୍ଡଳବଜାର ପର୍ଯ୍ୟନ୍ତ ରାସ୍ତା ପାଇଁ ଟାଉନହଲ ଛକ ପ୍ରଭୃତି ସ୍ଥାନରେ ଆୟୋଜିତ ପୃଥକ ପୃଥକ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ଶ୍ରୀ ଦାସ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ କୁମାର ରାଉତ, ପୂର୍ବତନ କାଉନସିଲର ମୀନା ମହାନ୍ତି, ସନତ ଦାସ, ଜୟପ୍ରକାଶ ଦାଶ, ଶେଖ ସାକିର ଖାନ, କୈଳାଶ ଦାଶ, ଶେଖ ରାଜୁଙ୍କ ସମେତ ଉମାଶଙ୍କର ତିଆଡି, ପୂର୍ଣ୍ଣଚନ୍ଦ୍ର ନାୟକ, ମୀନତି ସେଠୀ, ଜଗନ୍ନାଥ ମହାରଣା, ସଞ୍ଜୟ ବେହେରା, ପଙ୍କଜ ଅଗ୍ରୱାଲ, ସୁବ୍ରତ ମହାନ୍ତିଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ବାସିନ୍ଦା ଏଥିରେ ଉପସ୍ଥିତ ଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ବାଲେଶ୍ୱର,୦୩/୦୯ (ନି.ପ୍ର): ପୂଜ୍ୟପୂଜା ନ ରହିଲେ ଦେଶର ପ୍ରଭୁତ କ୍ଷତି ଘଟିବ। ପୂର୍ବଜଙ୍କୁ ମନେ ପକାଇବା ଆମର ପାରମ୍ପରିକ ସଂସ୍କାର। ଏହାର ଯଥାର୍ଥ ପଦକ୍ଷେପ 'ଚନ୍ଦ୍ରଭାଗା' ଦୀର୍ଘ ୩୧ବର୍ଷଧରି ନେଇଆସିଛି ବୋଲି ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ମତ ପ୍ରକାଶ କରିଛନ୍ତି। 'ଚନ୍ଦ୍ରଭାଗା'ର ମାନସିଂବଜାର କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ଯୋଗଦେଇ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ ସହ ମହାନ ଉତ୍କଳୀୟ ପରମ୍ପରା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଜୀଙ୍କୁ ମନେପକାଇବା ପାଇଁ ତାଙ୍କର ପୁତ୍ର କବି ଶ୍ରୀଦେବ, ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତି ଓ ଗୋଲକ ପାତ୍ରଙ୍କ ମହାନୁଭବତା ପ୍ରଶଂସନୀୟ ବୋଲି ସେ କହିଥିଲେ। ୯୪ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ ଏଥିରେ ଯୋଗଦେଇ ଆଗାମୀ ପିଢ଼ିର ପିଲାମାନଙ୍କୁ ସଚେତନ କରାଇବା ସଙ୍ଗେସଙ୍ଗେ ସମଗ୍ର ବିଶ୍ୱ ତଥା ଭାରତବର୍ଷର ଅନିଚ୍ଛାକୃତ ବିଡ଼ମ୍ବନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ସୋପାନକୁ ସମାଜସେବୀ ତଥା 'ରେବତୀ'ର ସଂପାଦିକା ସୁବାସିନୀ ଜେନା ଅଧ୍ୟକ୍ଷତା କରିଥିବା ବେଳେ ପ୍ରଥମ ସୋପାନ ଦେବକାନ୍ତ ଗଂଗାବାରଣ ଦାସ ଅଧିବେଶନକୁ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏଥିରେ କବି ପ୍ରଶାନ୍ତ ଦାସ, ଗାଳ୍ପିକ ଗଂଗାଧର ବିଶ୍ୱାଳ, ଅଂଜନ ଚାନ୍ଦ, ଡ. ହରିଶ୍ଚନ୍ଦ୍ର ବେହେରା, ଯଶୋଧାରା ଦାସ, କ୍ଷୀରୋଦ ବିଶ୍ୱାଳ, ସମାଜସେବୀ ଭାଗବତ ସାହୁ, ଆଇନଜୀବୀ ଅଶୋକ ସେନାପତି, ଉତ୍ପଳ ମହାନ୍ତି, ବରିଷ୍ଠ ସାମ୍ବାଦିକ ରଂଜନ ବାଗ, ସମାଜସେବୀ ନିରଞ୍ଜନ ଖୁଣ୍ଟିଆ, ଅବନୀ ଜେନା, ଅଧ୍ୟାପକ ଆର୍ଯ୍ୟବ୍ରତ, ଅଧ୍ୟାପକ ଶଶିକାନ୍ତ ମହାନ୍ତି, ସୌମ୍ୟରଞ୍ଜନ ପ୍ରଧାନ, କବି ସୁନୀଲ୍ ପଣ୍ଡା, କବି ପ୍ରଶାନ୍ତ କୁମାର, ଗାଳ୍ପିକ ସଞ୍ଜୟ ପଣ୍ଡା, ସତ୍ୟବ୍ରତ ସେଠୀ ପ୍ରମୁଖ ପୂର୍ଣ୍ଣଚନ୍ଦ୍ରଙ୍କ ଜୀବନାବଳୀର କିଛି ଅଂଶ ରଖି ଆଗାମୀ କାଲିର ସମ୍ଭାବନାକୁ ସ୍ୱାଗତ କରିଥିଲେ।

# ଗାନ୍ଧି ଜୟନ୍ତୀ ଅବସରରେ ବିଜେଡିର ମେଗା ରକ୍ତଦାନ ଶିବିର : ୨୧୦ ୟୁନିଟ୍ ସଂଗୃହୀତ



ଜଳେଶ୍ୱର, ୦୨/୧୦(ନିପ୍ର): ବିଜେଡି ସୁପ୍ରିମ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଗାନ୍ଧି ଜୟନ୍ତୀରୁ ୧ ମାସ ବ୍ୟାପି ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଓ ଗ୍ରାମାଂଚଳ ପରିଷ୍କାର ପରିଚ୍ଛନ୍ନତା ଓ ବିଭିନ୍ନ ସ୍ଥାନରେ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ବିଜେଡି ପକ୍ଷରୁ ଆଜି ମାଳିପାଳସ୍ଥିତ ସୁରେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରକୁ ସଫେଇ କରାଯିବା ସହିତ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସରପଂଚ ସତ୍ୟରଂଜନ ଦାସ ସଭାପତିତ୍ୱ କରିଥିଲେ । ବିଧାୟକ ଅଶ୍ୱିନୀ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରକ୍ତର ବିକଳ୍ପ ନ ଥିବାରୁ ଦୁର୍ଘଟଣା, ପ୍ରସୂତୀଙ୍କ ଲାଗି ଓ ଥେଲାସେମିଆ ରୋଗୀଙ୍କ ଆବଶ୍ୟକତାକୁ ଲକ୍ଷ କରି କର୍ମୀମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିବା ଉଚିତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାନସ ଜେନା ଜୀବନବିନ୍ଦୁ କାର୍ଯ୍ୟକ୍ରମର ନିର୍ବାଚନ ମଣ୍ଡଳି ସଭାପତି, ଶ୍ରୀରାମପୁର ସରପଂଚ ଆରତୀ ଗିରି, ଭୂପତି ମିର୍ଦ୍ଧା, ବିନ୍ଦୁବାଳା ନନ୍ଦି, ରଂଗଲତା ଆଚାର୍ଯ୍ୟ, ଅଂଜଳି ବାରିକ, ତପନ ଦାସ, ଅମର ଆଚାର୍ଯ୍ୟ, ବିଦ୍ୟାଧର ମଲ୍ଲିକ, ଜୟନ୍ତ ଦାସ ଅଧିକାରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଆଲୋକ ଗିରି, ସୁକ ମଲ୍ଲିକ, ରାମଚନ୍ଦ୍ର ଘୋଷ, ବିଜୟ ଘୋଷ, ସଦାନନ୍ଦ ଘୋଷ, ବସନ୍ତ ମଲ୍ଲିକ, ଦୀନକୃଷ୍ଣ ମଲ୍ଲିକ, ଶୀବାନୀ ମଲ୍ଲିକ, ନିରଞ୍ଜନ ମଲ୍ଲିକ, ଦେବୁ ଘୋଷ, କେଦାର ଘୋଷ, ପ୍ରବୋଧ ବାରିକ, ଜନ୍ମେଜୟ ଘୋଷ, କମଳଲୋଚନ ପାତ୍ର, ଅନୀଲ ବାରିକ, ମୃତ୍ୟୁଞ୍ଜୟ ଜେନା, ନିର୍ମାଳ ଦାସ, ସୁକୁମାରେ ସରେନ୍, ନଗେନ୍ଦ୍ର ଜେନା, କେଦାର ଜେନା, ଅଂଜନ ଘୋଷ, ମୁକାନ୍ଦ ଜେନର, ସୁରଞ୍ଜନ ଘୋଷ, କାଳିଚରଣ ମାରାଣ୍ଡି, ସୁଧାଂସୁ ଦତ୍ତ ପ୍ରମୁଖ ପରିଚାଳ ନା କରିଥିଲେ । ଶେଷରେ ସରପଞ୍ଚଙ୍କ ପ୍ରତିନିଧି ଆଲୋକ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# କରୋନାରୁ ସୁସ୍ଥ ହେଲେ ୬୦୬ ଆକ୍ରାନ୍ତ

ଭୁବନେଶ୍ୱର,୦୩/୦୯ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ୬୦୬ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୫ ହଜାର ୧୮ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୪୯ ଓ କଟକ ଜିଲ୍ଲାରୁ ଆଜି ୮୫ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ବାଲେଶ୍ୱରରୁ ୩୪, ଜଗତସିଂହପୁରରୁ ୨୮, ମୟୂରଭଂଜ, ସମ୍ବଲପୁରରୁ ୧୯-୧୯, ଯାଜପୁରରୁ ୧୬, ପୁରୀରୁ ୧୩, କେନ୍ଦ୍ରାପଡ଼ାରୁ ୧୧, ଢେଙ୍କାନାଳ ଓ ରାୟଗଡ଼ାରୁ ୯-୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଅନୁଗୁଳରୁ ୮, ଭଦ୍ରକ, ଝାରସୁଗୁଡ଼ା, ନୟାଗଡ଼ରୁ ୭ ଜଣ ଲେଖାଏଁ, କେନ୍ଦୁଝରରୁ ୬, ସୁନ୍ଦରଗଡ଼ରୁ ୪, ଦେବଗଡ଼, ଗଂଜାମରୁ ୩-୩, ବରଗଡ଼, ବଲାଙ୍ଗୀର, କୋରାପୁଟରୁ ୨-୨, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁରରୁ ୧-୧ ଓ ରାଜ୍ୟପୁଲରୁ ୬୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ଅଭିନେତା ମନୋଜ ବାଜପେୟୀଙ୍କ ବାପାଙ୍କ ପରଲୋକ

ନୂଆଦିଲ୍ଲୀ,୦୩/୦୯ (ନି.ପ୍ର): ବଲିଉଡ୍ ଅଭିନେତା ମନୋଜ ବାଜପେୟୀଙ୍କ ବାପା ଆରକେ ବାଜପେୟୀଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା। ରବିବାର ଦିଲ୍ଲୀର ଏକ ଡାକ୍ତରଖାନାରେ ତାଙ୍କର ଦେହାନ୍ତ ହୋଇଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଖବର ପାଇବାପରେ ମନୋଜ ବାଜପେୟୀ କେରଳରେ ସୁଟିଂ ବାତିଲ କରି ତୁରନ୍ତ ଦିଲ୍ଲୀ ଫେରିଛନ୍ତି । ତାଙ୍କ ବାପାଙ୍କର ଦିଲ୍ଲୀରେ ଅନ୍ତିମ ସଂସ୍କାର ହେବ।

# ବସ୍ତା ମାଟିର ଝିଅ ନେହା ନାଗେଶ୍ୱରୀ ମହାନ୍ତିଙ୍କ ରଜ ସୁନ୍ଦରୀ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର

ବସ୍ତା,୦୩/୦୯ (ନି.ପ୍ର): ଓଡିଶାର ଅଗଣିତ ଦର୍ଶକ ଓ ଶୃତା ମାନଙ୍କୁ ଚଳିତ ବର୍ଷ ରଜ ସୁନ୍ଦରୀ ପ୍ରତି ଯୋଗିତାରେ ପଛରେ ପକାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି । ଭାଷା ସାହିତ୍ୟ ସଂସ୍କୃତି ସଂପୂର୍ଣ୍ଣ ବାଲେଶ୍ୱର ସହର ଏବଂ ବସ୍ତା ମାଟି ମାର କୋଳରୁ ଝରଣାଭଳି କୁଳୁକୁଳୁ ନୃତ୍ୟ ଗୀତ ଏକକ ଅଭିନୟ ର ଯାଦୁ ବିମୋହିତ କରି ଅଗଣିତ ଦର୍ଶକ ଓ ଶ୍ରୋତା ଙ୍କୁ ବିମୋହିତ କରି ଚଳିତ ବର୍ଷ ରଜ ସୁନ୍ଦରୀ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବାରୁ ବସ୍ତା ବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି ।ନେହା ନାଗେଶ୍ୱରୀ ମହାନ୍ତି (୧୬) +୨ ବିଜ୍ଞାନ ଛାତ୍ରୀ ଅଟନ୍ତି । ବସ୍ତା ବ୍ଲକ ସଦାନନ୍ଦପୁର ପଞ୍ଚାୟତ ବାରମାଢିଆ ଗ୍ରାମର ରଞ୍ଜନକୁମାର ମହାନ୍ତି ସରସ୍ୱତୀମହାନ୍ତିଙ୍କ ଝିଅ ଅଟନ୍ତି ।



# ନିଖିଳ ଓଡ଼ିଶା ମତ୍ସ୍ୟ ଉତ୍ପାଦକ ମହାସଂଘ ବୈଠକ




ବାଲେଶ୍ୱର,୦୩/୦୯ (ନି.ପ୍ର): ବଳରାମଗଡ଼ି ମତ୍ସ୍ୟଜୀବୀ ସଂଘ ଆନୁକୂଲ୍ୟରେ ନିଖିଳ ଓଡ଼ିଶା ମତ୍ସ୍ୟ ଉତ୍ପାଦକ ମହାସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସଭାପତି କାମେଶ୍ୱର ନାରାୟଣ ପ୍ରହରାଜ, ସମ୍ପାଦକ ସୁମନ୍ତ କୁମାର ବିଶ୍ୱାଳ, ଉପ-ସଭାପତି ତଥା ବଳରାମଗଡ଼ି ମତ୍ସ୍ୟଜୀବୀ ସଂଘର ସଭାପତି ନରେନ୍ଦ୍ର ବିହାରୀ ଦାସ ପ୍ରମୁଖ ଏଥିରେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ରାଜ୍ୟର ମତ୍ସ୍ୟଜୀବୀମାନେ ସାମ୍ନା କରୁଥିବା ବହୁବିଧ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବିଗତ ୫/୭ ବର୍ଷ ଧରି ମତ୍ସ୍ୟଜୀବୀଙ୍କ ସମେତ ଟ୍ରଲର ମାଲିକମାନେ କ୍ଷତି ସହି ଚାଲିଛନ୍ତି ବୋଲି କର୍ମକର୍ତ୍ତାମାନେ କହିଥିଲେ। କୋଭିଡ ମହାମାରୀ ଯୋଗୁଁ ମତ୍ସ୍ୟ ବ୍ୟବସାୟ ଏକ ପ୍ରକାର ବନ୍ଦ ହୋଇ ଯାଇଥିବା ବେଳେ ମତ୍ସ୍ୟଜୀବୀଙ୍କ ସ୍ଥିତି ଦୟନୀୟ ହୋଇପଡ଼ିଛି। ଏହା ସହିତ ଡିଜେଲ, ଜାଲ, ବରଫ ଓ ଅନ୍ୟାନ୍ୟ ଯନ୍ତ୍ରାଂଶର ଅହେତୁକ ମୂଲ୍ୟ ବୃଦ୍ଧି ମତ୍ସ୍ୟ ଉତ୍ପାଦନକୁ ପ୍ରଭାବିତ କରିଛି ବୋଲି ମହାସଂଘର କର୍ମକର୍ତ୍ତାମାନେ କହିଥିଲେ । ଏ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବହୁବାର ଲିଖିତ ଅଭିଯୋଗ କରାଯାଇଥିଲେ ବି ସରକାରୀ ଉଦାସୀନତା ଯୋଗୁଁ ଏହି ଶିଳ୍ପ କ୍ରମଶଃ ରୁଗଣ ଅବସ୍ଥାକୁ ଚାଲିଯାଉଥିବା ସେମାନେ ଆରୋପ କରିଥିଲେ। ଭାରତର ଅନ୍ୟାନ୍ୟ ରାଜ୍ୟରେ ମତ୍ସ୍ୟଜୀବୀମାନଙ୍କ ପାଇଁ ଡିଜେଲ ଉପରେ ରିହାତି ଦିଆଯାଉଥିବା ବେଳେ ଓଡିଶା ସରକାର ଏଥିପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ପରିତାପର ବିଷୟ। ମତ୍ସ୍ୟ ବ୍ୟବସାୟରୁ ରାଜ୍ୟ ସରକାର ପ୍ରତିବର୍ଷ ପ୍ରତ୍ୟକ୍ଷ ଭାବେ ପ୍ରାୟ ୮୦୦କୋଟି ଏବଂ ପରୋକ୍ଷ ଭାବେ ୨ହଜାର କୋଟିରୁ ଅଧିକ ଟଙ୍କାର ରାଜସ୍ୱ ପାଉଥିବା ବେଳେ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ପ୍ରତି ଉଦାସୀନତା ପୋଷଣ ଦୁର୍ଭାଗ୍ୟର ବିଷୟ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସରକାରୀ କଟକଣା ଆଳରେ ଜଙ୍ଗଲ ବିଭାଗ ପକ୍ଷରୁ ବେଆଇନ ଭାବେ ମାଛଧରା ବୋଟ ଜବତ ସାଙ୍ଗକୁ ଗିରଫ କର୍ମଚାରୀଙ୍କୁ ନିର୍ଯାତନା ଦେବା କେଉଁ ନ୍ୟାୟର ବୋଲି କର୍ମକର୍ତ୍ତାମାନେ ପ୍ରଶ୍ନ କରିଥିଲେ। ନିୟମ ମାନୁ ନଥିବା ଟ୍ରଲରଙ୍କୁ ଧରିବା ପରିବର୍ତ୍ତେ ଅନ୍ୟମାନଙ୍କୁ ଧରି ନିର୍ଯାତନା ଦେବାକୁ କେବେ ବରଦାସ୍ତ କରାଯିବ ନାହିଁ ବୋଲି ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ପ୍ରତି ସରକାର ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ଶୀତକାଳୀନ ବିଧାନସଭା ଅଧିବେଶନ ବେଳେ ଓଡ଼ିଶାର ସମସ୍ତ ମତ୍ସ୍ୟଜୀବୀମାନେ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଆଜିର ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

# ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ୨ୟ ଶ୍ରାଦ୍ଧ ବାର୍ଷିକ ଓ ପୁସ୍ତକ ଉନ୍ମୋଚିତ

ଭଦ୍ରକ,୦୩/୦୯ (ନି.ପ୍ର): ଭଦ୍ରକର ସୁନାମଧନ୍ୟ ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ଯତୀନ୍ଦ୍ର ମୋହନ ମହାନ୍ତିଙ୍କର ୨ୟ ବାର୍ଷିକ ଶ୍ରାଦ୍ଧୋତ୍ସବ ଓ ପୁସ୍ତକ ଉନ୍ମୋଚନ ସଭା ଭଦ୍ରକ ଓକିଲ ସଂଘ ସଦନରେ ସଂଘର ସଭାପତି ଦିଲ୍ଲିପ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବରେ ଭଦ୍ରକ ଜିଲ୍ଲା ଜଜ୍ ଶିଶିର କୁମାର ରଥ ଯୋଗ ଦେଇ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ଉପରେ ନିଜର ମତ ରଖିଥିଲେ। ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଯତୀନ୍ଦ୍ର ମୋହନ ସ୍ମୃତି ସଂସଦର ସଂପାଦକ ପ୍ରଫେସର ଅଟଳ ବିହାରୀ ନାୟକ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ସ୍ୱର୍ଗତ ମହାନ୍ତିଙ୍କ ସହ ତାଙ୍କର ବ୍ୟକ୍ତିଗତ ଅନୁଭୂତି ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଭାବରେ ଭଦ୍ରକର ବରିଷ୍ଠ ଅଧିବକ୍ତା ନିରାକାର ଜେନା ମଧ୍ୟ ନିଜର ସ୍ମୃତି ତର୍ପଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମହାନ୍ତିଙ୍କ ଲିଖିତ 'ଆଲୋକିତ ବିଭାବରୀ' ପୁସ୍ତକର ୨ୟ ସଂସ୍କରଣକୁ ଲୋକାର୍ପିତ କରିବା ସହ ସ୍ମୃତି କମିଟି ଦ୍ୱାରା ଯୁବ ଆଇନଜୀବୀ ବିଷ୍ଣୁବ୍ରତ ବିଶ୍ୱାଳଙ୍କୁ ମାନପତ୍ର ଉପଢୌକନ ଦେଇ ଜିଲ୍ଲାଜଜ୍ ଶ୍ରୀଯୁକ୍ତ ରଥ ସମ୍ମାନିତ କରିଥିଲେ। ଏହି ସଭାରେ ସ୍ୱର୍ଗତ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଅଧିବକ୍ତା ଦିବ୍ୟସିଂହ ନାୟକ, ଅରୁଣ ଚାନ୍ଦ,ପବନ ଶର୍ମା ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିବା ସହ ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ଓକିଲ ସଂଘର ସଂପାଦକ ଜିତେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କର ପୁତ୍ର କୃଷ୍ଣଚନ୍ଦ୍ର ମହାନ୍ତି,ହରିଶ୍ଚନ୍ଦ୍ର ମହାନ୍ତି, ଓକିଲ ସଂଘର ସମସ୍ତ ସଦସ୍ୟ, ରାୟ ରାମାନନ୍ଦ ମହାପାତ୍ର, ଯତିକାନ୍ତ ନାୟକ, ଗିରିଧାରୀ ନାଥ, ସନ୍ତୋଷ ଆଚାର୍ଯ୍ୟ, ତଥା ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଓକିଲ ସଂଘର ସଦସ୍ୟମାନେ ପରିଚାଳନା କରିଥିଲେ।

# 'ପ୍ରତିଶ୍ରୁତି' ତରଫରୁ ଜିଲ୍ଲାପାଳଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସ୍ମୃତି ସମ୍ମାନ



ବାରିପଦା,୦୩/୦୯ (ନି.ପ୍ର): ନିଜର ଚେଷ୍ଟା, ନିଷ୍ଠା, ଅଧ୍ୟବସାୟ, କଠିନ ପରିଶ୍ରମ ତଥା ତ୍ୟାଗପୂତ ଜୀବନ ମଣିଷକୁ ଯଶସ୍ୱୀ କରେ। ସେ ହୋଇଯାଏ କୋଟିଏରେ ଗୋଟିଏ। ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରେ। ତା'ର କର୍ମ ତାକୁ ସମାଜରେ ଦୀର୍ଘଦିନ ପାଇଁ ସ୍ମରଣୀୟ କରିଦିଏ। ସେହିପରି ବିରଳ ଓ ବିଶିଷ୍ଟ ପ୍ରତିଭାର ଅଧିକାରୀ ମୟୂରଭଞ୍ଜର ଯଶସ୍ୱୀ ଜିଲ୍ଲାପାଳ ବିନୀତ ଭରଦ୍ୱାଜ। ଜିଲ୍ଲାରେ ଦାୟିତ୍ୱ ବହନ କଲାଠାରୁ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିବା ଜିଲ୍ଲାପାଳଙ୍କୁ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ପୁଣ୍ୟଶ୍ଳୋକ ମହାରାଜାଙ୍କ ସ୍ମୃତିରେ ସମର୍ପିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସ୍ମୃତି ସମ୍ମାନ ୨୦୨୧ ପ୍ରଦାନ କରାଯାଇଛି। ଏକ ନିରାଡମ୍ବର ପରିବେଶରେ ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନା ଓ ପ୍ରତିଷ୍ଠାତା ସମ୍ପାଦକ ତଥା ସୁ ସାହିତ୍ୟିକ ଭାଗବତ ପଣ୍ଡା ଜିଲ୍ଲାପାଳଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଉକ୍ତ ସମାରୋହରେ ଜିଲ୍ଲା ଜରୁରୀ କାଳିନ ଅଧିକାରୀ ସୁଜୟ କୁମାର ପତି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଅଧିକନ୍ତୁ ମାନବ ସେବା ହିଁ ମାଧବ ସେବାକୁ ଚରିତାର୍ଥ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିବା ଓ "ରକ୍ତଦାନ ମହାପୁଣ୍ୟ" ବୋଲି ବିର କରି ନିଜ ଶରୀରରୁ ୯୭ଥର ରକ୍ତଦାନ କରି ଦୁଃସ୍ଥ, ଅସହାୟ ଓ ଦରିଦ୍ର ରୋଗୀ ମାନଙ୍କ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିବା ନୀରୋଜ କୁମାର ପୋଥାଳଙ୍କୁ ମଧ୍ୟ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ସ୍ମୃତିରେ ସମର୍ପିତ ଉତ୍କଳମଣି ଗୋପବନ୍ଧୁ ସେବା ସମ୍ମାନ ପ୍ରଦାନ କରାଯାଇଛି। ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଶ୍ରୀ ପୋଥାଳଙ୍କୁ ସମ୍ବର୍ଦ୍ଧିତ କରି ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ମାନପତ୍ର ପାଠ କରିଥିଲେ "ପ୍ରତିଶ୍ରୁତି"ର ସମ୍ପାଦକ ଭାଗବତ ପଣ୍ଡା। ଏହି ସମାରୋହରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପି.ଅନ୍ୱେଷା ରେଡ୍ଡୀ ଉପସ୍ଥିତ ଥିବାବେଳେ ଜରୁରୀ ଅଧିକାରୀ ସୁଜୟ କୁମାର ପତି କାର୍ଯ୍ୟକ୍ରମକୁ ପରିଳନା କରିଥିଲେ। ପରିଶେଷରେ ସମ୍ପାଦକ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# 'ମଧୁବୈଶ୍ୟ ସମାଜ'ପକ୍ଷରୁ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଜୟନ୍ତୀ

ବାଲେଶ୍ୱର,୦୩/୦୯ (ନି.ପ୍ର): ବାଲେଶ୍ୱର ଜିଲା 'ମଧୁବୈଶ୍ୟ ସମାଜ' ପକ୍ଷରୁ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଜୟନ୍ତୀ ସହରର ବାରବାଟୀଠାରେ ପାଳିତ ହୋଇଯାଇଛି। ଅଭିରାମ ସାହୁଙ୍କ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ବିଶ୍ୱନାଥ ସାହୁ ସଭାପତିତ୍ୱ କରିଥିଲେ। ସଙ୍ଗଠନର ସମ୍ପାଦକ ଯୋଗେନ୍ଦ୍ର ସାହୁ ଲକ୍ଷ୍ମୀନାରାୟଣ ସାହୁଙ୍କ ଜୀବନୀ ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ବିମଳ ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଲକ୍ଷ୍ମୀନାରାୟଣ ସାହୁଙ୍କ ଜୀବନାଦର୍ଶ ଓ ବହୁବିଧ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ କୈଳାସ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗଠନର ଜିଲା ସମ୍ମିଳନୀ ଆସନ୍ତା ଡିସେମ୍ବର ମାସ ୧୪ ତାରିଖରେ ଆୟୋଜନ ପାଇଁ ଏହି କାର୍ଯ୍ୟକ୍ରମରେ ସିଦ୍ଧାନ୍ତ ନିଆଯାଇଥିଲା। ଅନୁଷ୍ଠାନର ଯୁବ ଶାଖା ସଭାପତି ଅଭିରାମ ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନତା ଦେଖାଇଲେ ଆର୍ଯ୍ୟ ସେବା ସଂଘ



ବାଲେଶ୍ୱର,୦୩/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ୍ ଅନ୍ତର୍ଗତ ବରୁଣଗଡିଆ ଗ୍ରାମ ପଞ୍ଚାୟତ ଅଧୀନ ବଡ଼ ଗଡ଼ିଆ ଗ୍ରାମରେ ଶ୍ରୀଯୁକ୍ତ ସୃଷ୍ଟିଧର ବେହେରାଙ୍କ ପୁଅ ଭବେଶ ବେହେରା ଗତ ୧୩ ଅଗଷ୍ଟ ରେ ୬୦ ନମ୍ବର୍ ଜାତୀୟ ରାଜପଥ ନିକଟରେ କ୍ଷୀର ବ୍ୟବସାୟ ସାରି ଘରକୁ ଫେରୁଥିବା ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିବାରୁ ଅସହାୟ ବୃଦ୍ଧ ବାପା ମା ପୁଅର ଜୀବନ ବଞ୍ଚାଇବା ପାଇଁ ଭିକ୍ଷାବୃତିକୁ ଆପଣେଇଥିଲେ।ଏହି ଖବର ବିଭିନ୍ନ ଗଣମାଧ୍ୟମ ରେ ପ୍ରସାରିତ ହେବାର ଦେଖି ଆର୍ଯ୍ୟ ସେବା ସଂଘ ସେହି ଅସହାୟ ବୃଦ୍ଧ ବାପା ମା ଙ୍କ ମୁହଁରେ ହସ ଫୁଟେଇବାକୁ ପ୍ରୟାସ କରିଛି। ସଂଘର ସଦସ୍ୟ ମାନଙ୍କ କିଛି କିଛି ଆର୍ଥିକ ଅନୁଦାନ ତଥା ରୂପସା ଅଞ୍ଚଳର କିଛି ବ୍ୟବସାୟୀ, ରୂପସା ମାଲ ଗୋଦାମ ରେ ନିୟୋଜିତ ଶ୍ରମିକ ମାନଙ୍କର କିଛି କିଛି ସହଯୋଗ ସମେତ ବିଭିନ୍ନ ପ୍ରାନ୍ତରୁ ବଦାନ୍ୟ ବ୍ୟକ୍ତିଙ୍କ ବଳରେ ଆଜି ସେହି ବାପା ମା ଙ୍କୁ ପୁଅର ଚିକିତ୍ସା ପାଇଁ ନଗଦ ୧୦,୦୦୦ ଟଙ୍କା ତଥା ରାସନ ସାମଗ୍ରୀ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଘର ମାର୍ଗଦର୍ଶକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ସମେତ ସ୍ଥାନୀୟ ସରପଞ୍ଚ ଲିପିକା ରାଉଳ ଓ ଉପଦେଷ୍ଟା କମିଟିର ସଦସ୍ୟସଦସ୍ୟା ତଥା ଆର୍ଯ୍ୟ ସେବା ସଂଘ ର ସମସ୍ତ କର୍ମକର୍ତ୍ତା ମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଆବଶ୍ୟକ ସ୍ଥଳେ ନିଜର ସକ୍ଷମ ଅନୁସାରେ ସହଯୋଗ କରିବେ ବୋଲି ସଂଘର ସଭାପତି ଗଣେଶ କୁମାର ପାଢ଼ୀ ପ୍ରତିଶ୍ରୁତି ଦେଇଥିଲେ।

# ପ୍ରେସ୍ ରିଲିଜ୍ ଚଳଚ୍ଚିତ୍ର 'ଲଭ୍ ଡାଏରୀ'

## ଖୁବ ଶୀଘ୍ର ପରଦାକୁ ଆସୁଛି ନୂଆ ଓଡିଆ ଚଳଚ୍ଚିତ୍ର 'ଲଭ୍ ଡାଏରୀ'



ଭୁବନେଶ୍ୱର,୦୩/୦୯(ନି.ପ୍ର): ଓଡିଆ ସିନେ ଦର୍ଶକଙ୍କ ମନେରଞ୍ଜନ ପାଇଁ ସମ୍ପୂର୍ଣ୍ଣ ମୌଳିକ କାହାଣୀ ଉପରେ ପର ?ୟବେଶୀତ ନୂଆ ଓଡିଆ ଚଳଚ୍ଚିତ୍ର " ଲଭ୍ ଡାଏରୀ"ର ଶୁଭ ମହୁରତ ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଚି । ଷ୍ଟୁଡିଓ 'ଥ୍ରୀ ସିକଷ୍ଟି ଫାଇଭ୍" ( ଷ୍ଟୁଡିଓ ୩୬୫)ବ୍ୟାନରରେ ନିର୍ମିତ ଏବଂ ଯୁବ ପ୍ରଯୋଜକ କେ ତମନ୍ନାଙ୍କ ପ୍ରଯୋଜନାରେ ନିର୍ଦ୍ଦେଶନାର ଦାୟିତ୍ୱ ସମ୍ଭାଳିଛନ୍ତି ଓଲିଉଡର ଲୋକପ୍ରିୟ ନିର୍ଦ୍ଦେଶକ ଏସ୍ ଦିଲିପ୍ ପଣ୍ଡା । ଚଳଚ୍ଚିତ୍ରରେ ଡ ରଜନି ରଂଜନଙ୍କ ବଳିଷ୍ଠ କାହାଣୀ ଓ ଦମଦାର ଡାଏଲଗ୍ ସହିତ ନବାଗତ ନାୟକ ସିଦ୍ଧାର୍ଥ ଓ ସୁଭଶ୍ରୀ ପରଦାରେ ଭରପୁର ଅନସ୍କ୍ରିନ୍ ରୋମାନ୍ସରେ ଦର୍ଶକଙ୍କୁ ମତୁଆଲା କରିବେ ବୋଲି ପ୍ରଯୋଜକ କେ ତମନ୍ନା ଆଶାବ୍ୟକ୍ତ କରିଛନ୍ତି । ଏହା ସହିତ ବର୍ଷିଆନ୍ ଅଭିନେତ୍ରୀ ପ୍ରତିଭା ପଣ୍ଡା, ଦୁର୍ଦ୍ଦାନ୍ତ ଖଳନାୟକ କେକେ, ପ୍ରିୟଙ୍କା, ଭୂପତି ତ୍ରିପାଠୀ, ଜୀବନ ପଣ୍ଡା ଓ ବୁଲୁଙ୍କ ଅଭିନୟ ଦର୍ଶକଙ୍କୁ ଥୀଏଟରରେ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ ବୋଲି ନିର୍ଦ୍ଦେଶ ଶ୍ରୀ ପଣ୍ଡା କହିଛନ୍ତି । ସିନେମାରେ ଯୁବପିଢୀଙ୍କ ଆଙ୍କାକ୍ଷାକୁ ଆଗରେ ରଖି ସଂଗୀତର ଯାଦୁକର ବୈଦନାଥ ଦାସଙ୍କ ସଂଗୀତ ନିର୍ଦ୍ଦେଶନାରେ ଗୀତିକାର ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ ଓ ଡ ସୁଭ ଦାସଙ୍କ ଗୀତ ରଚନାରେ କଣ୍ଠଦାନ କରିଛନ୍ତି ଓଲିଉଡ୍ ମ୍ୟୁଜିକ୍ ଇଣ୍ଡଷ୍ଟ୍ରିର ସେନସେସନ ହ୍ୟୁମାନ ସାଗର, ଅସୀମା ପଣ୍ଡା,ଅର୍ପିତା ଚୌଧୁରୀ ଓ କୁଲଦିପ ପଟ୍ଟନାୟକ। । ସିନେମାଟିକୁ ଦର୍ଶକଙ୍କ ନିକଟରେ ପ୍ରଚାର ଓ ପ୍ରସାରର ଦାୟିତ୍ୱ ରାଜ୍ୟର ଅଗ୍ରଣୀ ପିଆର୍ ଅନୁଷ୍ଠାନ ଗ୍ଲାମର ସେଭେଣ୍ଟି ସେଭେନ ( ଏଖଇଗଡଟଜ ୭୭)ର ନିର୍ଦ୍ଦେଶକ ସଞ୍ଜୟ ମହାକୁଡ ନେବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଯୋଜକ ସୁଶିଲ୍ କୁମାର କର ଓ ରବିନ୍ଦ୍ର ପଣ୍ଡାଙ୍କ ସମେତ ସିନେ ଜଗତର କଳାକାର ଉପସ୍ଥିତ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo